

କିଆରାଙ୍କ 'ଟକ୍ସିକ୍' ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-180 ◆FRIDAY ◆26 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୮୦ ◆ଶୁକ୍ରବାର ◆୨୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ

## ୭ ଯୋଜନାରେ ଅନୁଦାନ ହ୍ରାସ; ମନ୍ଥର ହେବ ଗ୍ରାମୀଣ ବିକାଶ

■ ଭୁବନେଶ୍ୱର, ୨୫।୧୨ (ସମିସ): ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ବିକାଶର ଗତି ଡବଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ମାତ୍ର କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏହି ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଅନେକ ଫରକ ଜଳଜଳ ଦିଶୁଛି। କେନ୍ଦ୍ର ସରକାର ୭ଟି ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅର୍ଥ ହ୍ରାସ ପରେ ଏବେ ଓଡ଼ିଶାବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସବୁ ଯୋଜନାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଥିବାବେଳେ ଏହା ରାଜ୍ୟର ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୮ଟି ଯୋଜନା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ସାମିଲ ରହିଛି। ଏମଜିଏନଆରଇଜିଏସ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୯୦୬ କୋଟି ଟଙ୍କା ପ୍ରଦାନ କରିଥିଲେ। ମାତ୍ର ୨୦୨୪-୨୮ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୧୧୪୨ କୋଟି ଟଙ୍କା ହ୍ରାସ କରି ୩୭୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏବେ 'ମନରେଗା' ଉଚ୍ଛେଦ କରାଯାଇ ଭିବି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ଅଧିକ ବୋଝ ବଢ଼ିଛି।

### 'ଆବାସ'ରେ କଟିଲା ୩୪୮୫ କୋଟି ଟଙ୍କା

### ଗ୍ରାମୀଣ କର୍ମନିଯୁକ୍ତିରେ କମିଲା ୧୧୪୨ କୋଟି

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୩-୨୪ରେ କେନ୍ଦ୍ର ସରକାର ୪୩୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ୨୦୨୪-୨୫ରେ ଏଥିରେ ୩୪୮୫ କୋଟି ଟଙ୍କା କାଟିଦେଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଏ ଯୋଜନା ବାବଦରେ ଓଡ଼ିଶାକୁ ମାତ୍ର ୮୨୫ କୋଟି ଟଙ୍କା ଦେଇଥିବା ବେଳେ ଏଥିଯୋଗୁଁ ରାଜ୍ୟର କଚ୍ଚାଘରକୁ ପକ୍କାଘରରେ ପରିଣତ ଯୋଜନା ମନ୍ଥର ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ରେ ୧୨୬୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ୨୦୨୪-୨୫ ମସିହାରେ ଏଥିରେ ମଧ୍ୟ ଅର୍ଥ ହ୍ରାସ କରି କେନ୍ଦ୍ର ସରକାର ମାତ୍ର ୭୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଯୋଜନା ମଧ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶାକୁ ଗତ ଆର୍ଥିକ ବର୍ଷରେ ଟଙ୍କାଟିଏ ମଧ୍ୟ ଦିଆଯାଇନଥିବା ବେଳେ ▶ପୃଷ୍ଠା-୭

# ଏନ୍‌କାଉଣ୍ଟର୍‌ରେ ୬ ନକ୍ସଲ ମୃତ



### ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ମୃତ

### କମ୍ବିଂ ଅପରେସନ ଜୋରଦାର

■ ଫୁଲବାଣୀ/ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୧୨ (ସମିସ): କନ୍ଧମାଳ ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଚକାପାଦ ଥାନା ଚାହାଳି ପଞ୍ଚାୟତର ରମ୍ଭା ଫରେଷ୍ଟ ରେଞ୍ଜ ଗସମା ଜଙ୍ଗଲରେ ୪ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ବେଲଘର ଥାନା ଅଞ୍ଚଳରେ ୨ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ଥିବା ସୂଚନା ମିଳିଛି। ବାକିମାନଙ୍କର ପରିଚୟ ଜଣାପଡ଼ିନାହିଁ। ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ▶ପୃଷ୍ଠା-୭

## ଶାହାଙ୍କ ପ୍ରଶଂସା

■ ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜଙ୍ଗଲରେ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଓଇକେଙ୍କ ସମେତ ୬ ଜଣ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା 'ନକ୍ସାଲ ମୁକ୍ତ ଭାରତ' ଅଭିଯାନ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିସହ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥାତ ଓଡ଼ିଶା ଖୁବ୍‌ଶୀଘ୍ର ମାଓମୁକ୍ତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଗଣେଶଙ୍କ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଓ ସେ ଓଡ଼ିଶା ସଂଗଠନର ମୁଖ୍ୟ ଥିଲେ।

**ଧନୁଯାତ୍ରା ହେଲା ଶେଷଯାତ୍ରା**

# ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ; ୨ ମୃତ

■ କୋମନା, ୨୫।୧୨ (ସମିସ): କିଟିକିଟି ଅନ୍ଧାରରେ ବାଇକ୍ ସହ ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ। ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ରେ ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ହାତୀସରା ଗ୍ରାମର ହରିଚନ୍ଦ୍ର ପଟେଲ (୧୯) ଏବଂ ବାବେଘାଟି ଗ୍ରାମର ଶୁଭରାମ ହଂସ (୧୯)। ରଞ୍ଜିତ ହଂସ (୧୯) ଗୁରୁତର ଆହତ ହୋଇଥିବା ବେଳେ ଭାଗବତ ମାଝୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନାନୁଯାୟୀ, ତରବୋଡ଼ରେ ଏବେ ଧନୁଯାତ୍ରା ଚାଲିଛି। ବୁଧବାର ରାତିରେ ୪ସାଙ୍ଗ ହରିଚନ୍ଦ୍ର, ଶୁଭରାମ, ରଞ୍ଜିତ ଓ ଭାଗବତ ଏକ ବାଇକ୍‌ରେ ଯାତ୍ରା ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଡଙ୍ଗାଘାଟ ନିକଟରେ ବାଇକ୍‌ଟି ▶ପୃଷ୍ଠା-୭

**ଖସୁଛି ପାରଦ**

# ଓଡ଼ିଶା ଉପରେ ଘନ କୁହୁଡ଼ିର ଚାଦର

■ ଭୁବନେଶ୍ୱର,୨୫।୧୨(ସମିସ): ପାରଦ ଖସୁଛି, କୁହୁଡ଼ି ବଢ଼ୁଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ରାଜ୍ୟର କିଛି କିଛି ସ୍ଥାନରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଅବସ୍ଥିତ ଯୋଗୁଁ କୁହୁଡ଼ି ପରିସ୍ଥିତି ଜାରି ରହିଛି। ଅନ୍ୟପକ୍ଷରେ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ଫଳରେ ଜାନୁଆରୀ ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଲଘୁଚାପ ସୃଷ୍ଟି ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯଦି ବି ଏହା ହୁଏ, ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ।

### ଜାନୁଆରୀରେ ଲଘୁଚାପ ସୃଷ୍ଟି ସମ୍ଭାବନା

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ କେନ୍ଦୁଝର, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ଗୁରୁବାର ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ କୁହୁଡ଼ି ସ୍ଥିତି ଲାଗି ରହିବାରୁ ଯାତାୟାତରେ ଅନେକ ସମସ୍ୟା ଉପୁଜୁଥିଲା। ଭୁବନେଶ୍ୱରରେ ମଧ୍ୟ ଘନ କୁହୁଡ଼ି ଲାଗିରହିଥିଲା। ପାଣିପାଗ କେନ୍ଦ୍ର କହିଛି ଯେ, ଆଗାମୀ ୫ଦିନ ଯାଏଁ ପାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ଶୀତ ସାଙ୍ଗକୁ କୁହୁଡ଼ି ସ୍ଥିତି ଲାଗି ରହିବ। ଏହି ସମୟ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ଘନ କୁହୁଡ଼ି ଅନୁଭୂତ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ▶ପୃଷ୍ଠା-୭

# ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

■ ଢାକା, ୨୫।୧୨ (ଏଜେନ୍ସି): କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ଉପଦ୍ରବୀ, ଦଙ୍ଗାକାରୀ, ଅପରାଧୀଙ୍କୁ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏବେ ଆଉ ଜଣେ ହିନ୍ଦୁଙ୍କୁ ବାଂଲାଦେଶରେ ପିଟି ପିଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟାରେ ରାଜବାଡୀ ଜିଲ୍ଲା ହୋସେନଡାଙ୍ଗା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ମୃତକର ନାମ ଅମୃତ ମଣ୍ଡଳ ଓରଫ ସମ୍ରାଟ (୨୯) ବୋଲି ପୁଲିସ କହିଛି।

ଏହା ପୂର୍ବରୁ ଗତ ୧୮ ତାରିଖରେ ହିନ୍ଦୁ ଯୁବକ ଦୀପୁଙ୍କ ବିରୋଧରେ ଈଶ ନିନ୍ଦାର ମିଥ୍ୟା ଅଭିଯୋଗ ଲଗା ଯାଇଥିଲା। ପୁଲିସ ତାଙ୍କୁ ଚରମପନ୍ଥୀଙ୍କ ହାତରେ ଟେକି ଦେଇଥିଲା। ପରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳି ଦିଆ ଯାଇଥିଲା। ଏହି ଆକ୍ରମଣ ପଛରେ ଦୀପୁଙ୍କ ମୁସଲମାନ ବନ୍ଧୁ ମଧ୍ୟ ସାମିଲ ଥିଲେ। ସେମାନେ ଏକାଠି ଏକ କମ୍ପାନୀରେ କାମ କରୁଥିଲେ। ଏକ କାର୍ଯ୍ୟକ୍ରମରେ ସବୁ ଧର୍ମ ସମାନ କହିବା କେବଳ ଦୀପୁଙ୍କ ଭୁଲ ଥିଲା। ଏଥିପାଇଁ ଷଡ଼ଯନ୍ତ୍ର କରି ତାଙ୍କୁ ମାରି ଦିଆଯାଇଥିଲା।

ପୁଲିସ ସୂଚନା ଅନୁଯାୟୀ, ଜୋର ଜବରଦସ୍ତି ଟଙ୍କା ଆଦାୟ ଅଭିଯୋଗ ଲଗାଇ ଲୋକେ ଅମୃତଙ୍କୁ ପିଟି ପିଟି ମାରି ଦେଇଛନ୍ତି। ମୃତକ ହୋସେନଡାଙ୍ଗା ଗ୍ରାମର ବାସିନ୍ଦା ଥିଲେ। ଏହି ମାମଲାରେ ଅମୃତଙ୍କ ସହଯୋଗୀ ମହମ୍ମଦ ସଲିମକୁ ଗିରଫ କରାଯାଇଛି। ତା' ନିକଟରୁ ଦୁଇଟି ବନ୍ଧୁକ ଜବତ ▶ପୃଷ୍ଠା-୭




**ଦ୍ୱିତୀୟ ଦିନରେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା**

# ଧରାବତରିଲେ ଦେବକୀନନ୍ଦନ

■ ବରଗଡ଼, ୨୫।୧୨ (ସମିସ): ଆକାଶବାଣୀ ସତ ହୋଇଛି। ଦୁରାଚାରୀ କଂସର ମୃତ୍ୟୁ ଭାବେ ସ୍ୱୟଂଜଗତ ପାଳନକର୍ତ୍ତା ବିଷ୍ଣୁ ଦେବକୀନନ୍ଦନ ରୂପରେ ଧରାବତରଣ କରିଛନ୍ତି। ନିଶାର୍ଦ୍ଧରେ କାରାଗାରରେ ମା' ଦେବକୀଙ୍କ ଅଷ୍ଟମ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଛନ୍ତି। ଦେବକୀ ଓ ବସୁଦେବଙ୍କୁ ଛାଡ଼ି କାରାଗାରର ସବୁ ରକ୍ଷକ ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ବେଳେ ଆପେଆପେ କାରାଗାରର ଦୁଆର ଖୋଲିଯାଇଛି। ବେଡ଼ିମୁକ୍ତ ହୋଇଛନ୍ତି ଦେବକୀ-ବସୁଦେବ। ପୁଅର ଜୀବନରକ୍ଷା ପାଇଁ ସଦ୍ୟଜାତ ଶ୍ରୀକୃଷ୍ଣଙ୍କୁ ଧରି ବସୁଦେବ ଗୋପପୁର ଅଭିମୁଖେ ବାହାରିଛନ୍ତି। କିନ୍ତୁ ପ୍ରବଳ ଝଡ଼ତୋଫାନ ସାଙ୍ଗକୁ କୂଳ ଲଘୁଥିବା ଯମୁନା ନଦୀ ପ୍ରଭୁଙ୍କ



ବାଟରେ ଅନ୍ତରାୟ ହୋଇନାହାନ୍ତି। ବସୁଦେବ ଗୋପପୁରରେ ପହଞ୍ଚିବା ପରେ ଯଶୋଦାଙ୍କ ପାଖେ ଶ୍ରୀକୃଷ୍ଣଙ୍କୁ ଶୁଆଇ ବିଜୁଳି କନ୍ୟାଙ୍କୁ ଧରି ପୁଣି କାରାଗାରକୁ ବାହୁଡ଼ି ଆସିଛନ୍ତି। ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଦ୍ୱିତୀୟ ଦିନର ଏହି ଦୃଶ୍ୟ ଦେଖିବାକୁ ଆଜି ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ବସୁଦେବ କାରାଗାର ବାହାରକୁ ଆସୁଥିବା ବେଳେ କୃଷ୍ଣଙ୍କ ଦର୍ଶନ ପାଇ ଦର୍ଶକଙ୍କ ଆଖିରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଲୁହ ନିଗିଡ଼ି ଆସିଥିଲା।

ଆଜି ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନୀହାର ମହାନନ୍ଦ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହ୍ଲାଦ ସହାୟ ▶ପୃଷ୍ଠା-୭

# ବୁଡ଼ାଜାହାଜରୁ କେ-୪ ବାଲିଷ୍ଟିକ୍ ଉତ୍‌କ୍ଷେପଣ

■ ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରର ଆଜି ପରୀକ୍ଷା କରିଛି ଭାରତ। ବଙ୍ଗୋପସାଗର ବିଶାଖାପାଟଣା ଉପକୂଳରେ ଅବସ୍ଥାପିତ ପରମାଣୁ ଶକ୍ତିସପନ୍ନ ବୁଡାଜାହାଜ ଆଇଏନ୍‌ଏସ୍ ଅରିଘାଟରୁ ଏହାର ପରୀକ୍ଷା କରାଯାଇଛି। ପରୀକ୍ଷାରେ ଆଜି



### ୩୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

### ୨ ଟନର ପରମାଣୁ ଅସ୍ତ୍ର ବହନ କ୍ଷମତା

ସଫଳତା ହାସଲ କରିଥିବା ଏହି କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ୩୫୦୦ କିଲୋମିଟର ▶ପୃଷ୍ଠା-୭

# କାର୍ ଉପରେ ଚଢ଼ିଗଲା ବସ୍: ୯ ମୃତ

■ ଚେନ୍ନଇ, ୨୫।୧୨(ଏଜେନ୍ସି): ତାମିଲନାଡୁର କୁଡାଲୋର ଜିଲ୍ଲାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ତୀରୁଚିରାପଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ରାଜ୍ୟ ପରିବହନ ବସ୍‌ର ଟାୟାର ଫାଟିଯାଇଥିଲା। ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ିଯିବା ସହ ବିପରୀତ ଲେନ୍‌କୁ ଚାଲିଯାଇଥିଲା ଓ ସମ୍ମାରୁ ଆସୁଥିବା ଦୁଇଟି କାର୍ ଉପରେ ଚଢ଼ିଯାଇଥିଲା। ଦୁଇଟି ଯାକ କାର୍ ବସ୍ ତଳେ ଫସିଯାଇଥିଲା ଓ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଦୁର୍ଘଟଣାରେ ଦୁଇଟି କାର୍‌ରେ ବସିଥିବା ୭ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୪ ମହିଳା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ତିରୁଚିରାପଲ୍ଲୀ ଓ ପେରାମ୍ବାଲୁର ସରକାରୀ ▶ପୃଷ୍ଠା-୭

# ଜଳିଗଲା ବସ୍: ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ

■ ଚିତ୍ରଦୂର୍ଗା, ୨୫।୧୨(ଏଜେନ୍ସି): କର୍ଣ୍ଣାଟକର ଚିତ୍ରଦୂର୍ଗାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣ ପ୍ରାଣ ହରାଇଛନ୍ତି। ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଯାଉଥିବା ଏକ ସ୍ଲିପର ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ଏଥିରେ ନିଆଁ ଲାଗିଯାଇଥିଲା। ତେବେ କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୃତ୍ୟୁ ସଂଖ୍ୟା ୧୨ ଓ ୧୭ ବୋଲି ଦର୍ଶାଯାଇଛି। ବସ୍‌ରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣା ଜାତୀୟ ରାଜପଥ-୪୮ ରେ ହରିୟୁର ତାଲୁକରେ ଘଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରାତି ୨ଟା ୩୦ରେ ଦ୍ରୁତଗତିରେ ଆସୁଥିବା ଏକ କନଟେନର ଟ୍ରକ୍ ଡିଭାଇଡର ଭାଙ୍ଗିବା ସହ ତାକୁ ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଯାତ୍ରୀମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ବସ୍ ▶ପୃଷ୍ଠା-୭

# ଦିଲ୍ଲୀରେ 'ଅଟଳ କ୍ୟାଣ୍ଟିନ୍'; ୫ ଟଙ୍କାରେ ଭୋଜନ ଥାଳି




ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଡାଲି, ଭାତ,ପରଟା, ପନିପରିବା ଓ ଆଚାର ବିଶିଷ୍ଟ ଏକ ସ୍ୱାଦିଷ୍ଟ ଭୋଜନ ଥାଳିର ମୂଲ୍ୟ ୫୦୦ରୁ ୨, ୦୦୦ ଟଙ୍କା ମଧ୍ୟରେ ମିଳିଥାଏ। ଅବଶ୍ୟ ଏହା ରେଷ୍ଟୋରାଁର ମାନ ଓ ପ୍ରକାର ଏବଂ ସ୍ଥାନ ଉପରେ ନିର୍ଭର କରିଥାଏ। କିନ୍ତୁ ଏବେ ଏହି ଥାଳି ମାତ୍ର ୫ ଟଙ୍କାରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ। ବିଶ୍ୱାସ ନ ହେଲେ ବି ଏହା ସତ ହେବାକୁ ଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା 'ଅଟଳ କ୍ୟାଣ୍ଟିନ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ୪୫ଟି ଅଟଳ କ୍ୟାଣ୍ଟିନ ଆରମ୍ଭ କରାଯାଇଛି। ବାକି ୫୫ଟି କ୍ୟାଣ୍ଟିନର କାର୍ଯ୍ୟ ଖୁବ୍‌ଶୀଘ୍ର ପୂରଣ କରାଯିବ। ଅଟଳ କ୍ୟାଣ୍ଟିନ ଦିଲ୍ଲୀର ଆତ୍ମା ହେବାକୁ ଯାଉଛି। ଏବେ କୌଣସି ବ୍ୟକ୍ତି ଖାଲି ପେଟରେ ଶୋଇବେ ନାହିଁ ବୋଲି ସେ କହିଛନ୍ତି। ଏହି ୪୫ଟି କ୍ୟାଣ୍ଟିନ ଆରକେ ପୁରମ, ଜଙ୍ଗପୁରା, ଶାଲିମାର ବାଗ, ଗ୍ରେଟର କୈଳାଶ, ରାଜଉରୀ ଗାର୍ଡେନ, ନାରେଲା, ବାୱାନା ସମେତ ଅନ୍ୟ ଅଞ୍ଚଳରେ ଖୋଲା ଯାଇଛି। ଏହି କ୍ୟାଣ୍ଟିନଗୁଡିକରେ ଶ୍ରମିକ, ଅସହାୟ ଓ ବସ୍ତିରେ ରହୁଥିବା ପରିବାରଗୁଡିକୁ ମାତ୍ର ୫ ଟଙ୍କାରେ ପେଟପୂରା ଖାଦ୍ୟ ମିଳିପାରିବ। ଭୋଜନରେ ଭାତ, ଡାଲି, ରୁଟି, ଋତୁକାଳୀନ ପନିପରିବା ଓ ଆଚାର ମିଳିବ। ଏହି କ୍ୟାଣ୍ଟିନଗୁଡ଼ିକରେ ପ୍ରତିଦିନ ଦୁଇଥର ଯଥା ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଏବଂ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ରାତ୍ରି ଭୋଜନ ମିଳିବ। ପ୍ରତ୍ୟେକ କ୍ୟାଣ୍ଟିନରେ ପ୍ରତିଦିନ ୫୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଏହି ଯୋଜନାର ହିତାଧିକାରୀଙ୍କ ପାଇଁ ମାନୁଆଲ କୁପନ ବଦଳରେ ଡିଜିଟାଲ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ସମସ୍ତ କେନ୍ଦ୍ରଗୁଡିକ ସିସିଟିଭି କ୍ୟାମେରା ଦ୍ୱାରା ନିରୀକ୍ଷଣ କରାଯିବ।

# ଭୋଟ ପାଇଁ ଏସ୍‌ୟୁଭି, ଥାଇଲାଣ୍ଡ ଟ୍ରିପ୍ ଅଫର

ପୁଣେ, ୨୫ ।୧୨(ଏଜେନ୍ସି): ପୁନେ ମହାନଗର ନିର୍ବାଚନକୁ ଆଉ ୩ ସପ୍ତାହ ବାକିଅଛି। ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ମନଲୋଭା ପ୍ରସ୍ତାବ ଦେବା ଆରମ୍ଭ କରିଛନ୍ତି। ଭିମାନ ନଗରର ଜଣେ ପ୍ରାର୍ଥୀ ଦେଇଥିବା ପ୍ରସ୍ତାବ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ତାଙ୍କୁ ଭୋଟ ଦେଲେ ସେ ୫ ଦିନିଆ ଥାଇଲାଣ୍ଡ ଗସ୍ତର ଖର୍ଚ୍ଚ ବହନ ସହ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟଏକ ୱାର୍ଡରେ ଜଣେ ପ୍ରାର୍ଥୀ ଏସ୍‌ୟୁଭି କାର୍, ଦୁଇ ଚକିଆ ଯାନ ଓ ସ୍ୱର୍ଣ୍ଣ ଅଳଙ୍କାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଥିପାଇଁ ଲକି ଡ୍ର' ଜରିଆରେ ନିର୍ଣ୍ଣୟ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଲୋହଗାନ-ଧାନୋରୀ ୱାର୍ଡରେ ଜଣେ ପ୍ରାର୍ଥୀ ୧୧ ଜଣ ଭୋଟରଙ୍କୁ ୧, ୧୧୦ ବର୍ଗଫୁଟ୍‌ର ଜମି ଲକି ଡ୍ର ମାଧ୍ୟମରେ ଦେବାକୁ ଘୋଷଣା କରିଛନ୍ତି। ଏଥିପାଇଁ ସେ ପଞ୍ଜୀକରଣ ମଧ୍ୟ ଆରମ୍ଭ କରିଛନ୍ତି। ସେହିପରି ଗୃହିଣୀ ଓ ମହିଳା ଭୋଟରଙ୍କୁ ହଜାର ହଜାର ପାଇଥାନି ସାଢ଼ି ଓ ରେଶମ ଶାଢ଼ି ବଣ୍ଟନ କରାଯାଇଛି। ସେହିପରି ଏମାନଙ୍କୁ ସିଲେଇ ମେସିନ ଓ



ସାଇକଲ ମଧ୍ୟ ଦିଆଯାଇଛି। କ୍ରୀଡ଼ା ଉତ୍ସାହୀ ଭୋଟରମାନଙ୍କ ପାଇଁ ଲକ୍ଷେ ଟଙ୍କାର ନଗଦ ପୁରସ୍କାର ଓ କ୍ରିକେଟ ଲିଗ୍ ସ୍ଥାପନ କରାଯାଇଛି।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ଉଦ୍‌ଘାଟନ କରିଛନ୍ତି। ଏଠାରେ ସେ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ପ୍ରେରଣା ସ୍ଥଳରେ ଦୀନଦୟାଲ, ଶ୍ୟାମା ପ୍ରସାଦ ଓ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ପ୍ରତିମାର ଓଜନ ୪୨ ଟନ। ୬୫ ଏକର ଜମିରେ ୨୩୦ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି।

# ୧୭ ବର୍ଷ ପରେ ଫେରିଲେ ଖାଲିଦାଙ୍କ ପୁଅ

**■ ସ୍ୱାଗତ ପାଇଁ ଢାକା ବିମାନ ବନ୍ଦରରେ ଏକ ଲକ୍ଷ ସମର୍ଥକ**
**■ ଶାନ୍ତି ରକ୍ଷା ପାଇଁ ଦେଲେ ଆହ୍ୱାନ**



ଢାକା, ୨୫ ।୧୨(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢାକା ବିମାନ ବନ୍ଦରରେ ରହମାନଙ୍କୁ ସ୍ୱାଗତ ପାଇଁ ତାଙ୍କ ଦଳ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ଲକ୍ଷ କର୍ମକର୍ତ୍ତା ଏକାଠି ହୋଇଥିଲେ। ରହମାନ ଗିରଫ ହେବାର ଆଶଙ୍କାକୁ ଏଡାଇବା ପାଇଁ ୨୦୦୮ରୁ ଲଣ୍ଡନ ଚାଲିଯାଇଥିଲେ। ସେତେବେଳର ଶେଖ ହାସିନା ସରକାର ତାଙ୍କ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଚଳାଇଥିଲେ। ବାଂଲାଦେଶରେ ଆସନ୍ତା ବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦେଶବାସୀ ବେଶ୍ ଗୁରୁତ୍ୱ ଦେଇଛନ୍ତି। ସେ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଦେଶ ସମସ୍ତଙ୍କର ବୋଲି କହିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ନିଷିଦ୍ଧ କରାଯାଇଛି। ଏଭିଳି ସ୍ଥିତିରେ ବିଏନ୍‌ପି ନିର୍ବାଚନ ଜିତିବା ଏକପ୍ରକାର ନିଶ୍ଚିତ ମନେ ହେଉଛି। ବିଏନ୍‌ପି ଅଧ୍ୟକ୍ଷ ଖାଲିଦା ଜିଆ ୮୦ ବର୍ଷର ହୋଇସାରିଥିବାରୁ ଏବେ ଅସୁସ୍ଥତା ଦେଇ ଗତି କରୁଛନ୍ତି। ତେଣୁ ଆଗାମୀ ପ୍ରଧାନମନ୍ତ୍ରୀ ଭାବେ ୬୦ ବର୍ଷୀୟ ରହମାନ ସର୍ବାଗ୍ରେ ଅଛନ୍ତି। ସେ ବାଂଲାଦେଶ ଫେରିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ଶୂନ୍ୟତା ପୂରଣ ହେବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ କହିଛନ୍ତି। ବିମାନ ବନ୍ଦର ପହଞ୍ଚିବା ପରେ ଲୋକେ ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ। ଫଳରେ ଏବେ ବାଂଲାଦେଶ ରାଜନୀତିରେ ନୂଆ ମୋଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

୧୯୬୫ ନଭେମ୍ବର ୨୦ରେ ଜନ୍ମିତ ରହମାନଙ୍କୁ ୧୯୭୧ ମୁକ୍ତି ସଂଗ୍ରାମରେ ଗିରଫ କରାଯିବା ପରେ ଡିସେମ୍ବର ୧୬ରେ ମୁକ୍ତ କରାଯାଇଥିଲା। ୧୯୮୮ରେ ସେ ବାଂଲାଦେଶ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୪ରେ ଜୁବେଦା ରହମାନଙ୍କୁ ବିବାହ କରିଥିଲେ। ୨୦୦୪ରେ ଆୱାମୀ ଲିଗ୍‌ର ରାଲି ଉପରେ ଗ୍ରେନେଡ ଆକ୍ରମଣ କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହୋଇଥିଲେ। ୨୦୦୭ରେ ତାଙ୍କ ବିରୋଧରେ ୮୪ଟି ଦୁର୍ନୀତି ମାମଲା ରୁଜୁ କରାଯାଇଥିଲା। ୨୦୦୮ରେ ଗିରଫକୁ ଏଡାଇବା ପାଇଁ ସେ ଲଣ୍ଡନ ପଳାୟନ କରିଥିଲେ। ୨୦୧୪ରେ ସେ ନିର୍ବାଚନ ବହିଷ୍କାର କରିବାକୁ ଘୋଷଣା କରିଥିଲେ ଓ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଥିଲା। ୨୦୨୬ରେ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୨୦୧୮ ରେ ସେ ବିଏନ୍‌ପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୨୦୨୪ରେ ହସିନାଙ୍କ ଗାଦିଚ୍ୟୁତ ଏକରାଯିବା ପରେ ସେ ବହୁ ଅଭିଯୋଗରୁ ମୁକ୍ତ ହୋଇଥିଲେ।

## ସେନା ଯବାନଙ୍କୁ ଇନ୍‌ଷ୍ଟାଗ୍ରାମ୍ ଅନୁମତି

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଭାରତୀୟ ସେନାବାହିନୀ ତା'ର ଯବାନମାନଙ୍କୁ ସାମାଜିକ ଗଣମାଧ୍ୟମ ଆପ୍ ବ୍ୟବହାର କରିବାକୁ ନେଇ ନୂଆ ନିୟମ ଜାରି କରିଛି। ଯବାନମାନେ ଇନ୍‌ଷ୍ଟାଗ୍ରାମରେ ରିଲ, ଭିଡିଓ ଓ ଫଟୋ ଦେଖିପାରିବେ। କିନ୍ତୁ କମେଣ୍ଟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି। ହ୍ୱାଟ୍ସଆପ, ଟେଲିଗ୍ରାମ ଭଳି ଆପ୍‌ରେ ଯବାନମାନେ ଅଣ-ଗୋପନୀୟ ସୂଚନା ସେୟାର କରିପାରିବେ। ଏହାକୁ ବାଦ୍ ଦେଲେ ୟୁଟ୍ୟୁବ ଓ ଏକ୍ସର ବ୍ୟବହାର କେବଳ ସୂଚନା ପାଇବା ପାଇଁ କରିପାରିବେ ବୋଲି କୁହାଯାଇଛି। ଗତମାସରେ ସେନା ତା'ର ଯୁଦ୍ଧ ୟୁନିଫର୍ମକୁ ପେଟେଣ୍ଟ କରିଥିଲା। ସେନା ଉନ୍ନତ ମାନର ଡିଜିଟାଲ ପ୍ରିଣ୍ଟ ଡିଜାଇନ୍ ପେଟେଣ୍ଟ କରିଥିଲା। ଏହି ତିନି-ସ୍ତର ୟୁନିଫର୍ମ ସୈନିକମାନଙ୍କୁ ସବୁଦିନିଆ ଆରାମ ପ୍ରଦାନ କରିଥାଏ। ଅର୍ଥାତ ସେନାର ବିନା ଅନୁମତି ବିନା କେହି ଏହି ଡିଜାଇନ୍ ସହିତ ୟୁନିଫର୍ମ ତିଆରି, ବିକ୍ରୟ କିମ୍ବା ବ୍ୟବହାର କରିପାରିବେ ନାହିଁ। ଏହା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି।

## ପ୍ରବଳ କୁହୁଡ଼ି ଯୋଗୁଁ ୬୩ ବିମାନ ବାତିଲ୍

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଦେଶରେ କିଛି ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଘନ କୁହୁଡି କାରଣରୁ ଗୁରୁବାର ଏୟାରଲାଇନ୍ସ କମ୍ପାନୀ ଇଣ୍ଡିଗୋର ୬୩ଟି ବିମାନକୁ ବାତିଲ କରାଯାଇଛି। ସେହିପରି ଅପରେସନ ଜନିତ ପ୍ରକ୍ରିୟା କାରଣରୁ ୪ ବିମାନର ଉଡାଣ ରଦ୍ଦ ହୋଇଛି। ଅଗରତାଲା, ଚଣ୍ଡିଗଡ଼, ଡେରାଡୁନ, ବାରଣାସୀ ଓ ବେଙ୍ଗାଲୁରୁ ବିମାନ ବନ୍ଦର କୁହୁଡି ଯୋଗୁଁ ପ୍ରଭାବିତ ହୋଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌ, ପ୍ରୟାଗରାଜ ସମେତ ୫୦ଟି ଉର୍ଦ୍ଧ୍ୱ ଜିଲ୍ଲାରେ ଘନ କୁହୁଡି ଦେଖା ଦେଇଥିଲା। କେତୋଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନରେ ପହଞ୍ଚିଥିଲା। ଗତ ୩ ଦିନରେ ଶୀତ ଓ ପ୍ରବଳ ଥଣ୍ଡା କାରଣରୁ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଉତ୍ତର ଦିଗରୁ ଆସୁଥିବା ପବନ କାରଣରୁ ରାଜସ୍ଥାନରେ ଗୁରୁବାର ଶୀତ ଆହୁରି ବୃଦ୍ଧି ପାଇଛି। ସିକର ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀରେ ପହଞ୍ଚିଛି। ସେହିପରି ମଧ୍ୟପ୍ରଦେଶର ପଚମାଢ଼ୀରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀରେ ପହଞ୍ଚିଛି। ନୂଆବର୍ଷ ଆରମ୍ଭ ହେବା ପର୍ଯ୍ୟନ୍ତ ରାଜ୍ୟର ଏକାଧିକ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

## ହମାସ ମୁଖ୍ୟଙ୍କୁ ହତ୍ୟା ପୂର୍ବରୁ ଭେଟିଥିଲେ ଗଡ଼କରୀ



ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପୂର୍ବତନ ହମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ ଭେଟିଥିଲେ। ଏକ ପୁସ୍ତକ ଉନ୍ମୋଚନ ଅବସରରେ ଗଡ଼କରୀ କହିଛନ୍ତି ଯେ ୨୦୨୪ରେ ଯେତେବେଳେ ସେ ଇରାନ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ଯାଇଥିଲେ ସେତେବେଳେ ସେ ହାନିଆଙ୍କୁ ଭେଟିଥିଲେ। କିନ୍ତୁ କିଛି ଘଣ୍ଟା ପରେ ଇସ୍ରାଏଲ ତାଙ୍କୁ ହତ୍ୟା କରିଛି ବୋଲି ସୂଚନା ମିଳିଥିଲା। ହାନିଆ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ତେହେରାନ ଯାଇଥିଲେ। ସେଠାରେ ମିସାଇଲ ଆକ୍ରମଣରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ହମାସର ସବୁଠାରୁ ବଡ଼ ନେତା ଥିଲେ ବୋଲି ଗଡ଼କରୀ କହିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ପ୍ରାୟ ସବୁ ଦେଶର ନେତା ଯୋଗ ଦେଇଥିଲେ। ସବୁ ଅତିଥିଙ୍କୁ ଏକ ପଞ୍ଚ ତାରକା ହୋଟେଲରେ ରଖାଯାଇଥିଲା। ତାଙ୍କ ହତ୍ୟା ପାଇଁ ଇସ୍ରାଏଲକୁ ଦାୟୀର କରିଥିଲା ଇରାନ।

# ଆମେରିକା ମିଛ ତଥ୍ୟ ଦେଉଛି: ଚୀନ



ବେଜିଂ, ୨୫।୧୨ (ଏଜେନ୍ସି): ଏବେ ଆମେରିକା ଚୀନ୍ ପଛରେ ପଡ଼ିଛି। ନିକଟରେ ପେଣ୍ଟାଗନ ପକ୍ଷରୁ ଜାରି ରିପୋର୍ଟରେ ଚୀନ୍ ବିରୋଧରେ ଭୟଙ୍କର ଅଭିଯୋଗ ଲଗାଯାଇଛି। ଏହି ରିପୋର୍ଟରେ ଭାରତକୁ କେନ୍ଦ୍ରରେ ରଖି ଅନେକ ଦାବି କରାଯାଇଥିଲା। ଭାରତ ସହ ସମ୍ପର୍କରେ ଚୀନ୍ ଦୋମୁହାଁ ନୀତି ଅବଲମ୍ବନ କରୁଥିବା କୁହାଯାଇଥିଲା। ପାକିସ୍ତାନ ସହ ମିଶି ଚୀନ୍ ଭାରତକୁ ଘେରିବା ପାଇଁ ଷଡ଼ଯନ୍ତ୍ର, ଅରୁଣାଚଳ ପ୍ରଦେଶ ହଡ଼ପ ପାଇଁ ଚାଲ୍, ଭାରତ-ଆମେରିକା ସମ୍ବନ୍ଧ ଖରାପ କରୁଥିବା ଅଭିଯୋଗ ଲଗା ଯାଇଥିଲା। ଏବେ ଏହାକୁ ନେଇ ଚୀନ୍ ଆମେରିକାକୁ ଦୃଢ଼ ଜବାବ ଦେଇଛି। ଚୀନ୍ ସ୍ପଷ୍ଟ କରିଛି ଯେ ଭାରତ ସହିତ ଦେଶର ସମ୍ପର୍କ ସୁଧୁରୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଭରସମା ମଜବୁତ ଏବଂ ମତଭେଦକୁ ଦୂର କରିବା ପାଇଁ ସମ୍ବାଦ ଆଗକୁ ବଢ଼ାଇବାକୁ ଚାହୁଁଛି। ଏଥିରେ କୌଣସି ପ୍ରକାରର ଷଡ଼ଯନ୍ତ୍ର କରାଯାଇ ନାହିଁ। ଏବେ ଏଲଏସିର ସ୍ଥିତି ସ୍ଥିର ରହିଛି। ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ।ମାତ୍ର ଭାରତ-ଚୀନ୍ ସମ୍ପର୍କକୁ ଖରାପ କରିବାକୁ ଆମରିକା ପ୍ରୟାସ କରୁଛି। ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ସ୍ଥିତି ସ୍ଥିର ରହିଛି। ଦୁଇ ଦେଶ ମଧ୍ୟରେ ଯୋଗାଯୋଗର ପଥଗୁଡ଼ିକ ସଠିକ୍ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରସଙ୍ଗରେ ଯେକୌଣସି ତୃତୀୟ ଦେଶର ଅନାବଶ୍ୟକ ମନ୍ତବ୍ୟକୁ ଚୀନ୍ ବିରୋଧ କରୁଛି। ଆମେରିକା ଜାଣିଶୁଣି ଚୀନ୍‌ର ପ୍ରତିରକ୍ଷା ନୀତିକୁ ଭୁଲ ଭାବେ ଚିତ୍ରଣ କରୁଛି। ଅନ୍ୟ ଦେଶ ସହ ଚୀନ୍‌ର ସମ୍ପର୍କକୁ ଖରାପ କରିବାକୁ ପ୍ରୟାସ କରାଯାଉଛି। ଅନ୍ୟ ଦେଶ ଉପରେ ନିଜ ସେନା ପ୍ରଭାବ ବଜାୟ ରଖିବା ପାଇଁ ଆମେରିକା ଏପରି କରୁଛି ବୋଲି ଚୀନ୍ ଅଭିଯୋଗ କରିଛି। ଏଭଳି ରିପୋର୍ଟ ଜାରି କରି ଭାରତ-ଚୀନ୍ ମଧ୍ୟରେ ଆମେରିକା ମୁହାଁମୁହିଁ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି।

## ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ-ଗୋଆ ଫରୱାର୍ଡ ମେଣ୍ଟ ବିଜୟୀ

ପଣଜୀ, ୨୫ ।୧୨(ଏଜେନ୍ସି): ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ ଓ ଗୋଆ ଫରୱାର୍ଡ ମେଣ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୫ ବର୍ଷ ପରେ ଏହି ମେଣ୍ଟ ବାଜି ମାରିବାକୁ ସକ୍ଷମ ହୋଇଛି। ଗୋଆ ଫରୱାର୍ଡ ଦଳର ଅଧ୍ୟକ୍ଷ ବିଜୟ ସରଦେଶାଇ କହିଛନ୍ତି ଯେ, ଏହି ବିଜୟ ଏକତାର ଶକ୍ତି, ନିରନ୍ତର କଠିନ ପରିଶ୍ରମ ଓ ଛାତ୍ରମାନଙ୍କ ଦ୍ୱାରା ପ୍ରଗତିଶୀଳ ଦୃଷ୍ଟିକୋଣର ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ବିଜୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସହଯୋଗ ରାଜନୀତିକୁ ଦର୍ଶାଉଛି। ଏହି ବିଜୟ ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ସହ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଡିସେମ୍ବର ୨୩ରେ ଏହି ନିର୍ବାଚନ ହୋଇଥିଲା। କାର୍ଯ୍ୟକାରୀ କମିଟିର ୯ଟି ଆସନରୁ ୮ଟିରେ ମେଣ୍ଟ ବାଜି ମାରିଛି। ସାଇ ବାଲାଚନ୍ଦ୍ର ଦେଶାଇଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି।

# ହାତ ମିଳାଇବେ ଦୁଇ ପାୱାର

ମୁମ୍ବଇ, ୨୫।୧୨ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ୨୦ ବର୍ଷ ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ତାଙ୍କ ଭାଇ ଏମଏନଏସ ମୁଖ୍ୟ ରାଜ ଠାକରେ ଏକାଠି ହୋଇ ମୁମ୍ବଇ ମହାନଗର ନିଗମ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହାର ଦିନକ ପରେ ଏନ୍‌ସିପି ଗୋଷ୍ଠୀରୁ ମଧ୍ୟ ଏଭଳି ଭେଟଘାଟର ଖବର ଆସିଛି। ପୁଣି ଦାଦା-ପୁତାର ଏକାଠି ହେବାର ସମ୍ଭାବନା ରହିଛି। ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବଂ ତାଙ୍କ ଦାଦା ତଥା ଏନସିପି ମୁଖ୍ୟ ଶରଦ ପାୱାର ପୁରୁଣା କଥାକୁ ଭୁଲି ଏକାଠି ହେବାର ସଙ୍କେତ ଦେଇଛନ୍ତି। ଜାନୁଆରୀ ୧୫ରେ ହେବାକୁ ଥିବା ପୁନେ ପୌର ପାଳିକା ନିର୍ବାଚନରେ ଦୁଇ ଗୋଷ୍ଠୀ ଏକାଠି ଲଢ଼ିପାରନ୍ତି। ଏଥିପାଇଁ ଉଭୟ ଗୋଷ୍ଠୀର ନେତାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଉଛି। ଏପରି ହେଲେ ରାଜ୍ୟରେ ନୂଆ ସମୀକରଣ ସୃଷ୍ଟି ହେବ। ଏବେ ବିଜେପି ଉପରେ ସମସ୍ତଙ୍କ ନଜର ରହିଛି। କାରଣ କ୍ଷମତାସୀନ ମହାଯୁତି ମେଣ୍ଟରେ ସାମିଲ ହେବା ପାଇଁ ଦିନେ ଅଜିତ ଦାଦାଙ୍କ ସହ ବିଦ୍ରୋହ କରିଥିଲେ। ଅନେକ ବିଧାୟକଙ୍କୁ ଧରି ସରକାରରେ ସାମିଲ ହୋଇଥିଲେ।

ପୁନେ ପୌର ନିର୍ବାଚନରେ ଏକନାଥ ସିନ୍ଦେଙ୍କ ଶିବେସନା ୪୦ରୁ ୪୫ ଆସନ ଚାହୁଁଛି। ମାତ୍ର ଅଜିତ ଗୋଷ୍ଠୀ ଏତେ ଦେବାକୁ ଚାହୁଁନାହିଁ। ଏପଟେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିବାବେଳେ ସେପଟେ ଅଜିତ ଗୋଷ୍ଠୀ ଦାଦାଙ୍କ ଦଳ ସହ ଆଲୋଚନା ଆରମ୍ଭ କରିଛି। ତେବେ ଶରଦଙ୍କ ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଭଉଣୀ ସୁପ୍ରିୟା ସୁଲେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବୁଧବାର ରାତିରେ ଏଥିପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।

## ନାନ୍ଦେଡରେ କୃଷକଙ୍କ ପରିବାରର ସାମୂହିକ ଆତ୍ମହତ୍ୟା !

ନାନ୍ଦେଡ, ୨୫ ।୧୨(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡ ଜିଲ୍ଲାରେ ଗୁରୁବାର ସକାଳେ ଜଣେ କୃଷକ, ତାଙ୍କ ପତ୍ନୀ ଓ ଦୁଇ ପୁଅଙ୍କ ମୃତଦେହ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ପୁଲିସ ଏହାକୁ ସାମୂହିକ ଆତ୍ମହତ୍ୟା ବୋଲି ଆଶଙ୍କା କରୁଛି। ୫୧ ବର୍ଷୀୟ କୃଷକ ରମେଶ ସୋନାଜି ଲାଖେ ଓ ପତ୍ନୀ ୪୫ ବର୍ଷୀୟା ରାଧାବାଇ ଲାଖେଙ୍କ ମୃତଦେହ ମୁଦଖେଡ ତହସିଲ୍‌ର ଜୱାଲ ମୁନାର ଗାଁରେ ତାଙ୍କ ଘରୁ ଉଦ୍ଧାର କରାଯାଇଥିଲା। ସେହିପରି ୨୫ ବର୍ଷୀୟ ପୁଅ ରମେଶ ଓ ୨୩ ବର୍ଷୀୟ ବରରଙ୍ଗଙ୍କ ମୃତଦେହ ନିକଟସ୍ଥ ରେଳ ଲାଇନ୍‌ରୁ ଉଦ୍ଧାର କରାଯାଇଥିଲା। ଦୁଇଜଣ ଦ୍ରୁତଗତିରେ ଆସୁଥିବା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି। ଫରେନସିକ ଲାବୋରାଟୋରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ସମ୍ପୂର୍ଣ୍ଣ ବୈଷୟିକ ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

# 'ଦୁଷ୍କର୍ମ' ନାମରେ ୧୦ କୋଟି ବଟି ଆଦାୟ; ଦୁଇ ମହିଳା ଗିରଫ



ମୁମ୍ବଇ, ୨୫।୧୨ (ଏଜେନ୍ସି): ମିଥ୍ୟା ଅଭିଯୋଗ ଲଗାଇ ଆଇନର ଅପବ୍ୟବହାର କରିବା ମାମଲା ସାରା ଦେଶରେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବଟି ଆଦାୟ ପାଇଁ ଆଇନର ଅପବ୍ୟବହାର କେମିତି କରାଯାଏ ତାହାର ଜ୍ୱଳନ୍ତ ଉଦାହରଣ ମୁମ୍ବଇରୁ ସାମ୍ନାକୁ ଆସିଛି। ଦୁଇ ଜଣ ମହିଳା ମିଥ୍ୟା ଦୁଷ୍କର୍ମ ଅଭିଯୋଗ ଲଗାଇ ୧୦ କୋଟି ଟଙ୍କା ବଟି ମାଗିବା ମାମଲାରେ ମୁମ୍ବଇ ପୁଲିସ ୨ ମହିଳାଙ୍କୁ ଗିରଫ କରିଛି। ହେମଲତା ଆଦିତ୍ୟ ପଟକର ଓରଫ ହେମଲତା ବାନେ (୩୯) ଏବଂ ଅମରିନା ଇକବାଲ ଜାଭେରି ଓରଫ ଅମିରନା ମାଥ୍ୟୁ ଫର୍ଣ୍ଣାଣ୍ଡିଜଙ୍କୁ ଟଙ୍କା ନେଉଥିବା ସମୟରେ ଆଣ୍ଟି-ଏକ୍ସଟୋର୍ସନ ସେଲ ଧରିଛି। ଉଭୟେ ଜଣେ ବ୍ୟବସାୟୀଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ।

ସୂଚନା ଅନୁଯାୟୀ, ଗୋରେଗାଁଓ ୱେଷ୍ଟରେ ରହୁଥିବା 'ଗୋୟଲ ଆଣ୍ଡ ସନ୍ସ ଇନଫ୍ରା ଏଲଏଲପି'ର ମାଲିକ ଅରବିନ୍ଦ ଗୋୟଲଙ୍କ ପୁଅ ରିତମଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ। ନଭେମ୍ବର ୫ରେ ଯଶଭି ଶାହଙ୍କ ସହିତ ରିତମଙ୍କ ନିର୍ବନ୍ଧ ହୋଇଥିଲା। ନଭେମ୍ବର ୧୪ ରାତିରେ ଆମ୍ବୋଲି ଅଞ୍ଚଳର ଏକ ହୋଟେଲରେ ବିବାହ ଉତ୍ସବ ପାଳନ ପାଇଁ ଏକ ପାର୍ଟିର ଆୟୋଜନ କରାଯାଇଥିଲା। ଏଠାରୁ ଲିଫ୍ଟରେ ବାହାରୁଥିବା ସମୟରେ ଜଣେ ଅଜଣା ମହିଳା ପ୍ରବେଶ କରି ରିତମ୍ ତାଙ୍କ ଉପରେ ଲେଜର ଲାଇଟ୍ ପକାଇ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ହୋଇଥିଲା।

ମହିଳା ଚିତ୍କାର କରିଥିଲେ। ଏହା ଶୁଣି ଲୋକ ରୁଣ୍ଡ ହୋଇ ଯାଇଥିଲେ। ପରେ ସେ ଯାଇ ଆମ୍ବୋଲି ଥାନାରେ ଦୁଷ୍କର୍ମ ମାମଲା ରୁଜୁ କରିଥିଲେ।

ତେବେ କିଛି ଦିନ ପରେ କୋର୍ଟ ବାହାରେ ମାମଲାର ଫଇସଲା ପାଇଁ ଦୁଇ ମହିଳା ବ୍ୟବସାୟୀଙ୍କ ଉପରେ ଚାପ ପକାଇ ଥିଲେ। ଏଥିପାଇଁ ଉଭୟେ ୧୦ କୋଟି ଟଙ୍କା ମାଗିଥିଲେ। ଡିସେମ୍ବର ୨୦ରେ ଅରବିନ୍ଦଙ୍କୁ ଏକ ହୋଟେଲକୁ ଡାକି ଟଙ୍କା ଦେବା ପାଇଁ ହେମଲତା ଧମକାଇଥିଲେ। ଏପରି ନ କଲେ ପୁଅ ଜୀବନ ଯାକ ଜେଲ୍‌ରେ ରହିବ ବୋଲି କହିଥିଲେ। ମୂଲଚାଲ ପରେ ୫.୫ କୋଟି ଦେବାକୁ ଛିଡ଼ି ଥିଲା। ମାତ୍ର ଏ ନେଇ ବ୍ୟବସାୟୀ ଥାନାରେ ଅଭିଯୋଗ କରିଥିଲେ। ବ୍ୟବସାୟୀଙ୍କଠୁ ଟଙ୍କା ନେଉଥିବା ବେଳେ ପୁଲିସ ଦୁଇ ମହିଳାଙ୍କୁ ଧରିଥିଲା। ଏହି ମାମଲାରେ ଉତ୍କର୍ଷ ନାମକ ଅଭିଯୁକ୍ତ ମଧ୍ୟ ସାମିଲ ରହିଛି।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

# ଶବ ଧରି ଫେରାର୍ ବେଳେ ଧରିଲେ ଗାଁ ଲୋକ

ଦେଓଗାଁ, ୨୫।୧୨(ସମିସ): ସ୍ତ୍ରୀକୁ ହତ୍ୟା କରିବା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ଜଣେ ଯୁବକଙ୍କୁ ଗାଁଲୋକ ଧରି ପୁଲିସ ଜିମା ଦେବା ଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଦେଓଗାଁ ଥାନା ତଥା ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ଗାଁରେ ଏହି ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୁର୍ଲାକାନୀ ଗାଁର ତପ ମଲ୍ଲିକ(୩୧)। ତପଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୁଲିସ୍। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମହାଦେବ ମଲ୍ଲିକକୁ ଗିରଫ କରିଛି। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛି। ହସ୍ପିଟାଲରୁ ଫେରିବା ପରେ ତାକୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ମହାଦେବ ଓ ପତ୍ନୀ ତପଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗଯାଇ ମହାଦେବ ଏକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲା। ହତ୍ୟା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଗାଁଲୋକ ତାକୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଦେଓଗାଁ ପୁଲିସ ଘଟଣାସ୍ଥଳରୁ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସୁସ୍ଥ ହେବା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ଗୁରୁବାର ସକାଳେ ବଲାଙ୍ଗିରରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୁକ୍ତ ମହାଦେବଙ୍କ ବଡ଼ଭାଇ ଉଦ୍ଧବଙ୍କ କହିବାନୁସାରେ, ମହାଦେବ ଘରଜ୍ୱାଇଁ ଭାବେ ମଦନପୁର ରାମପୁର ଥାନା କୁନ୍ଦେଇପାଲି ଗାଁରେ ସ୍ତ୍ରୀ ଓ ଏକ ଶିଶୁପୁତ୍ର ସହ ରହୁଥିଲା। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀକୁ ଆସି ରହେ। କିଛି ଦିନ ହେଲା ସେ ଏଠାକୁ ଆସି ରହୁଥିବା ବେଳେ ତାକୁ ଚିକିତ୍ସା କରାଇବା ପାଇଁ ମହାଦେବର ସ୍ତ୍ରୀ ଓ ଶଶୁର ମଧ୍ୟ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଶବ ଧରି ଫେରାର ମାରିବା ସମୟରେ ଗାଁ ଲୋକ କାବୁ କରିଥିଲେ।

■ ଏସ୍‌ଆଇ ଚାକିରି ଦେବା ଆଳରେ ୧.୫ କୋଟି ଠକେଇ

# ପୁଣେରୁ କାଳନ୍ଦୀ ରାଉତଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୫।୧୨(ସମିସ): ପୁଲିସ ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ଆଳରେ ଠକେଇ ଅଭିଯୋଗରେ କାଳନ୍ଦୀ ରାଉତଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପୁଲିସ ପୁଣେରୁ ଗିରଫ କରିଛି। ତାଙ୍କ ନିକଟରୁ ଲାପ୍‌ଟପ୍, ବେଆଇନ ସିମ୍‌କାର୍ଡରେ ବ୍ୟବହୃତ ମୋବାଇଲ ଫୋନ୍ ଓ ୭ରୁ ଅଧିକ ବେନାମୀ ଏଟିଏମ୍ କାର୍ଡ ମିଳିଛି। ସେ ୨୦୨୧ ମସିହାରୁ ଇଓଡବ୍ଲୁ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିଲେ। ସବ୍‌ଇନ୍ସପେକ୍ଟର ଚାକିରି କରାଇ ଦେବା ନାଁରେ ୨୦୨୦ ମସିହାରେ ସେ ୩୮ ଜଣଙ୍କଠାରୁ ପ୍ରାୟ ୧ କୋଟି ୪୭ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଶ୍ରୀ ରାଉତ ନିଜକୁ ଗୃହ ବିଭାଗର ସର୍ବେସର୍ବା କହି ବିଶ୍ୱାସ ଜନ୍ମାଇବା ପରେ ଖାଲିଥିବା ତାଲିକାରେ ନାଁ ଯୋଡ଼ି ଦେବାକୁ କହି ଜଣକ ପିଛା ୫ ଲକ୍ଷ ଟଙ୍କା ନେଇଥିଲେ। ଏହି ମାମଲାରେ ୨୦୨୨ ମସିହାରେ ଅଭିଯୁକ୍ତ ବୈକୁଣ୍ଠ ନାୟକଙ୍କୁ ନବରଙ୍ଗପୁରରୁ, ଭୀମସେନ ମହାରଣାଙ୍କୁ ଭୁବନେଶ୍ୱରରୁ ଏବଂ ଜୟନ୍ତ ମହାନ୍ତିଙ୍କୁ ବାଲେଶ୍ୱରରୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଅନ୍ୟପଟେ ଚଳିତବର୍ଷ ହୋଇଥିବା ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ମାଷ୍ଟରମାଇଣ୍ଡ ଅମିତ ଭାରତୀଙ୍କୁ ବିହାରରୁ ଗିରଫ କରିବା ପରେ ଜେରା ଆରମ୍ଭ କରିଛି।

## ରାଜ୍ୟରେ ଥମୁନି ମହିଳା ହିଂସା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୫।୧୨(ସମିସ): ନାବାଳିକା ଓ ମହିଳା ହିଂସା ପ୍ରସଙ୍ଗରେ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ବିଜେପି ସରକାର। ରାଜ୍ୟରେ ସରକାର ପରିବର୍ତ୍ତନ ପରଠାରୁ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ମାମଲା ସାରା ରାଜ୍ୟକୁ ଦୋହଲାଇ ଦେଉଛି। ଗତ କେଇଦିନର ବ୍ୟବଧାନରେ ଧଉଳି ଗଣଦୁଷ୍କର୍ମ ଓ ଚାନ୍ଦବାଲିରେ ଜଣେ ୧୦ ବର୍ଷିୟା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନ୍ ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାସହିତ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଆସନ୍ତା ୨୭ ତାରିଖରେ ଚାନ୍ଦବାଲି ଗସ୍ତ କରିବେ ବୋଲି କହିଛନ୍ତି। ଏହା ବ୍ୟତୀତ ଗୁରୁବାର ବିଜେଡି ଓ କଂଗ୍ରେସ ଏହି ଘଟଣାରେ ଚାନ୍ଦବାଲି ବନ୍ଦ ପାଳନ କରିଛନ୍ତି, ସବୁ ଦିଗରୁ ଚାପ ସୃଷ୍ଟି ହେଉଥିବାରୁ ଆଇନଶୃଙ୍ଖଳାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଜାତୀୟସ୍ତରରେ ପହଞ୍ଚିଥିଲା। ଏହପରେ ଗୋଟିଏ ପରେ ଗୋଟିଏ ଘଟଣା ସରକାରଙ୍କୁ ହରଡ଼ଘଣାରେ ପକାଇଛି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାର କ୍ଷମତାସୀନ ହେବା ପରେ ଓଡ଼ିଶାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ପୁରାପୁରି ଭୁଷୁଡି ପଡ଼ିଛି। ରାଜ୍ୟ ଆଜି ଅରାଜକତା, ଭୟ ଏବଂ ଅସୁରକ୍ଷାର ଗଭୀର ଅନ୍ଧକାରରେ ବୁଡି ରହିଛି। ଦିନକୁ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ, ମହିଳା ଓ ଶିଶୁମାନଙ୍କ ଉପରେ ହିଂସା,ଅତ୍ୟାଚାର, ହତ୍ୟା ଏବଂ ଆଦିବାସୀ, ଦଳିତ, ଶ୍ରମିକ ଏବଂ ଗରିବ ଲୋକଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ଏହି ସବୁ ଘଟଣା ପରେ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀମାନଙ୍କୁ ରୋକିବାରେ ପୁରାପୁରି ବିଫଳ ହୋଇଯାଇଥିବା ପରିଲକ୍ଷିତ ହୋଇଛି।

ଚାନ୍ଦବାଲି ଘଟଣା ପୂର୍ବରୁ ଭୁବନେଶ୍ୱର ନିକଟରେ ଧଉଳି ଠାରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାରେ ସରକାରଙ୍କ ବିଫଳତାକୁ ପ୍ରଶ୍ନ ଉଠିବା ସହ ରାଜଧାନୀର ନାକତଳେ କିପରି ଏଭଳି ଘଟଣା ଘଟାଇବାକୁ ଅପରାଧୀ ସାହସ ପାଇଲେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ଗୋପାଳପୁର ବେଳାଭୂମି ଠାରେ ଏହିଭଳି ବର୍ବର ଘଟଣା ମଧ୍ୟ ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ପୁରୀ ଜିଲ୍ଲା ବାଲିହରଚଣ୍ଡିରେ ଏକ ଗଣଦୁଷ୍କର୍ମ ମାମଲା ଲୋକଙ୍କ ଛାତି ଥରାଇ ଦେଇଛି। ଏହି ତିନୋଟି ଘଟଣା କେବଳ ଉଦାହରଣ ମାତ୍ର। ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା ବଳଙ୍ଗାରେ ଜଣେ ଯୁବତୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣା ଓଡ଼ିଶାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି। ଅପରାଧର ଗମ୍ଭୀରତା ଅନୁଯାୟୀ ଅପରାଧୀମାନଙ୍କୁ ଶୀଘ୍ର ଗିରଫ କରାଯାଉନି, ଦୃଢ଼ ତଦନ୍ତ ହେଉନି ଏବଂ କଠୋର ଶାସ୍ତି ମିଳୁନି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ପ୍ରତି ମାମଲାରେ ଅପରାଧୀ ଗିରଫ ହେଉଛନ୍ତି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ଏଭଳି ଘଟଣା ବଢୁଥିବାରୁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେବା ସହ ନିଜର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଆମେରିକା ଜାରି କରିଥିବା ମାର୍ଗଦର୍ଶିକାରେ ଓଡ଼ିଶା ନାଁ ରହିବା, ଓଡ଼ିଶାର ଗରିମାକୁ ମାଟିରେ ମିଶାଇ ଦେଇଛି। ଚାନ୍ଦବାଲି ଘଟଣାକୁ ନେଇ ଏବେ ସବୁ ବିରୋଧୀ ଦଳ ସରକାରଙ୍କୁ ଘେରୁଥିବା ବେଳେ ସରକାର କେଉଁ ଉପାୟରେ ଏହି ଆକ୍ରମଣକୁ ପ୍ରତିହତ କରୁଛନ୍ତି, ତା ଉପରେ ଲକ୍ଷ୍ୟ ରହିଛି।

## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

# ୨୭ରେ ପିସିସି ପ୍ରତିନିଧିଙ୍କ ଚାନ୍ଦବାଲି ଗସ୍ତ

ଭୁବନେଶ୍ୱର,୨୫।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପିସିସିର ଏକ ପ୍ରତିନିଧି ଦଳ ଚାନ୍ଦବାଲି ଗସ୍ତ କରିବ ବୋଲି ସ୍ଥିର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପିସିସି ପ୍ରତିନିଧି ଦଳ ଚାନ୍ଦବାଲି ଯିବ ବୋଲି ଗୁରୁବାର ଦଳ ପକ୍ଷରୁ କୁହାଯାଇଛି। ଦଳ କହିଛି ଯେ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର ଏହା ଆଉ ଏକ ଉଦାହରଣ। ଉକ୍ତ ଦିବଙ୍ଗତ ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାରୀ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୭ ତାରିଖ ପୂର୍ବାହ୍ନ ୯ଟାରେ କଂଗ୍ରେସ ଭବନରୁ ବାହାରି କଟକ, ସାଲେପୁର, କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ଆଳି ଓ ରାଜକନିକା ହୋଇ ମଧ୍ୟାହ୍ନରେ ଚାନ୍ଦବାଲିରେ ପହଞ୍ଚିବ।

ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକର ଡିସିସି ସଭାପତିବୃନ୍ଦ ରହିବେ। ଅପରାହ୍ଣ ୩ଟାରେ ଉକ୍ତ ପ୍ରତିନିଧିଦଳ ଭଦ୍ରକ ଆସି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବାଜପେୟୀ ଥିଲେ ନୀତି ଓ ଆଦର୍ଶର ବ୍ରାଣ୍ଡ ଆମ୍ବାସାଡର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୨(ସମିସ): ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ରାଜନୀତିକୁ କେବେ ହେଲେ ସେ ଏକ ପେସା ଭାବେ ଗ୍ରହଣ କରିନଥିଲେ। ଜନସେବା ଏବଂ ରାଷ୍ଟ୍ରସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରି ସାମାଜିକ ଜୀବନରେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦୀଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସ୍ୱର୍ଗତଃ ବାଜପେୟୀ ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ

**ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍ ଲୋକାର୍ପିତ**



ମୁଖ୍ୟମନ୍ତ୍ରୀ ସିଏମ୍ ଡ୍ୟାସବୋର୍ଡ, ଓସ୍ୱାସ୍ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟସ୍‌ଆପ୍ ଚାଟ୍‌ବଟ୍'ର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଟଳଜୀଙ୍କ ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱରରେ ଏମ୍ସ ଖୋଲାଯାଇଥିଲା। ରାଜ୍ୟରେ ପ୍ରତିଷ୍ଠା ପାଇଥିବା ଇଷ୍ଟକୋଷ୍ଟ ରେଲୱେ, ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ-ହରିଦାସପୁର ରେଳପଥ ପରି ମେଗା ପ୍ରକଳ୍ପ ମାନଙ୍କରେ ଅଟଳଜୀଙ୍କ ସ୍ୱାକ୍ଷର ରହିଛି। ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶ ସହିତ ଦେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ଦେଶକୁ ନୂଆ ଭାରତର ଏକ ସଂଜ୍ଞା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହା ଜରିଆରେ ୧୫୦ରୁ ଉର୍ଦ୍ଧ୍ୱ ଜରୁରୀ ସରକାରୀସେବା ଉପଲବ୍ଧ ହେବ ଏବଂ ଓସ୍ୱାସ୍‌ର ସଂପ୍ରସାରଣ ମାଧ୍ୟମରେ ଏଣିକି ଜିଲ୍ଲା ଓ ବ୍ଲକସ୍ତରରେ ମଧ୍ୟ ସରକାରୀ କାର୍ଯ୍ୟଗୁଡିକ ପେପରଲେସ୍ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ପ୍ରକଳ୍ପ ଟେଣ୍ଡର୍

# ହାଇକୋର୍ଟଙ୍କ ଅନ୍ତରୀଣ ସ୍ଥଗିତାଦେଶ

କଟକ,୨୫।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ଅଧୀନସ୍ଥ ବିଭିନ୍ନ ସ୍ଥାନର ବିକାଶ ସମ୍ପର୍କିତ ସାନି ଟେଣ୍ଡର ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (କୋଠା-୨)ଙ୍କ ପକ୍ଷରୁ ଗତ ନଭେମ୍ବର ୧୮ରେ ଜାରି ଟେଣ୍ଡର ବିଡ୍ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ଡି.କେ.ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ରଥମଥର ହୋଇଥିବା ଟେଣ୍ଡର୍‌ରେ ଆବେଦନକାରୀ ସଂସ୍ଥା ସର୍ବନିମ୍ନ ବିଡ୍ ଦାଖଲ କରି କାର୍ଯ୍ୟ ସମ୍ପାଦନ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଆବେଦନକାରୀଙ୍କୁ କୌଣସି ପକ୍ଷ ରଖିବାକୁ ସୁଯୋଗ ଦିଆନଯାଇ ବିଭାଗ ଦ୍ୱାରା ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟଦକ୍ଷତା "ଅତ୍ୟନ୍ତ ଖରାପ ଓ ସନ୍ତୋଷଜନକ" ନୁହେଁ ବୋଲି ଦର୍ଶାଇ ଟେଣ୍ଡରକୁ ୨୦୨୫ ଅକ୍ଟୋବର ୨୩ରେ ବାତିଲ କରି ଦିଆଯାଇଥିଲା। ଏଥିସହ ନଭେମ୍ବର ୧୮ରେ ସାନି ଟେଣ୍ଡର୍ କରାଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥାକୁ ପକ୍ଷ ରଖିବାକୁ ସୁଯୋଗ ନଦେଇ ଏପରି ମନ୍ତବ୍ୟ ଭବିଷ୍ୟତର ଟେଣ୍ଡରରେ ଅଂଶଗ୍ରହଣକୁ ପ୍ରଭାବିତ କରିବ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମଣ୍ଡିରୁ ଉଠୁନି ଧାନ

# ପ୍ରତି ମଣ୍ଡିର ସମୀକ୍ଷା କରିବ କଂଗ୍ରେସ

ଭୁବନେଶ୍ୱର, ୨୫।୧୨(ସମିସ): ସରକାରଙ୍କ ପୂର୍ବ ନିଷ୍ପତ୍ତି ମୁତାବକ ନଭେମ୍ବର ୧ରୁ ମଣ୍ଡି ଖୋଲିବା କଥା। କିନ୍ତୁ ଏଥିରେ ପରିବର୍ତ୍ତନ କରି ସରକାର ବିଳମ୍ବରେ, ନଭେମ୍ବର ୨୦ରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଲେ; କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏବେ ସୁଦ୍ଧା ୧୧ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଭାବେ ମଣ୍ଡି ଖୋଲାଯାଇନାହିଁ କିମ୍ବା ମଣ୍ଡିରୁ ଧାନ ଉଠୁନାହିଁ। ବର୍ତ୍ତମାନ ସରକାର ମିଲର୍‌ଙ୍କ ଚାପରେ ରହିଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଦେଉଛୁ ବୋଲି ବାହାଦୂରୀ ମାରୁଥିବା ସରକାର ବାସ୍ତବ କ୍ଷେତ୍ରରେ ଫେଲ୍ ମାରିଛନ୍ତି। ଫଳରେ ଆଜି ଚାଷୀ ରାଜରାସ୍ତାରେ ବସିଛି। ଶୀଘ୍ର ଚାଷୀଙ୍କ ସମସ୍ୟା ଦୂର କରି ସରକାର ସୁରୁଖୁରୁରେ ଧାନକିଣା ପାଇଁ ପଦକ୍ଷେପ ନ ନେଲେ, ବ୍ୟାପକ ଆନ୍ଦୋଳନ କରିବ କଂଗ୍ରେସ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ସେଲ୍ ପ୍ରତି ଜିଲ୍ଲାସ୍ତରରେ ମଣ୍ଡି ସମୀକ୍ଷା କରି ସରକାରଙ୍କ ତ୍ରୁଟିକୁ ଉଜାଗର କରିବା ସହ ଚାଷୀଙ୍କ ହକ୍ ପାଇଁ ରାସ୍ତାକୁ ଓହ୍ଲାଇବ। ଦଳ ପକ୍ଷରୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ଦିନ ଦିନ ଧରି ବସି ରହୁଥିବା ବେଳେ ସେମାନଙ୍କ ଧାନ ଉଠୁନାହିଁ। ବହୁ ଚାଷୀଙ୍କୁ ଟୋକନ୍ ମଧ୍ୟ ମିଳୁନାହିଁ। କଟନୀଛଟନୀ ଚରମସୀମାରେ ପହଞ୍ଚିଛି। ପଞ୍ଜିକୃତ ଅନୁଯାୟୀ ଟୋକନ୍ ପିଛା କେତେ ଧାନ କିଣାଯିବ, ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ମଣ୍ଡିରେ ଏଫଏକ୍ୟୁ ଗ୍ରେନ୍ ଆନାଲାଇଜର୍ ମାଧ୍ୟମରେ ଧାନକିଣା ପରିମାଣକୁ ଜାଣିଶୁଣି କମାଇ ଦିଆଯାଉଛି। ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାନଗଲେ, ଚାଷୀକୁଳ ବହୁ କ୍ଷତିର ସମ୍ମୁଖୀନ ହେବେ। ସରକାର ଧାନ କିଣା କ୍ଷେତ୍ରରେ ଯେତେ ସଫେଇ ଦେଲେ ମଧ୍ୟ ଧାନ କିଣାରେ ମହାଦୁର୍ନୀତି ହେଉଛି। ଯଦି ଚାଷୀକୁଳ ପାଇଁ ସରକାରଙ୍କର ତିଳେମାତ୍ର ସମବେଦନା ଅଛି, ତେବେ ନ୍ୟାୟୋଚିତ ଭାବେ ଚାଷୀଙ୍କ ସମସ୍ତ ବଳକା ଧାନକୁ କଟନୀଛଟନୀ ଆଳ ନ ଦେଖାଇ ନିର୍ଦ୍ଧାରିତ ଏମ୍‌ଏସ୍‌ପିରେ କ୍ରୟ କରନ୍ତୁ ବୋଲି ସେ କହିଛନ୍ତି।

ଏହାସହ ଅନ୍ୟ ବକେୟା ଜିଲ୍ଲାଗୁଡ଼ିକରେ ତୁରନ୍ତ ମଣ୍ଡି ଖୋଲି ଧାନ ବିକିବା ପାଇଁ ଚାତକ ପରି ବସି ରହିଥିବା ଚାଷୀଙ୍କଠାରୁ ସବୁ ବଳକା ଧାନକୁ କ୍ରୟ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

## ତାଳଚେର ଡବଲ ମର୍ଡର ଘଟଣା

# ୫ ସୁରକ୍ଷା କର୍ମଚାରୀ ଗିରଫ

ଅନୁଗୋଳ,୨୫।୧୨(ସମିସ): ତାଳଚେର ଡବଲ୍-ମର୍ଡର୍ ଘଟଣାରେ ତାଳଚେର ପୁଲିସ ଗୁରୁବାର ଟାୱାର ନିର୍ମାଣକାରୀ ସଂସ୍ଥା ଗ୍ରୋଟାମ ଇନଫ୍ରାଷ୍ଟ୍ରକ୍‌ଚର ଲିମିଟେଡ କମ୍ପାନୀର ୫ ସୁରକ୍ଷା କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ସମଲ ଥାନା ବିଲିଣ୍ଡା ଗ୍ରାମର କୁମର ସାହୁଙ୍କ ପୁଅ ଗଣେଶ୍ୱର ସାହୁ (୪୫), ବଣ୍ଟେଁରପାଳ ଥାନା



ଲାଙ୍ଗୁଲିବେଡ଼ା ଗ୍ରାମର ଅଜୟ ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ (୩୫), ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ବାଇଞ୍ଚା ପରିଡ଼ାଙ୍କ ପୁଅ ପର୍ଶୁରାମ ପରିଡ଼ା (୫୦), ବିହାର ବତରାମପୁର ଥାନା ସାୱାରାମପୁର ଖଣ୍ଡରୀ ଗ୍ରାମର ମଙ୍ଗଳ ମାଞ୍ଜୀଙ୍କ ପୁଅ କିଷାନ ମାଞ୍ଜୀ(୨୫) ଏବଂ ବିହାର ଜାଜ୍ଞିଡିହି ଥାନା ଅଞ୍ଚଳର ଲୋକି ମାଝୀଙ୍କ ପୁଅ ଅନାଦି ମାଝୀ(୪୮)। ଅଭିଯୁକ୍ତଙ୍କଠାରୁ ପୁଲିସ ଗୋଟିଏ ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ ଏବଂ ଖାଲି କାର୍ଟ୍ରିଜ୍ ଜବତ କରିଛି। ଅନୁଗୋଳଠାରେ ଏସ୍‌ପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ବୁଧବାର ତାଳଚେର ଥାନା ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରୁ ବୁଧବାର ସକାଳେ ଦୁଇ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଓ ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ଗୁଳି କରି ଉଭୟଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ଉକ୍ତ ଟାୱାର୍ ନିର୍ମାଣକାରୀ କମ୍ପାନୀ ପରିସରରୁ କର୍ମଚାରୀମାନେ ପଳାଇ ଯାଇଥିଲେ। ତେଣୁ ପୁଲିସର ସମସ୍ତ ସନ୍ଦେହ କମ୍ପାନୀ କର୍ମଚାରୀଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ପୁଲିସ ଜଣେ ବ୍ୟକ୍ତିଙ୍କୁ ଧରିଆଣି ପଚରାଉଚରା କରିବାରୁ ସେ ସବୁ ସତ ଉଗାରି ଦେଇଥିଲା।

ଏସ୍‌ପିଙ୍କ ସୂଚନାନୁଯାୟୀ, ଗ୍ରୋଟାମ କମ୍ପାନୀର ଷ୍ଟକୟାର୍ଡରେ ବିଦ୍ୟୁତ ଟାୱାର୍ ସାମଗ୍ରୀ ଗଚ୍ଛିତ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଦିବ୍ୟରଞ୍ଜନ ପରିଡ଼ା ଓ ଜନାର୍ଦ୍ଦନ ନାଏକଙ୍କ ସମେତ ୧୦/୧୨ଜଣ ବ୍ୟକ୍ତି

## ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ, କାର୍ଟିଜ୍ ଜବତ

ଚୋରି କରିବା ଉଦ୍ଦେଶ୍ୟରେ ଉକ୍ତ ଷ୍ଟକ୍‌ୟାର୍ଡ ଭିତରକୁ ପଶିଥିଲେ। ସୁରକ୍ଷା କର୍ମୀ ଏବଂ ଷ୍ଟକୟାର୍ଡରେ ନିୟୋଜିତ ବନ୍ଧୁକଧାରୀ ସୁରକ୍ଷାକର୍ମୀ ଗଣେଶ୍ୱର ସାହୁ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଗଣେଶ୍ୱର ସାହୁ ତାଙ୍କ ୧୨ ବୋର୍ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳି ଦିବ୍ୟରଞ୍ଜନ ଓ ଜନାର୍ଦ୍ଦନଙ୍କ ଦେହରେ ବାଜିଥିଲା। ସେମାନେ ସେଠାରୁ ଦୌଡ଼ି ଯାଇ ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରେ ପଡ଼ିଯାଇଥିଲେ। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗୁରବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।



ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା
ଜିଲ୍ଲା - ରାୟଗଡ଼
ତାରିଖ ୨୬ ଡ଼ିସେମ୍ବର ୨୦୨୫ ଠାରୁ ୩୦ ଡ଼ିସେମ୍ବର ୨୦୨୫
ସ୍ଥାନ- ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ରାୟଗଡ଼

ବାର୍ତ୍ତା

ମହାଶୟ /ମହାଶୟା,

ରାୟଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଚୈତ୍ର ପର୍ବ ଆଧାରରେ ଜାତି, ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ ସଂସ୍କୃତି, ପରମ୍ପରା, କଳା, ସ୍ଥାପତ୍ୟ ଓ ସାହିତ୍ୟର ମହାକୁମ୍ଭ, ଲୋକ ମହୋତ୍ସବ "ଚ଼ଇତି-୨୦୨୫" ଚଳିତ ଡିସେମ୍ବର ୨୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପି ଏମ୍ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ହେବ ।

ଏହି ଗଣପର୍ବର ଭବ୍ୟ ମଞ୍ଚରେ ଡଙ୍ଗରିଆ, ଲାଞ୍ଜିଆ ସଉରା ଓ ପରଜା ଭଳି ଏ ମାଟିର ଆଦିମ ଅବାସୀ ସମେତ ନିପୁଣ କଳାକାର ବୃନ୍ଦ ନୃତ୍ୟ, ସଂଗୀତ ଓ ଲୋକକଳା ମାଧ୍ୟମରେ ନିଜସ୍ୱ ଅସ୍ମିତାକୁ ପ୍ରତିପାଦନ କରିବା ସହ ରାୟଗଡ଼ ସଂସ୍କୃତିର ମାଧୁର୍ଯ୍ୟରେ ଆପଣମାନଙ୍କୁ ଆମୋଦିତ କରିବା ସହ ନିଜକୁ ଧନ୍ୟ ମନେ କରିବେ ।

ଏଣୁ, ଏହି ବର୍ଣ୍ଣାଜ୍ୟ ମହାମଞ୍ଚରେ ବରେଣ୍ୟ ଅତିଥି ରୂପେ ଆପଣଙ୍କ ସଦୟ ଉପସ୍ଥିତି ରାୟଗଡ଼ବାସୀଙ୍କୁ ପ୍ରୋତ୍ସାହିତ କରିବା ସହ ପବିତ୍ର ଚଇତି ମହାକୁମ୍ଭକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ବିନମ୍ର ଅନୁରୋଧ ।

ଆଶୁତୋଷ କୁଲକର୍ଣ୍ଣୀ, ଭା.ପ୍ର.ସେ.
ଜିଲ୍ଲାପାଳ ତଥା ଅଧକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



କୋରାପୁଟ,୨୫।୧୨(ସମିସ): ସ୍ଥାନୀୟ ପୁଲିସ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଏଥିରେ ସାମିଲି କରିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିବା ବେଳେ ଓ ସେମାନଙ୍କ ପାଇଁ ଆବଶ୍ୟକୀୟ ଭିତିଭୂମି ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ କାର୍ଯ୍ୟ ପନ୍ଥା ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଏହି ଅବସରରେ ଜିଲ୍ଲାର କ୍ରୀଡା ପାଇଁ ଆଗ୍ରହ ଥିବା ଯୁବକ ଯୁବତୀ ଏଥିରେ ଭାଗ ନେବାପାଇଁ ପଞ୍ଜିକରଣ କରି ଦୌଡ଼ , ଲମ୍ବ ଡିଆଁ , ଉଚ୍ଚ ଡିଆଁ ଆଦି ପାଞ୍ଚଟି ବିଭାଗରେ ଭାଗନେଇ ୨୮୦ ଜଣ କ୍ରୀଡାବିତ କୃତିତ୍ୱ ଅର୍ଜନ କରିଛନ୍ତି।

## ୨୮୦ କ୍ରୀଡ଼ାବିତ୍ ପୁରସ୍କୃତ

ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ , ଜିଲ୍ଲାପାଳ ପାଳ ମନୋଜ ସତ୍ୟବାନ ମହାଜନ, ରାଜ୍ୟ ସମ୍ପାଦିକା ପୂର୍ଣିମା ନାୟକ ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଯୁବକ ଯୁବତୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ନୃପେନ୍ଦ୍ର ନାରାୟଣ ବାଘ ପରିଚାଳନା କରିଥିବା ବେଳେ ସାଂସଦ ଖେଳ ମହୋତ୍ସବ ସଂଯୋଜକ ଚୈତନ ହନ୍ତାଳ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର , ସୁମନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ଯାତିତ ୯ ଦାଦନ ଶ୍ରମିକ ଘରକୁ ଫେରିଲେ

## ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଲେ




ରାୟଗଡ଼ା, ୨୫।୧୨(ସମିସ): ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ନିକଟକୁ ଦାଦନ ଖଟିବାକୁ ଯାଇ କାର୍ଯ୍ୟ ସଂସ୍ଥା ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ୯ ଜଣ ଦାଦନ ଶ୍ରମିକ ଗୁରୁବାର ଟ୍ରେନ୍ ଯୋଗେ ରାୟଗଡ଼ା ଫେରିଛନ୍ତି। ରାୟଗଡ଼ା ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ, ମାନବଧିକାର କର୍ମୀ ଓ ଯୁବ ନେତାଙ୍କ ସହଯୋଗରେ ନିଜ ଘରକୁ ଫେରିଛନ୍ତି। ଏଥି ସହିତ ସେଠାରେ ରହିଥିବା ଦେଢ଼ ମାସର ପାରିଶ୍ରମିକ ମଧ୍ୟ ସମ୍ପୃକ୍ତ କମ୍ପାନୀ ଦେଇଥିବା ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, କାଶୀପୁର ବ୍ଲକର ୯ ଜଣ ଯୁବକ କାମ କରିବା ପାଇଁ ଜଣେ ଠିକାଦାର ସହିତ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦର ଗ୍ଲୋବାର ଷ୍ଟିଲ ନାମକ ଏକ ଘରୋଇ କମ୍ପାନୀକୁ ଯାଇଥିଲେ। ନଭେମ୍ବର ମାସରେ ଯାଇ ଦେଢ଼ ମାସରୁ ଅଧିକ ସମୟ ସେଠାରେ ରହିଥିଲେ ମଧ୍ୟ କମ୍ପାନୀ କାମ ଦେଉନାହିଁ କି ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତି ଜଣକ ପିଛା ଅଗ୍ରୀମ ୨୫ ହଜାର ଟଙ୍କା ମଧ୍ୟ ଦେଇନଥିଲା। ତେବେ ନିଜେ ନେଇଥିବା ଟଙ୍କା ସରିଯିବା ପରେ ଖାଇବାକୁ ନପାଇ ଉକ୍ତ ୯ ଜଣ ଯୁବକ ଭିଡ଼ିଓ ବାର୍ତା ମାଧ୍ୟମରେ ସେମାନଙ୍କୁ ସହଯୋଗ ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଥିଲେ। ଏନେଇ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସୂଚନା ପାଇବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ତ୍ରିପାଠୀ ଏହି ମାମଲାରେ ହସ୍ତକ୍ଷେପ କରି ତେଲେଙ୍ଗାନା ରାଜ୍ୟର ଶ୍ରମ ବିଭାଗ ଅଧିକାରୀ ଟି .ରମେଶଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ଗାଁ ଫେରି ଆସିଥିବା ଉକ୍ତ ୯ଜଣ ଯୁବକ ହେଲେ କାଶିପୁର ବ୍ଲକର ବିଟୁ ମାଝୀ, ଦଇତାରୀ ମାଝୀ, ବିଭୀଷଣ ମାଝି, କବି ମାଝୀ, ରାଜୁ ମାଝୀ, ବୁଲୁ ମାଝୀ, ମୋହନ ମାଝି, ସମ୍ରାଟ ମାଝୀ ଓ ବ୍ରଜ ମାଝୀ। ଏହି ୯ ଯୁବକ ଫେରି ଆସିଥିବା କାରଣରୁ ସେମାନେ ମାନବଧିକାର କର୍ମୀ ସଦନ ମାଝି, ରାୟଗଡା ବିଧାୟକ ପ୍ରତିନିଧି ଏମ. ଜଗଦୀଶ ରାଓ ଓ କାଶୀପୁର ବ୍ଲକ ଅତିରିକ୍ତ ଶ୍ରମ ଅଧିକାରୀ ବିଷ୍ଣୁ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବାଜପେୟୀଙ୍କ ଜୟନ୍ତୀ ପାଳିତ








**ମାଲକାନଗିରି, ୨୫ ।୧୨ (ସମିସ):**

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମହାନ୍ ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଯଶସ୍ୱୀ କବି ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୁଶାସନ ଦିବସ ଓ କବିତା ପାଠୋତ୍ସବ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ, ଡଃ. ରଞ୍ଜନ ସ୍ୱାଇଁ, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କବି ମାନେ କବିତା ପାଠୋତ୍ସବ କରିଥିଲେ। ବିଭିନ୍ନ ବିଦ୍ୟାଳୟ ମହା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟ ନାରାୟଣ କଲେଜ୍, ଘଡେଇ କଲେଜ୍ ଓ ଆଓମା ଗୁରୁକୁଳ ଅନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ରାୟଗଡ଼ା:** ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସ. ରାୟଗଡ଼ା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ଆବାହକ କୀର୍ତ୍ତିଚନ୍ଦ୍ର ସାହୁଙ୍କ ସଂଚାଳନରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ତଥା ମୁଖ୍ୟ ପୃଷ୍ଠପୋଷକ, ରାୟଗଡ଼ା ଟ୍ରକ୍ ୟୁନିୟନର ସଭାପତି ୟାଲ୍ଲା ଭେଙ୍କେଟଶ୍ୱର ରାଓ (କୋଣ୍ଡାବାବୁ ), ଉଦଘାଟକ ଭାବେ ମିଟ୍‌ସ ଇଞ୍ଜିନିୟରିଂ କଲେଜର ଚେୟାରମ୍ୟାନ ବାଳକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବେ ବାଦଲ କୁମାର ତା, ସମ୍ମାନିତ ଅତିଥିଭାବେ ଧର୍ମଜାଗରଣ ସମନ୍ୱୟ ପ୍ରମୁଖ ପ୍ରଭାତ ମହାପାତ୍ର, 'ସକ୍ଷମ'ର ରାଜ୍ୟ ଉପ ସଭାପତି ରାମଚନ୍ଦ୍ର ସାହୁ, ସରସ୍ୱତୀ ଶିଶୁମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଆଦିବାସୀ ଯୁବ ନେତା ବସନ୍ତ ଉଲାକା ପ୍ରମୁଖ ଯୋଗ ଦେଇଥିଲେ। ଜୟନ୍ତୀ ସମାରୋହରେ ରାୟଗଡ଼ା ସହରର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ମୃତି ସଂସଦର ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ନନ୍ଦପୁର :** ନନ୍ଦପୁର ଥାନା ଅନ୍ତର୍ଗତ ବିଲାପୁଟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାରତରତ୍ନ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସ୍ୱୟଂସେବକ ସଂଘର ଖଣ୍ଡ ବାହକ ଏନ୍ ପ୍ରସାଦ ଦାସ, ସାମାଜିକ କର୍ମୀ ରଣା ଗଙ୍ଗାଧର ଦଳପତି, ଡାକ୍ତର ଦେବରାଜ ତ୍ରିପାଠୀ, ଶଙ୍କର ନାରାୟଣ ପାତ୍ର, ସାମ୍ବାଦିକ ସୁଦର୍ଶନ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଗୋପାଳ ବେହେରା, ଅଟଳ ସେନା ରାଜ୍ୟ ସମ୍ପାଦକ ବିରଜା ଶଙ୍କର ବେହେରା ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ନୃସିଂହ ବ୍ରହ୍ମା ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଯୁବ ନେତା ହରିହର ବେହେରା, ଲୋକନାଥ ଚୌଧୁରୀ, ଅବସରପ୍ରାପ୍ତ ଖିଲ ବାବୁ, ଲାଲବାହାଦୂର୍ ଚୌଧୁରୀ, ସଞ୍ଜୟ ଦିଆ ରି, ମୀନା ଚୌଧୁରୀ, ଜି ସତ୍ୟ ନାରାୟଣ, ଆଦର୍ଶ ଅଙ୍ଗନବାଡି କର୍ମୀ ସ୍ନେହମୟୀ ଦାସ, ବି. ପୁନ୍ୟାବତୀ, ଜି ପଦ୍ମା, ଡାଳିମ୍ବ ପୂଜାରୀ, ଜ୍ୟୋସ୍ନା ଚୌଧୁରୀ, କାଞ୍ଚନ ଖରା, ରମେଶ କୁମାର ଚୌଧୁରୀ, ଦେବକୀ ବିଶୋଇ ଚଞ୍ଚଳା ଖରା ,ସାମାଜିକ କର୍ମୀ କୁନା ଚାଲାଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦେବ ଗନ୍ଧାଣା ଗ୍ରାମ ଶାନ୍ତି ବଡ଼ ନାୟକଙ୍କୁ ଛତୁ ରାଣୀ ସମ୍ମାନରେ ସମ୍ମାନିତ କରିଥିଲେ ଅତିଥି ମାନେ। ଏହି କାର୍ଯ୍ୟକ୍ରମକୁ ଅଟଳ ସେନା ଜିଲ୍ଲା ସଂଗଠନ ସଂପାଦକ ତ୍ରିନାଥ ଖରା ପରିଚାଳନା କରିଥିଲେ। ନନ୍ଦପୁର ପ୍ରେସ କ୍ଲବ୍ ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, ପ୍ରେସ କ୍ଲବ୍ ଉପ ଦେଷ୍ଟା ବିପିନ ମହାନ୍ତି, ହିରଣ୍ୟ ବିଶୋଇ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଡି, ଶ୍ରୀରାମ ଖରା ପ୍ରମୁଖ ସହଯୋଗ କରିଥିଲେ।

**ବୈପାରୀଗୁଡା :** ବୈପାରୀଗୁଡା ସ୍ଥିତ ଡାକ ବଙ୍ଗଳାଠାରେ ବିଜେପି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବିଜେପି କର୍ମୀ ବାଜପେୟୀଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ବାଜପେୟୀ ଦେଶର ବିକାଶର ମୂଳ ଦୂଆ ସ୍ଥାପନ କରିଥିଲେ। ଦେଶ ପାଇଁ ତାଙ୍କର ଅନେକ ଅବଦାନ ରହିଛି ବୋଲି କୁହାଯାଇଥିଲା।

**ଉମରକୋଟ :** ଉମରକୋଟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। ଉମରକୋଟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକର୍ତ୍ତାଙ୍କ ସହ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହାପରେ ବିଜେପି କାର୍ଯ୍ୟାଳୟ ଠାରେ ବାଜପାୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗରିବ ଅସହାୟ ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ କରାଯାଇଥିଲା। ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ମୁଖ୍ୟବକ୍ତା ଭାବେ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସଂଯୋଜକ ସୁରେଶ ଆଚାର୍ଯ୍ୟ, ଜିଲ୍ଲା ମହିଳା ସମ୍ପାଦିକା ମନ୍ଦିରା ନାୟକ, ରମେଶ ଦାସ, ସୀମାଞ୍ଚଳ ମଲ୍ଲିକ, ସନ୍ତୋଷ ସରକାର, ସନ୍ତୋଷ ଶର୍ମା, ଶଙ୍କର ଡାକୁଆ ,ରାମହରୀ, ଟିଙ୍କୁ ଭାଇ,ସାନ ଭାଇ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

**କୋରାପୁଟ :** ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର କବିତା ପାଠର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଚେକ ପ୍ରଦାନ କରାଯିବା ସହ ଚାଷୀମାନଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ପିଏ ଆଇଟିଡିଏ ସ୍ନେହପ୍ରଭା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଧାରାଣୀ ସରକାର ପରିଚାଳନା କରିଥିଲେ।

**ନବରଙ୍ଗପୁର :** ନବରଙ୍ଗପୁର ଶାସ୍ତ୍ରୀ ଭବନ ଠାରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଏବଂ ଜିଲ୍ଲା ସ୍ତରୀୟ ' ସୁଶାସନ ଦିବସ ଓ ପ୍ରଧାନମନ୍ତ୍ରୀଙ୍କ ସାଂସଦ ଖେଳ ଉଦ୍‌ଯାପନ କାର୍ଯ୍ୟକ୍ରମ ଏବଂ ଜିଲ୍ଲାର ସାଂସଦ ଖେଳ ମହୋତ୍ସବର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପୌର ଅଧ୍ୟକ୍ଷ କୁନୁ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି କୁଞ୍ଜ ବିହାରୀ ଦାସ, ସାଂସଦ ଖେଳ କୋର୍ଡିନେଟର ରାମେଶ୍ୱର ଜେନା, ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ପ୍ରହ୍ଲାଦ ତ୍ରିପାଠୀ ଯୋଗ ଦେଇଛନ୍ତି । ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡ. ବିଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସ୍ୱାଗତ ଭାଷଣ ସହ ଜୟନ୍ତୀ ଓ ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ଉପରେ କହିବା ସଙ୍ଗେ ସାଂସଦ ଖେଳ ମହୋତ୍ସବର ସମ୍ୟକ୍ ସୂଚନା ଦେଇଥିଲେ। ଏହି ଅବସରରେ ବାଜପେୟୀଙ୍କ ଜୀବନ ଦର୍ଶନ ଓ ସୁଶାସନ ଉପରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ନବରଙ୍ଗପୁର ସାଂସଦୀୟ କ୍ଷେତ୍ରର କୃତି ବାଳକ ଓ ବାଳିକା ବିଭାଗ ର ୩୪ ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ୩ଟି ସାଂସ୍କୃତିକ ଦଳ ସାତ୍ୱିକ କଳାକେନ୍ଦ୍ର, କ୍ଲିନର ସଂଘ, ସାଇରାମ କଳାକେନ୍ଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ପରିଚାଳନା କରିଥିଲେ ଏବଂ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ସାଇବର ଠକେଇ ମାମଲାରେ ଦିଲ୍ଲୀରୁ ଜଣେ ଗିରଫ

ରାୟଗଡ଼ା,୨୫।୧୨(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋତାପେଟା ଗ୍ରାମର ହାଲିବାବୁ ମିସଲାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ସାଇବର ଠକେଇ ହୋଇଥିଲା। ଏହି ଘଟଣାରେ ଚାନ୍ଦିଲ ପୁଲିସ ଦିଲ୍ଲୀରୁ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡିଛି। ପୁଲିସ ସୂତ୍ରରୁ ପ୍ରକାଶ କୋତାପେଟା ଗ୍ରାମର ହାଲିବାବୁ ମିସଲାଙ୍କ ମୋବାଇଲ ଫୋନକୁ ୨୦୨୪ ଅକ୍ଟୋବର ୨୦ ତାରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଲିଙ୍କ୍ ଆସିଥିଲା। ଏହି ଲିଙ୍କକୁ ନିଜ ମୋବାଇଲରେ ଇନ୍‌ଷ୍ଟଲ କରିଥିଲେ। ଏହାପରେ ତାଙ୍କର ଏସ୍‌ବିଆଇ ଆକାଉଣ୍ଟରୁ ୩ଟି କିସ୍ତିରେ ୧ଲକ୍ଷ ୪୩ ହଜାର ଟଙ୍କା ସାଇବର ଠକ ମାନେ ଉଠାଇ ନେଇଥିଲେ। ଏନେଇ ସେ ବ୍ୟାଙ୍କ ସହ ଯୋଗାଯୋଗ କରିବା ଏହା ସାଇବର ଠକେଇ ବୋଲି ଜଣାପଡିଥିଲା । ଏହି ଘଟଣାରେ ତଦନ୍ତ କରି ଚାନ୍ଦିଲି ଆଇଆଇସି ଉତ୍ତମ କୁମାର ସାହୁ ଓ ୨ ଜଣ କନଷ୍ଟେବଳ ସାଉଥ ଦିଲ୍ଲୀ ଅଞ୍ଚଳରୁ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲେ। ଅଭିଯୁକ୍ତ ଜଣଙ୍କ ଦିଲ୍ଲୀ ବାସିନ୍ଦା କରଣ କୁମାର୍(୩୫) ବୋଲି ଜଣାପଡିଛି।

## ■ ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

# ପରମ୍ପରା ଓ ସଂସ୍କୃତି ଶିକ୍ଷା ପାଇଁ ଶୀର୍ଷରେ ଶିଶୁ ବିଦ୍ୟା ମନ୍ଦିର

ତେନ୍ତୁଳିଖୁଣ୍ଟି୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ସ୍ଥିତ ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଆୟୁର୍ବେଦ ଚିକିତ୍ସା ଅଧିକାରୀ ତଥା ପ୍ରଶ୍ଚିମ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ପ୍ରମୁଖ ଡା ବିପିନ ବିହାରୀ ମିଶ୍ର



ଯୋଗଦେଇ ପରମ୍ପରା ଏବଂ ସଂସ୍କୃତି ଶିକ୍ଷା ପାଇଁ ଶିଶୁ ବିଦ୍ୟା ମନ୍ଦିର ଭୂମିକା ଶୀର୍ଷ ରେ ରହିଥିବା କହିବା ସହ ଶାରୀରିକ ଶିକ୍ଷା କ୍ଷେତ୍ରରେ ଅଭିଭାବକଙ୍କ ସହ ବିଦ୍ୟାଳୟ ଗୁରୁଜୀ ଗୁରୁମା ଅଧିକ ଯତ୍ନବାନ ହେବାର ଆବଶ୍ୟକତା ଥିବା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ସମାଜସେବୀ ସୁରେନ୍ଦ୍ର ନାଥ ରାଉତ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସାହୁ, ପରିଚାଳନା କମିଟି ସଭ୍ୟା ପଦ୍ମାବତୀ ବରାଳ, ବିଦ୍ୟାଳୟ ସମ୍ପାଦକ ତଥା ଅବସର ପ୍ରାପ୍ତ ଅଧାପକ ବିମଳ କୁମାର ବେହେରା, କୋଷାଧକ୍ଷ ମନୋଜ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁଜୀ ସୁଜିତ କୁମାର ଘଣା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ପରିଚାଳନା କମିଟି ସଭ୍ୟା ପଦ୍ମାବତୀ ବରାଳ, ଅଧ୍ୟାପିକା ପ୍ରିୟଦର୍ଶିନୀ ନାହାକ ଏବଂ ପୂର୍ବତନ କୋଷାଧକ୍ଷ ଗୋପାଳ କୃଷ୍ଣ ପଣ୍ଡାଙ୍କୁ ମଞ୍ଚ ଉପରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗୁରୁଜୀ ଜିତେନ୍ଦ୍ରିୟ ମହନ୍ତ ଏବଂ ଗୁରୁମା ନିରୁପମା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଏବଂ ଗୁରୁମା ପରିଚାଳନା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ଗୁରୁଜୀ ଶ୍ରୀ ଘଣା ଧନ୍ୟବାଦ ଅର୍ପଣ କରିଥିଲେ।

Best Wishes to 'The Sakala' for 5th Anniversary.

**ADMISSIONS OPEN 2025–26**

**PRIYANKA DEVI GROUP OF INSTITUTION**
Gadadhar Bihar, Baliguali, Puri – 752004
Affiliated to Odisha University of Health Science &
Approved by INC, ONC, DMET, OSBP
BBSR, Odisha
Clinical Training at DHH, Puri



- **B.Sc Nursing**
  Eligibility: +2 Science (with 45% in PCB)
  Qualification: Must qualify OJEE Entrance
  Duration: 4 years
- **Post Basic B.Sc Nursing**
  Eligibility: GNM Pass
  Duration: 2 years
- **GNM & ANM Nursing**
  Eligibility: +2 Pass (any stream with 40%)
  Duration: 3 years / 2 years
- **Diploma in Pharmacy (D.Pharm)**
  Eligibility: +2 Science Pass
  Duration: 2 years
  Assured Placement Assistance
  Stipend available for SC/ST, OBC & SEBC

FOR ADMISSION CONTACT:
7991056177, 9556482657, 9348909319
Website: https://priyankadevi.in

# ଏସ୍‌ବିଆଇ ସିଜିଏମ୍ ଓ ଡିଜିଏମ୍‌ଙ୍କ କୋରାପୁଟ ଗସ୍ତ



ନନ୍ଦପୁର,୨୫।୧୨ (ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ଶ୍ରୀ ରତ୍ନ ତେଜା ଦିନକର ଆକେଲ୍ଲା ଓ ଡିଜିଏମ୍ ଆଲୋକ କୁମାର ସିହ୍ନାଙ୍କ ଦୁଇଦିନିଆ କୋରାପୁଟ ଗସ୍ତ ଅବସରରେ ଆଜି ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମ୍ପୁଟ ସ୍ଥିତ ଗ୍ରାହକ ସେବା କେନ୍ଦ୍ରରେ ନିକଟସ୍ଥ ସମସ୍ତ ଗ୍ରାହକ ସେବା କେନ୍ଦ୍ର ସିଏସପି ପରିଚାଳକଙ୍କ ସହ ସାକ୍ଷାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିଚାଳକ ସୁବାଷ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବାଲଡା ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ନୁପୁର ମୌଳିକ, କ୍ଷେତ୍ର ଅଧିକାରୀ ସୌମ୍ୟ ସ୍ୱରାଜ ରାଉତ, ଆକାଉଣ୍ଟାଣ୍ଟ ଅମନ୍ ମେହେରଙ୍କ ସହ ଅନ୍ୟାନ୍ୟ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ରହି ସିଜିଏମ୍ ଓ ଡିଜିଏମ୍‌ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ବୈଠକ ସମୟରେ ସିଜିଏମ୍ ରତ୍ନ ତେଜା ଦିନକର ଆକେଲ୍ଲା ସିଏସପି ପରିଚାଳକମାନଙ୍କୁ ଗ୍ରାମାଞ୍ଚଳର ଗ୍ରାହକମାନଙ୍କୁ ସତ, ସମୟୋପଯୋଗୀ ଓ ସ୍ୱଚ୍ଛସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆର୍‌ଏମ୍ ଶ୍ରୀ ବେହେରା ଜନସେବା କେନ୍ଦ୍ରରେ ଉପସ୍ଥିତ ଗ୍ରାହକମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଷ୍ଟେଟ୍ ବ୍ୟାଙ୍କର ବିଭିନ୍ନ ଗ୍ରାହକ ସେବା ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ହିକିମପୁଟ ସିଏସ୍‌ପି ପରିଚାଳକ ଶଙ୍କର ସେନ ନାୟକଙ୍କ କାର୍ଯ୍ୟ ନେଇ ଉଚ୍ଚ ପ୍ରଶଂସା କରିଥିଲେ ବଲ୍ଡା ଶାଖା ମୁଖ୍ୟ ପରିଚାଳକ ନୁପୁର ମଲ୍ଲିକ । ଏହି ଅବସରରେ ବେଦବାଗ ଭିସିର ଜିଲ୍ଲା ଅଧିକାରୀ କୁମ ପାଙ୍ଗିଙ୍କ ସମେତ ଗ୍ରାହକ୍ ସେବା ପରିଚାଳକ ଜସ୍ମିନି ଖରା, ଡମ୍ବୁରୁ ଧର ଭଣ୍ଡା, କାହ୍ନୁ ଚରଣ ନାୟକ, ରାଜ କୁମାର ଖିଲ, ତ୍ରିନାଥ ଖିଲ, ନକୁଲ ସୀସା ଲାଇଲୁ ଗୁଞ୍ଜିଆ, ସୁକାନ୍ତ କୁମାର ଦାସ, ବାଲଡ଼ା ବ୍ୟାଙ୍କ୍ କର୍ମଚାରୀ ଘନଶ୍ୟାମ ନାୟକ, ଜଗଦୀଶ ତାଲିଆ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଗ୍ରାମ ପଞ୍ଚାୟତର ଦୁଇ ସାମାଜିକ କର୍ମୀ ଜୟରାମ ଭୋଇ, କାଶୀନାଥ ଗୋଲରୀ ପ୍ରମୁଖଙ୍କ ସହ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବି ମାନେ ଯୋଗ ଦେଇଥିଲେ।

## ପ୍ରଶାସନ ସହ ଚାଷୀ ମହାସଂଘର ଆଲୋଚନା

# ମକା କ୍ୱିଣ୍ଟାଲ୍ ୨୦୦୦ ଟଙ୍କାରେ କ୍ରୟ ହେବ



ଉମରକୋଟ,୨୫।୧୨ (ସମିସ) : ମକା କ୍ୱିଣ୍ଟାଲ୍ ୨୪୦୦ ଟଙ୍କା ଓ ତୁରନ୍ତ ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ଦାବିରେ ଚାଷୀ ମହାସଂଘ ପକ୍ଷରୁ ଉମରକୋଟ, ରାଇଘର ଓ ଝରିଗାଁ ବ୍ଲକ୍‌ରେ ଚକଅଖ ବନ୍ଦ କରାଯାଇଥିଲା। ବୁଧବାର ଦିନ ବିଳମ୍ବିତ ରାତ୍ରରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଆନ୍ଦୋଳନକୁ ପ୍ରତ୍ୟାହାର କରିଛି ଚାଷୀ ମହାସଂଘ। ରାଇଘର ଠାରେ ସୋମବାର, ମଙ୍ଗଳବାର ପ୍ରଶାସନିକ ଅଧିକାରୀ ଓ ଚାଷୀ ମହା ସଂଘର ଆଲୋଚନା ବିଫଳ ହେବା ପରେ ବୁଧବାର ବିଳମ୍ବିତ ରାତ୍ରରେ ଉମରକୋଟ ଠାରେ ତୃତୀୟ ଥର ପାଇଁ ପ୍ରଶାସନ ଚାଷୀ ମହାସଂଘର ନେତା ମାନଙ୍କ ସହ ଆଲୋଚନା କରିଥିଲା। ବୈଠକର ନିଷ୍ପତି ଅନୁଯାୟୀ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଜିଲ୍ଲା ପ୍ରଶାସନ ଉମରକୋଟ, ରାଇଘର, ଝରିଗାଁ ବ୍ଲକ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୨୦୦୦ ଟଙ୍କାରେ ପ୍ରାୟ ୧୦ ଲକ୍ଷ କ୍ୱିଣ୍ଟାଲ ମକା କ୍ରୟ କରିବା, ଧାନ ମଣ୍ଡି ଖୋଲାଯାଇ ସମସ୍ତ ଚାଷୀଙ୍କ ଟୋକେନ ପ୍ରଦାନ କରାଯାଇ ଧାନ କ୍ରୟ କରାଯିବ ଓ ଚାଷୀ ଯେପରି ସାର ପାଇବାରେ ଅସୁବିଧା ନ ହୁଏ, ଏଥିପ୍ରତି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଚାଷୀ ମହାସଂଘ ଏଥିରେ ସହମତି ପ୍ରଦାନ କରି ବିଳମ୍ବିତ ରାତିରେ ହିଁ ଆନ୍ଦୋଳନକୁ ପ୍ରତ୍ୟାହାର କରିଦେଇଥିଲା। ଫଳରେ ଆଜି ଠାରୁ ଉମରକୋଟ ସହରକୁ ସମ୍ପୂର୍ଣ୍ଣ ଭାବରେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଛି। ବୈଠକ ପରେ ପୂର୍ବତନ ଏମପି ପ୍ରଦୀପ ମାଝୀ ଖବରଦାତା ମାନଙ୍କୁ ସୂଚନା ପ୍ରଦାନ କରଥିଲେ। ଚାଷୀ ମାନେ ଯେଉଁ ମକାକୁ ପୂର୍ବେ ୧୭୦୦ ଟଙ୍କା ରେ ବିକ୍ରୀ କରୁଥିଲେ ବର୍ତ୍ତମାନ ୨୦୦୦ ଟଙ୍କା ର ବିକ୍ରୀ କରି ସିଧା ସଳଖ ୩୦୦ ଟଙ୍କା କ୍ୱିଣ୍ଟାଲ ପିଛା ଲାଭ ପାଇବେ। ଉମରକୋଟ,ରାଇଘର ଓ ଝରିଗାଁ ବ୍ଲକରୁ ଜିଲ୍ଲା ପ୍ରଶାସନ ୧୦ ଲକ୍ଷ କ୍ୱିଣ୍ଟାଲ ମକା ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଜାନୁଆରୀ ମାସ ପ୍ରଥମ ସପ୍ତାହରୁ କ୍ରୟ କରିବା ପାଇଁ ରାଜି ହୋଇଛି ବୋଲି କହିଛନ୍ତି। ଏହି ଆଲୋଚନାରେ ଚାଷୀ ମହାସଂଘ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଗୋପାଳ ପୁଜାରୀ, ତପନ କୁମାର ଦେବନାଥ, ବିର ସିଂ ମାଝି, କାଲୁ ପଣ୍ଡା, ପ୍ରେମା ପାଣ୍ଡେ, ସଂତୋଷ ସୂତ୍ରଧର ଓ ମୃତାଞ୍ଜୟ କିର୍ତନିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନବରଙ୍ଗପୁର ଡ଼ିଏସପି ରମାକାନ୍ତ ସାଏ, ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଉମରକୋଟ ତହସିଲଦାର ମେଗବାନ ବାଗ, ଜିଲା କୃଷି ଅଧିକାରୀ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ଓ ଇନ୍ସପେକ୍ଟର ଶିବଜି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରଜତ ଜୟନ୍ତୀ ଉତ୍ସବ ପାଇଁ ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି



ସେମିଲିଗୁଡ଼ା, ୨୫।୧୨ (ସମିସ): ଚଳିତ ବର୍ଷ ଡିସେମ୍ବର ୨୮ ତାରିଖ ଦିନ ସେମିଲିଗୁଡା ପ୍ରେସ କ୍ଲବ୍‌ର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବ ଦିନ ଶବ୍ଦ ଉତ୍ସବ ଦିନବେଳା ପାଳନ କରାଯିବ । ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସାହିତ୍ୟିକ ଯୋଗ ଦେବେ। ଏଥିରେ ଅଣୁ ଗପ ଓ ପରମାଣୁ କବିତାର ସମାହାର ହେବ। ଅପରାହ୍ନ ୫ଟା ସମୟରେ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଉତ୍ସବର ନାମ 'ଅନ୍ୱେଷଣ ଶାନ୍ତି' ରଖାଯାଇଛି । ଏଥିରେ ଶାନ୍ତି ଉପରେ ଆଲୋଚନା ହେବ। 'ଅନ୍ୱେଷଣ ଶାନ୍ତି 'ନାମକ ଏକ ଆନ୍ତର୍ଜାତିକ ମାନର ବହି ଲୋକାର୍ପଣ କରାଯିବ। ଏଥିରେ ଦେଶ ବିଦେଶର ପ୍ରତିଷ୍ଠିତ ଲେଖକଙ୍କର ଲେଖା ସ୍ଥାନ ପାଇଛି । ଶାନ୍ତି ଉପରେ କୋଉ ଧର୍ମ ଶାସ୍ତ୍ର ଓ ଆଧାତ୍ମିକ ଅନୁଷ୍ଠାନର କଣ ଦର୍ଶନ ରହିଛି ତାହା ସ୍ଥାନ ପାଇଛି। କୋରାପୁଟ ଗୌରବ, କୋରାପୁଟ ପ୍ରତିଭା, ପ୍ରେସ ଗୌରବ, ଆମ ପ୍ରିୟ ସାମ୍ବାଦିକ, ପ୍ରେସ ସାଂସ୍କୃତିକ ସମ୍ମାନ ସମେତ କୋରାପୁଟରେ ଥିବା ସମସ୍ତ ମିଡ଼ିଆ ହାଉସର ମୁଖ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ବ୍ୟକ୍ତି ଓ ଅନଷ୍ଠାନକୁ ମଧ୍ୟ ସ୍ମୃତି ସ୍ମାରକୀ ଦିଆଯାଇ ସମ୍ମାନିତ କରାଯିବ। ବରପୁତ୍ର ମଣ୍ଡପକୁ ବି ଲୋକାର୍ପଣ କରାଯିବ। ରଜତ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ପ୍ରେସ କ୍ଲବ କ୍ୟାମ୍ପସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କମିଟି ଗଠନ କରାଯାଇ ସଭ୍ୟ ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସଭାପତି ଡ଼ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ମନୋଜ ପଟନାୟକ, କାର୍ଯ୍ୟକାରୀ ସଭାପତି ବାସୁ ବରାଡ଼, ଉପସଭାପତି କୁର୍ମା ରାଓ ଓ ପୁରିନ୍ଦର ବାରିକ, କଲ୍ୟାଣ ପାଣ୍ଠି ଅଧକ୍ଷ କର୍ଣ୍ଣାଟ କେଶରୀ ସାମଲ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଭୋଲ ଏବଂ ଅନ୍ୟ ସଦସ୍ୟ ଯୋଗ ଦେଇଥିଲେ।

# ପେଟା ଘାଟିରେ ଓଲଟିଲା ପରିବା ବୋଝେଇ ଭ୍ୟାନ୍



ବୈପାରିଗୁଡା, ୨୫।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତ କୋଟା ଛକ ତିନି ବାଙ୍କ ପେଟା ଘାଟିରେ ଓଲଟିଲା ପରିବା ବୋଝେଇ ଭ୍ୟାନ। ଦୁର୍ଘଟଣଶରେ ଡ୍ରାଇଭର ଏବଂ ଚାରି ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛ। ଘଟଣା ଅନୁଯାୟୀ, ପାଡୁଆ ସାପ୍ତାହିକ ହାଟରୁ (ଓଡି୧୦ଓ୫୪୪୬) ନମ୍ବର ମିନି ଭ୍ୟାନ୍ ପରିବା ବୋଝେଇ ହୋଇ କୋଟପାଡ଼ ବ୍ଲକର ବଣ୍ଡାଗୁଡା ଅଭିମୁଖେ ବାହାରିଥିଲା। ପେଟା ଘାଟିରେ ଭ୍ୟାନର ବ୍ରେକ ଫେଲ୍ ହୋଇଯିବାରୁ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ଗଙ୍ଗାଧର ଚାଲାଣଙ୍କ ଏବଂ ଚାରି ଜଣ ମହିଳା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟିବା ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ବିଜୁ ରାଉତ ଏବଂ କେଦାର ଗୌରୀ ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବୈପାରିଗୁଡା ପୁଲିସକୁ ଖବର ଦେଇଥିଲେ । ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଜୟପୁର ଜିଲ୍ଲା ହସପିଟାଲକୁ ପଠାଇଥିଲେ। ଏହାପରେ ବୈପାରିଗୁଡା ପୁଲିସ ଓଆଇସି ଡମ୍ବରୁଧର ବାତ୍ରିଆ ଏବଂ ଏଏସଆଇ ବୁଲୁ ସାଧୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବାଂଲାଦେଶରେ 'ହିନ୍ଦୁ ନରସଂହାର' ବିରୋଧରେ ବିଏଚ୍‌ପିର ଶୋଭାଯାତ୍ରା



ରାୟଗଡ଼ା, ୨୫।୧୨(ସମିସ) : ବାଂଲାଦେଶର ମୈମନସିଂହରେ ହିନ୍ଦୁ ଗାର୍ମେଣ୍ଟ ଶ୍ରମିକ ଦୀପୁ ଚନ୍ଦ୍ର ଦାସଙ୍କୁ ଅତି ନିର୍ମମ ଭାବେ ହତ୍ୟା ଏବଂ ମହମ୍ମଦ ୟୁନୁସଙ୍କ ଶାସନ କାଳରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ବିରୋଧରେ ଆଜି ବିଏଚ୍‌ପି ପ୍ରତିବାଦ ଶୋଭାଯାତ୍ରା କରିଛି। ରାୟଗଡା ସହରବାସୀଙ୍କ ସମେତ ସମସ୍ତ ବ୍ୟବସାୟିକ ଓ ବୈଷୟିକ ସଂଗଠନ, ବିଶ୍ୱ ହିନ୍ଦୁ ପରିଷଦ , ବଜରଙ୍ଗ ଦଳ, ମାତୃଶକ୍ତି ଏବଂ ଦୁର୍ଗାବାହିନୀ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୋଭାଯାତ୍ରାରେ ଆଜି ସକାଳୁ ରାୟଗଡ଼ା ସହରର ଜଗନ୍ନାଥ ମନ୍ଦିରରେ ଶତାଧିକ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ହାତରେ ଗେରୁଆ ପତାକା ଏବଂ ବାଂଲାଦେଶ ସରକାର ବିରୋଧୀ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଏହି ବର୍ବରୋଚିତ କାଣ୍ଡ ବିରୁଦ୍ଧରେ ପରିଷଦ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ରାୟଗଡା ରେଳ ଷ୍ଟେସନଠାରେ ପହଞ୍ଚି ସ୍ୱର୍ଗତ ଦିପୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ୧୯୭୮ ମସିହା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମାଗମ



ପାପଡାହାଣ୍ଡି,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ୍ ସିରସୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଲପୁର ଗ୍ରାମ ରଜନୀ ଶାସମଲଙ୍କ ଘର ପରିସରରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟର ୧୯୭୮ ମସିହା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଛାତ୍ର ଗୁପ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ପୋଣ୍ଡିକୋଟ ସରପଞ୍ଚ ଶିବ ପ୍ରସାଦ ଅଗ୍ରୱାଲ ମୁଖ୍ୟ ବକ୍ତା ନିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟର ୧୯୭୮ ମସିହାର ୪୧ ଜଣ ପୂର୍ବତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମାଜରେ କିଛି ଭଲ କାମ କରିବା, ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ସଦସ୍ୟ ନିଜ ନିଜ ଜୀବନ କାହାଣୀ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ରଜନୀକାନ୍ତ ଶାସମଲ ପରିଚାଳନା କରିଥିଲେ। ବିଜୟ କୁମାର ପ୍ରଧାନ, ଡି.ନାରାୟଣ ରାଓ, ଏସ. ଚନ୍ଦ୍ର ରାଓ, ପ୍ରମୋଦ କୁମାର ଶତପତି, ଅଶୋକ ମିଶ୍ର, ଗୁପ୍ତ ବିଷୋୟୀ, ଭାବନୀ ପଟ୍ଟନାୟକ, ଗୌରୀ ପଟ୍ଟନାୟକ, ହରିଶଚନ୍ଦ୍ର ପଟ୍ଟନାୟକ, ଟଙ୍କ ମାଳି, ମାଧୁରୀ ତ୍ରିପାଠୀ ଓ ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# କଲଭର୍ଟ ତଳୁ ମୃତଦେହ ଉଦ୍ଧାର

ପାପଡାହାଣ୍ଡି,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମର ସତନାମୀ ସାହି ନିକଟରେ କଲଭର୍ଟ ତଳୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ମଝିଆ ଭତରା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ା ଗ୍ରାମର ମଝିଆ ଭତରା (୫୦) କାଲି ସନ୍ଧ୍ୟା ସମୟରେ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ସେ ବହୁ ସମୟ ପରେ ମଧ ଘରକୁ ଫେରିନଥିଲେ। ପରିବାର ସଦସ୍ୟ ଏହା ଜାଣିବା ପରେ ଆଖପାଖ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ଖବର ମିଳିନଥିଲା। ଆଜି ସକାଳେ ସତାନାମୀ ସାହି ନିକଟରେ ରହିଥିବା କଲଭର୍ଟ ତଳୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଥାନା ଅଧିକାରୀ ଦୀପକ କୁମାର ଜେନା ଓ ପୋଲିସ ଟିମ ଘାଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏନେଇ ମୃତ ମଝିଆଙ୍କ ପୁତୁରା ଶ୍ରୀପତି ଭତରା ପାପଡାହାଣ୍ଡି ଥାନାରେ ଏତଲା ଦେବା ପରେ ତଦନ୍ତ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଏହାର ଅନୁସଂଧାନ କରୁଛନ୍ତି।

# ସେବକ ଦଳର ତୁଳସୀ ଦିବସ



ସୁନାବେଡ଼ା,୨୫।୧୨(ସମିସ); ଡିସେମ୍ବର ୨୫କୁ ସାରା ବିଶ୍ୱରେ ବଡ଼ଦିନ ପାଳନ କରାଯାଉଥିବା ବେଳେ ସେବକ ଦଳ ତରଫରୁ ତୁଳସୀ ଦିବସ ପାଳନ କରାଯାଇଛି। ସୁନାବେଡ଼ା-୩ ସ୍ଥିତ ହନୁମାନ ବଜାର ନିକଟରେ ଥିବା ମହିଳା ସଂଘଠାରେ ଧୁମ୍‌ଧାମରେ ତୁଳସୀ ଦିବସ ପାଳିତ ହେଇଯାଇଛି। ଏହି ଦିବସରେ ଭୋଗ ଏବଂ ଆଳତୀ ଦେଇ ମା'ଙ୍କୁ ପୂଜା କରାଯାଇଥିଲା। ସେବକ ଦଳର ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ସେବକ ଦଳର ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ଦିପେଶ, ମୋନୁ, ଗୋପ, ଗୋବିନ୍ଦ, ଚିତ୍ର, ଶୁଭମ୍, କିରଣ, ସୁରେନ୍ଦ୍ର, ଏବଂ ବୃନ୍ଦା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯକ୍ରମକୁ ଆସନ୍ତା ବର୍ଷ ଆହୁରି ଧୁମ୍‌ଧାମ ଭାବରେ ପାଳନ କରିବେ ବୋଲି ମହିଳା ସଂଘ, ସେବକ ଦଳ ସ୍ଥାନୀୟ ଜନସାଧାରଣ କଥା ରଖିଥିଲେ।

# ବସ୍ ମାଲିକ ସଂଘ ପକ୍ଷରୁ ଖଲାସୀଙ୍କୁ ପୋଷାକ ବଣ୍ଟନ




କୋରାପୁଟ,୨୫।୧୨(ସମିସ): କୋରାପୁଟ ବସଷ୍ଟାଣ୍ଡରେ କାର୍ଯ୍ୟରତ ଖଲାସୀ ମାନଙ୍କୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ନୂତନ ପୋଷାକ ପ୍ରଦାନ କରା ଯାଇଛି। ବିଭିନ୍ନ ସମୟରେ କୋରାପୁଟ ବସଷ୍ଟାଣ୍ଡର ଖଲାସୀ ମାନଙ୍କୁ ଘରୋଇ ବସ ମାଲିକ ସଂଘ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥାଏ। ବର୍ଷାଦିନେ ଛତା ଓ ରେନକୋର୍ଟ, ଖରା ଦିନେ ଡ୍ରେସ୍ ଏବଂ ଶୀତ ଦିନେ କମ୍ବଲ ଏବଂସ୍ୱିଟର ପ୍ରଦାନ କରି ଖଲାସୀ ମାନଙ୍କ ସାହାରା ବନିଥାନ୍ତି ଘରୋଇ ବସ ମାଲିକ ସଂଘ। ଆଜି ଖ୍ରୀଷ୍ଟମାସ ଉପଲକ୍ଷେ ଘରୋଇ ବସ୍ ମାଲିକ ସଂଘ ତରଫରୁ ୨୫ରୁ ଅଧିକ ଖଲାସୀଙ୍କୁ ମୁଖ୍ୟ ଅତିଥି ସଂଘର ଆଇନ ଉପଦେଷ୍ଟା ଅଶୋକ କୁମାର ଷଡଙ୍ଗୀ ଡ୍ରେସ୍ ପ୍ରଦାନ କରିଥିଲେ। ଏଇ କାର୍ଯ୍ୟକ୍ରମରେ ସଂଘର ସଭାପତି ସେଖ କାସିମ୍ ଏବଂ ସମ୍ପାଦକ ଫିରୋଜ କୁମାର୍ ତୁରୁକଙ୍କ ସହ ଘରୋଇ ବସ ମାଲିକ ସଂଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଦେଶୀ ମଦ ଜବତ



ନନ୍ଦାହାଣ୍ଡି ,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇଥିଲା। ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତ ନବରଙ୍ଗପୁର ଥାନା ଅନ୍ତର୍ଗତ ମାଝୀଗୁଡ଼ା ଗ୍ରାମର ରଣା ସାହିର ବିଭିନ୍ନ ସ୍ଥାନରେ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ଏହି ସମୟରେ ପ୍ରାୟ ୨୮୫୦ ଲିଟର ମହୁଲ ପୋଚ ଏବଂ ୨୫୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଥିଲା। ଉଭୟ ପୋଚ ଓ ମଦକୁ ଘଟଣାସ୍ଥଳରେ ହିଁ ସମ୍ପୂର୍ଣ ନଷ୍ଟ କରି ଦିଆଯାଇଥିଲା। ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଟିମ୍‌ରେ ଅବକାରୀ ଥାନା ଅଧିକାରୀ ଉଷା ଗୌଡ଼ ଏବଂ ଉପ ନିରୀକ୍ଷକ କେ. ଭାସ୍କରଙ୍କ ସମେତ ରଞ୍ଜୀ ଜାନୀ, ରିସ୍ମା ସୁନା, ଆକ୍ରମ ଖାନ, ସଦାଶିବ ଭତରା ଓ ଉମେଶ ହରିଜନ ପ୍ରମୁଖ ସହଯୋଗ କରିଥିଲେ।



# ଛତୁ ଚାଷ ଦେଉଛି ରୋଜଗାର





ଉମରକୋଟ ୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ ଶିଳ୍ପର କୌଣସି ବିକଳ୍ପ ନାହିଁ। ତେଣୁ ବର୍ତ୍ତମାନ ନାମମାତ୍ର କ୍ଷୁଦ୍ର ଚାଷୀ ପାରମ୍ପରିକ ଚାଷ ସହ ଆନୁସଙ୍ଗିକ ଚାଷ କରୁଛନ୍ତି । ସେଥିମଧ୍ୟରୁ ଡିଙ୍ଗିରି ଛତୁ ଚାଷ ଅନ୍ୟତମ। କିଛି ଚାଷୀଙ୍କ ରୋଜଗାରର ମାଧ୍ୟମ ସାଜିଛି ଡିଙ୍ଗିରୀ ଛତୁ। ବାବୁଲାଲ ଡିଙ୍ଗିରି ଛତୁଚାଷ ୟୁଟୁବ୍‌ରୁ ଦେଖିଥିଲେ ଏବଂ କୃଷି ବିଜ୍ଞାନ କେନ୍ଦ୍ରରୁ ସମସ୍ତ ସୂଚନା ପାଇବା ପରେ ୫୦୦ ଟଙ୍କାର ଛତୁ ମଞ୍ଜି ଆଣି ଚାଷ ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ଏକା ଥରକେ ପ୍ରାୟ ୨୨ ହଜାର ଟଙ୍କାର ମଞ୍ଜି ଆଣିଛନ୍ତି ଏବଂ ଚାଷ କରୁଛନ୍ତି। ଉମରକୋଟ ବ୍ଲକ୍‌ର ମୁର୍ତ୍ତୁମା ପଞ୍ଚାୟତର କୁଟିଆରିଗୁଡା ଭଳି ଗ୍ରାମାଞ୍ଚଳରେ ସ୍ୱଳ୍ପ ଖର୍ଚ୍ଚରେ ଡିଙ୍ଗିରି ଛତୁଚାଷ କରି ଅଧିକ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇ ପାରିଥିବା ଦେଖିବାକୁ ମିଳିଛି। ପାଳ ନଡା ଏହାକୁ ସାଧାରଣତଃ ଗାଈ ଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହାର କରାଯାଏ ଏବଂ ବଳକା ଗୁଡିକୁ ଆବର୍ଜନା ଭାବେ ବିବେଚନା କରି ଆମେ ଫିଙ୍ଗି ଦେଇଥାଉ । କିନ୍ତୁ ଉମରକୋଟ ବ୍ଲକ ମୁର୍ତ୍ତୁମା

## ସ୍ୱାବଲମ୍ବୀ ହେଲେ ବାବୁଲାଲ

ପଞ୍ଚାୟତର କୁଟିଆରିଗୁଡା ଗ୍ରାମର ବାବୁଲାଲ ଗଣ୍ଡ ନିଜ ଘର ଭିତରେ ୬୦୦ ବର୍ଗଫୁଟ ଘର ଭିତରେ ପାଳ ନଡା ବ୍ୟବହାର କରି ସୁନ୍ଦର ଭାବରେ କରିଛନ୍ତି ଛତୁ ଚାଷ। ଏହି ଚାଷ କରି ସେ ମାସକୁ ପ୍ରାୟ ୨୦ ରୁ ୨୫ ହଜାର ଟଙ୍କା ଉପାର୍ଜନ କରି ପାରୁଛନ୍ତି। ସେ ନିଜ ଉତ୍ପାଦିତ ଛତୁକୁ ସ୍ଥାନୀୟ ବଜାରରେ ବିକ୍ରି କରୁଛନ୍ତି ଏବଂ ଏହି ଉତ୍ପାଦିତ ଛତୁ ବିକ୍ରି କରିବାରେ ତାଙ୍କ ମା' ସାହାଯ୍ୟ କରୁଛନ୍ତି। କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି କରନ୍ତି। ଦିନକୁ ୧୦ ରୁ ୨୦ କେଜି ଛତୁ ବାହାରୁଛି। ବାବୁଲାଲ କହିଛନ୍ତି ସରକାରଙ୍କ ପକ୍ଷରୁ ଯଦି କିଛି ପ୍ରୋତ୍ସାହନ ମିଳନ୍ତା, ତାହେଲେ ଛତୁ ଚାଷ ପାଇଁ ଘରଟିଏ ତିଆରି କରିବା ସହ ଅଧିକ ଛତୁ ଚାଷ କରିପାରିଥାନ୍ତି । ଅନ୍ୟପଟେ ଏହି ଛତୁକୁ ଲୋକେ ଅତି ଆଗ୍ରହ ର ସହକାରେ ନେଇଥାନ୍ତି। ଏହା ଖାଇବା ପାଇଁ ଭାରି ସୁଆଦିଆ। ଆଖପାଖ ହାଟ ବଜାରରେ ନିଜେ ନେଇ ବିକ୍ରି କରିଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଦୁଇ ହଜାରରୁ ଅଧିକ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେଥିମଧ୍ୟରୁ ୧୦୦ରୁ ଅଧିକ ଚାଷୀ ଏହାକୁ ଜୀବିକା ଭାବେ ଗ୍ରହଣ କରି ଚାଷ କରୁଛନ୍ତି। ଏହି ଛତୁରେ ପ୍ରୋଟିନ୍, ଭିଟାମିନ ଓ ଫାଇବର ଅଧିକ ମାତ୍ରାରେ ରହିଛି । ତେଣୁ ଏହା ଖାଇବା ପରେ ଶୀଘ୍ର ହଜମ ହୋଇ ଥାଏ। ଏହି ଛତୁ ଚାଷ ସାଧାରଣତଃ ୬ ମାସ ଚାଷ ହୁଏ ଏବଂ ଏଠାରେ ଛତୁ ଚାଷ ପାଇଁ ପାଗ ଅନୁକୂଳ ରହିଛି ବୋଲି କହିଛନ୍ତି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼କ୍ଟର ଶଶାଙ୍କ ଲେଙ୍କା।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## ବିପଦରେ ତଥ୍ୟ

ଆଇଟି ବିଶେଷଜ୍ଞମାନେ ଡାଳେ ଡାଳେ ଗଲେ ହ୍ୟାକର ଓ ସାଇବର ଅପରାଧୀମାନେ ପତ୍ରେ ପତ୍ରେ ଯାଉଛନ୍ତି। ସାଇବର ସୁରକ୍ଷାକୁ ସରକାର ଯେତେ ଦୃଢ଼ କଲେ ମଧ୍ୟ ପ୍ରତିଦିନ ସାଇବର ଅପରାଧ ଜଗତରୁ ନୂଆ ଆହ୍ୱାନ ଓ ଆଶଙ୍କା ସୃଷ୍ଟି ହେଉଛି। ନିକଟରେ ପ୍ରାୟ ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇମେଲ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଘଟ ହୋଇଥିବା ମଧ୍ୟପ୍ରଦେଶ ପୁଲିସ୍‌ର ସାଇବର ସେଲ୍‌ଫ ସୂଚନା ଦେବା ସହିତ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛି। କିଛିଦିନ ପୂର୍ବରୁ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ବର୍ତ୍ତମାନ ଦେଶରେ ସାଇବର ନିରାପତ୍ତାର ଦୁଃସ୍ଥିତି ଏପରି ହୋଇଛି ଯେ ଲୋକସଭା ସାଂସଦମାନଙ୍କୁ ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଓ ସ୍ମାର୍ଟ ଚଷମା ଆଦି ସଂସଦ ପରିସରକୁ ନ ଆଣିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଦେଶର କୋଟି କୋଟି ଜନସାଧାରଣଙ୍କ ସାଇବର ଓ ଗୋପନୀୟ ତଥ୍ୟ ସୁରକ୍ଷାରେ ଯେ ସରକାର ଦୃଢ଼ ନିଶ୍ଚିତ ନୁହନ୍ତି ତାହା ଏହି ମାର୍ଗଦର୍ଶିକା ଜାରି ପରେ ପ୍ରମାଣିତ ହେଉଛି।

ଏବେ ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ତଥ୍ୟ ପ୍ରଘଟ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ତଥ୍ୟ ସୁରକ୍ଷା ଓ ଗୋପନୀୟତା ରକ୍ଷା ପାଇଁ ସରକାର ଆଇନ ପରେ ଆଇନ ଆଣୁଥିଲେ ମଧ୍ୟ ରୂପାୟନ ସ୍ତରରେ ରହିଯାଉଥିବା ଗଳାବାଟର ସୁଯୋଗ ନେଇ ସାଇବର ଅପରାଧୀମାନେ ସହଜରେ ଲକ୍ଷ୍ୟ ହାସଲ କରି ନେଉଛନ୍ତି। ଆଉ ଏକ ଉଦ୍‌ବେଗଜନକ ବିଷୟ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ 'ଆଧାର' ଏବେ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ହୋଇଯାଇଛି। ସତେଯେମିତି ଆଧାର ବିନା ମଣିଷ ଜୀବନଯାତ୍ରା ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ପରିସ୍ଥିତି ଏପରି ହୋଇଛି ଯେ ଆଧାର ନମ୍ବର ଦେବ ନତୁବା ସେବା ହାସଲ କରିବ ନାହିଁ। ଏଭଳି ପରିସ୍ଥିତି ହ୍ୟାକରଙ୍କୁ ସୁହାଉଛି। ସେମାନେ ତଥ୍ୟ ଚୋରି କରି ନେଇ ବିଦେଶୀ ସରକାରଙ୍କୁ ବିକ୍ରି କରି ପ୍ରଚୁର ଲାଭ ପାଉଛନ୍ତି।

ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ସରକାର ଯୋଜନା କରୁଥିଲେ ହେଁ ତାହା ତଥ୍ୟ ଓ ଗୋପନୀୟତା ରକ୍ଷା ପାଇଁ ଯଥେଷ୍ଟ ନୁହେଁ। ତଥ୍ୟ ପ୍ରଘଟ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଦେଶ ପ୍ରତି ମଧ୍ୟ ବିପଦ। ତେଣୁ ବେଳ ହୁଁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ।। ●

## ବିବଶ ପଡ଼ୋଶୀ

ବାଂଲାଦେଶରେ ମତାନ୍ଧ ମୌଳବାଦୀଙ୍କ ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ନିଆଁଠାରୁ ବଳି ଯାଇଛି ଭୋକର ନିଆଁ। ଭାରତ ବିରୋଧରେ ବିଷୋଦ୍‌ଗାର କରୁଥିବା ସେଠାକାର କାମଚଳା ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ଶେଷରେ ଖାଦ୍ୟଶସ୍ୟ ପାଇଁ ଭାରତ ପାଖରେ ହାତ ପାତିଛନ୍ତି। ସବୁଠାରୁ ଚମକପ୍ରଦ ଖବରଟି ହେଉଛି ବାଂଲାଦେଶକୁ ଶସ୍ୟ ସଙ୍କଟରୁ ଉଦ୍ଧାର କରିବା ଲାଗି ନୂଆ ନୂଆ ହିତାକାଂକ୍ଷୀ ହୋଇଥିବା ପାକିସ୍ତାନ ମଧ୍ୟ ପଛଘୁଞ୍ଚା ଦେଇଛି। ଏଥିରୁ ୟୁନୁସ୍ କି ଶିକ୍ଷା ପାଇଥିବେ ତାଙ୍କୁ ଜଣା।

ଗତବର୍ଷ ଅଗଷ୍ଟ ମାସରେ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଗାଦିଚ୍ୟୁତ ହେବା ପରଠାରୁ ବାଂଲାଦେଶରେ ସଂଖ୍ୟାଲଘୁ ବିରୋଧୀ ହିଂସା ଏବଂ ଭାରତ ବିରୋଧରେ ପ୍ରତିକ୍ରିୟା ତୀବ୍ର ହେବାରେ ଲାଗିଛି। ଜନ୍ମଦାତା ଓ ଆଶ୍ରୟଦାତା ଭାରତର ସାହାଯ୍ୟ ସହଯୋଗକୁ ଭୁଲି ଚୀନ୍ ଓ ପାକିସ୍ତାନ ପ୍ରତି ୟୁନୁସ୍ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି। ଏପରିକି ସେହି ଦୁଇ ଦୁଷ୍ଟ ରାଷ୍ଟ୍ରର ପ୍ରରୋଚନାରେ ଭାରତର ଅଖଣ୍ଡତା ବିରୋଧରେ ମନ୍ତବ୍ୟମାନ ଦେଉଛନ୍ତି। ଏହା ମୌଳବାଦୀମାନଙ୍କୁ ସାମ୍ପ୍ରଦାୟିକ ହିଂସା ଭିଆଇବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ୍ ରେହେମାନ୍ ନିର୍ବାସନରୁ ଏବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ସାମ୍ପ୍ରଦାୟିକ ହିଂସା ଆହୁରି ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ବିବଶ ବାଂଲାର ବିଡ଼ମ୍ବନା ଏହା ଯେ ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଦାୟିତ୍ୱ ନେଇଥିବା ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍ ହିଁ ଆସନ୍ତା ଫେବୃଆରୀ ମାସରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଉଦ୍ଦେଶ୍ୟମୂଳକ ଭାବେ ହିଂସା ଓ ଅସ୍ଥିରତାକୁ ପ୍ରଶ୍ରୟ ଦେଉଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପଛର କାରଣ ଏବେ ସ୍ପଷ୍ଟ ହେଉଛି। ସେଠାରେ ଏକ ନିର୍ବାଚିତ ସରକାର ଶପଥ ନେବା ସହିତ ୟୁନୁସ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ପରିଣତ ବୟସରେ କ୍ଷମତାଲୋଭରେ ବଶବର୍ତ୍ତୀ ହୋଇ ୟୁନୁସ୍ ଯେଉଁ ଚକ୍ରାନ୍ତ ରଚିଛନ୍ତି, ସେଥିରେ ସେ ନିଜେ ହିଁ ଫସି ଯାଇଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ହାର ୩%କୁ ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଛୁଇଁଛି, ୨୧ ଲକ୍ଷ ଛଟେଇ ହେବା ସହିତ ବେରୋଜଗାର ବଢ଼ି ଚାଲିଛି। ସବୁଠାରୁ ଉତ୍କଟ ହୋଇଛି ଖାଦ୍ୟ ଶସ୍ୟ ସମସ୍ୟା। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶକୁ ନିହାତି ୯ ଲକ୍ଷ ଟନ୍ ଚାଉଳ ଆବଶ୍ୟକ। ଅପରପକ୍ଷରେ ଚୀନ୍ ଓ ପାକିସ୍ତାନ ଯେଉଁ ଦରରେ ଚାଉଳ ଯୋଗାଣ ପାଇଁ ମୂଲଚାଲ୍ କରିଛନ୍ତି ଆର୍ଥିକ ଦୃଷ୍ଟିରୁ ବାଂଲାଦେଶ ତାହା ଗ୍ରହଣ କରିବା ସ୍ଥିତିରେ ନାହିଁ। ତେଣୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦେବା ପାଇଁ ଭାରତ ହିଁ ଶେଷ ସହାୟ ବୋଲି ୟୁନୁସ୍‌ଙ୍କ ଚେତା ପଶିଛି।

ଏବେ ବାଂଲାଦେଶର ଖାଦ୍ୟ ନିରାପତ୍ତା ଭାରତର ନିଷ୍ପତ୍ତି ଉପରେ ନିର୍ଭର କରୁଥିବା ବେଳେ ଚାଉଳ ରପ୍ତାନୀ ନ କରିବା ପାଇଁ ଭାରତ ଭିତରୁ ସ୍ୱର ତେଜିଛି। 'ପଡ଼ୋଶୀ ପ୍ରଥମ' ନୀତିରେ ଭାରତ ସବୁ ପରିସ୍ଥିତିରେ ବାଂଲାଦେଶକୁ ସହାୟତାର ହାତ ବଢ଼ାଇଛି। ତେଣୁ ସାରା ବିଶ୍ୱ ଏବେ ବାଂଲାଦେଶର ବିବଶତାକୁ ଦେଖୁଛି ଏବଂ ଭାରତର ମାନବିକ ପଦକ୍ଷେପକୁ ଅପେକ୍ଷା କରି ରହିଛି। ଏଥିସହିତ ଚୀନ୍ ଓ ପାକିସ୍ତାନର ଛଳନା ମଧ୍ୟ ପୁଣି ଥରେ ବିଶ୍ୱମଞ୍ଚରେ ଅଭିନୀତ ହୋଇଛି। ●

# ଦୋଛକିରେ ବାଂଲାଦେଶ

ଡା. ରାଜ କିଶୋର ପଣ୍ଡା

ବାଂଲାଦେଶର ପରିସ୍ଥିତି ବର୍ତ୍ତମାନ ସମୟରେ କାହାରିକୁ ଅଜଣା ନାହିଁ। ଗତବର୍ଷ ଅଗଷ୍ଟ ମାସରୁ ସେଠାରେ ଆରମ୍ଭ ହୋଇଥିବା ବ୍ୟାପକ ହିଂସା ଓ ଉତ୍ତେଜନା ଏବେ ମଧ୍ୟ ଜାରି ରହିଛି। ପ୍ରବଳ ବିରୋଧ ପରେ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗାଦିଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେଇଛନ୍ତି। ଧର୍ମାନ୍ଧ ମୌଳବାଦୀଙ୍କ ସମର୍ଥନରେ ସେଠାରେ ଚାଲିଥିବା କାମଚଳା ସରକାର ଅଧୀନରେ ହିନ୍ଦୁ ଓ ଭାରତ ବିରୋଧୀ ହିଂସା ବଢ଼ିଚାଲିଛି। ଡିସେମ୍ବର ୧୨ ତାରିଖରେ ସେଠାକାର ବିପ୍ଳବୀ କବି ତଥା ଭାରତ ବିରୋଧୀ ଯୁବନେତା ସରିଫ୍ ଓସମାନ ହାଦିଙ୍କୁ ହତ୍ୟା ପରବର୍ତ୍ତୀ ହିଂସା ଦେଶର ଶାନ୍ତି ଓ ସ୍ଥିରତାକୁ ଅଧିକ ଅନ୍ଧକାରମୟ କରିଦେଇଛି। ଦୁର୍ଭାଗ୍ୟଜନକ ଭାବରେ ଏହାର ପ୍ରତିକ୍ରିୟା ସ୍ୱରୂପ ଭିଡ଼ ହିଂସାର ଶିକାର ହୋଇଛନ୍ତି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକ। ମତାନ୍ଧ ଗୋଷ୍ଠୀ ଦୀପୁଙ୍କୁ ନୃଶଂସତାର ସହ ମାଡ଼ ମାରି ତାଙ୍କୁ ଲହୁଲୁହାଣ କଲେ ଏବଂ ତାଙ୍କ ମୃତଦେହକୁ ଗଛରେ ବାନ୍ଧି ସେଥିରେ ଅଗ୍ନିସଂଯୋଗ କରିଦେଲେ। ଏହାଠାରୁ ବଳି ଚିନ୍ତାଜନକ ଖବର ସାମ୍ପ୍ରତିକ ସମୟରେ ଆଉ କ'ଣ ହୋଇପାରିବ?

ଏହି ପ୍ରବନ୍ଧଟି ଲେଖିବା ବେଳକୁ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟାକାରୀଙ୍କ ମଧ୍ୟରୁ ବାରଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ସରିଫ ହାଦିଙ୍କ ହତ୍ୟାକାରୀମାନଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ବାଂଲାଦେଶ ଏବେ ହିଂସାର ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ ହୋଇସାରିଛି, ଯାହା ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ। ଏହାର ପ୍ରଥମ କାରଣ ଆଗାମୀ ଫେବୃଆରୀରେ ଏଠାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଏବଂ ଦ୍ୱିତୀୟରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରେହେମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ମୌଳବାଦୀ ସମର୍ଥକ ଖାଲେଦା ଜିଆଙ୍କର ପୁତ୍ର ତାରିକ୍‌ଙ୍କୁ ହସିନାଙ୍କ ଶାସନ କାଳରେ ଦେଶାନ୍ତର କରାଯାଇଥିଲା। ଦୀର୍ଘ ପ୍ରାୟ ଅଠର ବର୍ଷ ଧରି ନିର୍ବାସନ ଦଣ୍ଡ ଭୋଗୁଥିବା ତାରିକ୍ ହସିନା ଗାଦିଚ୍ୟୁତ ହେବା ପରେ ନିଜ ଦେଶକୁ ଫେରିଥିବାରୁ ତାଙ୍କ ଭିତରେ ଜଳୁଥିବା ପ୍ରତିଶୋଧର ଅଗ୍ନି ନିଶ୍ଚୟ ବାଂଲାଦେଶକୁ ଆହୁରି ଅଶାନ୍ତ କରିପାରେ। ଅପରପକ୍ଷରେ ତାଙ୍କର ସୁରକ୍ଷା ମଧ୍ୟ ବାଂଲାଦେଶର କାମଚଳା ସରକାରଙ୍କ ପାଇଁ ଆଉ ଏକ ଆହ୍ୱାନ ସୃଷ୍ଟି କରିଛି। ବିରୋଧୀ ହସିନା ଗୋଷ୍ଠୀ ପକ୍ଷରୁ ତାଙ୍କ ଉପରେ ସାମାନ୍ୟତମ ଆକ୍ରମଣ ହେଲେ ମଧ୍ୟ ବାଂଲାଦେଶରେ ହିଂସା ଅଣାୟତ୍ତ ହୋଇପଡ଼ିବ।

ପାକିସ୍ତାନ ଭଳି ବାଂଲାଦେଶରେ ମଧ୍ୟ ରାଜନୈତିକ ହତ୍ୟାର ଏକ ଲମ୍ବା ଇତିହାସ ରହିଆସିଛି। ବାଂଲାଦେଶର ଜନ୍ମଦାତା ବଙ୍ଗବନ୍ଧୁ ଶେଖ ମୁଜିବୁର ରେହେମାନ ଏବଂ ତାଙ୍କ ପରିବାର ବର୍ଗଙ୍କୁ କିଛି ଅସନ୍ତୁଷ୍ଟ ସେନା ଅଧିକାରୀ ଅଗଷ୍ଟ ୧୫, ୧୯୭୫ ରେ ନିର୍ମମତାର ସହ ହତ୍ୟା କରିଥିଲେ। ତାରିକ ରେହେମାନଙ୍କର ପିତା ଜିଆ-ଉର ରେହେମାନ, ଯିଏ ନିଜେ ଜଣେ ସେନା ଅଧିକାରୀ ଥିଲେ ଏବଂ ବଙ୍ଗବନ୍ଧୁଙ୍କ ପରେ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିଲେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ସେନାର ବିଦ୍ରୋହ ଦ୍ୱାରା ୧୯୭୯ରେ। ସେହିପରି ବଙ୍ଗବନ୍ଧୁଙ୍କର କନ୍ୟା ଶେଖ ହସିନାଙ୍କ ଉପରେ ମଧ୍ୟ ବହୁବାର ପ୍ରାଣାନ୍ତକ ଆକ୍ରମଣ ହୋଇଛି। ଏଥିମଧ୍ୟରୁ ୨୦୦୪ର ଗ୍ରେନେଡ୍ ଆକ୍ରମଣ ଅନ୍ୟତମ। ଆୱାମୀ ଲିଗର ବହୁ ନେତୃବୃନ୍ଦ ଏହି ଆକ୍ରମଣରେ ମୃତାହତ ହୋଇଥିଲେ। ତାରିକ୍ ରେହେମାନ, ଖାଲେଦା ଜିଆ ଏବଂ ବିଏନ୍‌ପିର ଅନ୍ୟାନ୍ୟ ନେତାମାନଙ୍କୁ ଏହି ଆକ୍ରମଣ ପାଇଁ ଦାୟୀ କରି ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା ମଧ୍ୟ ହୋଇଥିଲା। ସମ୍ପ୍ରତି ବାଂଲାଦେଶର ସର୍ବୋଚ୍ଚ ଅଦାଲତ ଏହି ମାମଲାକୁ ରଦ୍ଦ କରିଛନ୍ତି।

ତାରିକଙ୍କର ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ ଓ ଓସମାନ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ହିଂସା କାକତାଳିକ ହୋଇପାରେ। କିନ୍ତୁ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ବିକ୍ଷୋଭ ଓ ହିଂସାରେ ବାଂଲାଦେଶର ଦୁଇଟି ପ୍ରତିଷ୍ଠିତ ଖବର କାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ' ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯଦିଓ ଏହି ଦୁଇଟି ଖବରକାଗଜ ଶେଖ ହାସିନାଙ୍କ ବିରୋଧୀ ଥିଲେ ଏବଂ ଗତବର୍ଷ ଜୁଲାଇରେ ସଂଘଟିତ ହୋଇଥିବା ଗଣଆନ୍ଦୋଳନର ସମର୍ଥକ ଥିଲେ, ଏମାନଙ୍କ ଉପରେ ଆକ୍ରମଣର କାରଣ ତର୍ଜମା କଲା ବେଳେ ଭିନ୍ନ ସଂକେତ ମିଳୁଛି। ହାଦିଙ୍କ ମୃତ୍ୟୁ ପାଇଁ ବାଂଲାଦେଶର ବିଭିନ୍ନ ଇସଲାମୀୟ ମୌଳବାଦୀ ଗୋଷ୍ଠୀ ଶେଖ ହାସିନାଙ୍କୁ ଓ ତାଙ୍କୁ ଆଶ୍ରୟ ଦେଇଥିବାରୁ ପରୋକ୍ଷରେ ଭାରତକୁ ଦାୟୀ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଢାକାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ତେବେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳୁଛି କି ବାଂଲାଦେଶର ଏଭଳି ପରିସ୍ଥିତିକୁ ସୃଷ୍ଟି କରିବାରେ ଜମ୍ମାତ-ଇ-ଇସଲାମୀର ସବୁଠାରୁ ବଡ଼ ହାତ ରହିଛି। ସମ୍ପ୍ରତି ଏହା ବାଂଲାଦେଶର ସବୁଠାରୁ ବୃହତ୍ ଇସଲାମୀୟ ମୌଳବାଦୀ ଓ ଆତଙ୍କବାଦୀ ସଙ୍ଗଠନ। ଶେଖ ହସିନାଙ୍କ ଶାସନ ସମୟରେ ସେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥିଲେ। ହସିନା ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କର ସ୍ୱାର୍ଥରକ୍ଷା କରିବା ସହିତ ଦେଶର ଧର୍ମନିରପେକ୍ଷତାକୁ ବଜାୟ ରଖିଥିଲେ ଏବଂ ଭାରତ ସହିତ ଉତ୍ତମ ସମ୍ପର୍କ ରଖିଥିଲେ। କିନ୍ତୁ ଗତବର୍ଷର ବିଦ୍ରୋହ ଓ ଶେଖ ହସିନାଙ୍କ ଭାରତ ପଳାୟନ ପରେ ଜମାତ ନିଜର ଭାରତବିରୋଧୀ କାର୍ଯ୍ୟକଳାପ, ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ଦ୍ୱାରା ବାଂଲାଦେଶକୁ ଏକ ଇସଲାମୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚେଷ୍ଟା କରୁଛି। ରୋଚକ କଥା ଏହି ଯେ ହସିନାଙ୍କ ଶାସନ ସମୟରେ ଯେଉଁ ଜମାତ, ଖାଲେଦା ଜିଆଙ୍କ ଦଳ ବିଏନପିକୁ ସମର୍ଥନ କରୁଥିଲା, ବର୍ତ୍ତମାନ ପରିସ୍ଥିତିରେ ଏହି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରି ସବୁଠାରୁ ଶକ୍ତିଶାଳୀ ଦଳ ହେବା ପାଇଁ ଚେଷ୍ଟା କରୁଛି।

ସେଠାକାର ବହୁଳ ପ୍ରସାରିତ ଖବରକାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ', ଯେଉଁମାନେ କି ଶେଖ ହାସିନାଙ୍କ ଦୃଢ଼ ସମାଲୋଚକ ଥିଲେ, ସେମାନଙ୍କର କାର୍ଯ୍ୟାଳୟ ଉପରେ ଆକ୍ରମଣ ପଛର କାରଣ ଏବେ ଧୀରେଧୀରେ ସାମନାକୁ ଆସୁଛି। ୧୯୭୧ ମସିହାରେ ସଂଘଟିତ ପାକିସ୍ତାନ ସେନାର ନୃଶଂସ ଅତ୍ୟାଚାର, ବଳାତ୍କାର ଏବଂ ବାଂଲାଦେଶ ମୁକ୍ତିବାହିନୀର ଅତୁଳନୀୟ ତ୍ୟାଗ ସମ୍ବଳିତ 'ବାଂଲାଦେଶର ମୁକ୍ତି ସଂଗ୍ରାମ'ର ଇତିହାସକୁ ବିଲୋପ କରିବା ପାଇଁ ଜମାତ୍ ଚେଷ୍ଟା କରୁଥିବା ବେଳେ ଉପରଲିଖିତ ଖବରକାଗଜ ଦୁଇଟି ଏହାର ବିରୋଧ କରୁଛନ୍ତି। ଜମାତ ଓ ୟୁନସ୍ ସରକାର ଏହିପରି କରିବାର କାରଣ, ପାକିସ୍ତାନ ଓ ବାଂଲାଦେଶର ସାମ୍ପ୍ରତିକ ସମୟରେ ବଢୁଥିବା ଘନିଷ୍ଠତା। ଆମେମାନେ ଲକ୍ଷ୍ୟ କଲେ ଜାଣିପାରିବା ଯେ, ୧୯୭୧ ମସିହା ପରେ ପ୍ରଥମଥର ପାଇଁ ପାକିସ୍ତାନ ଓ ବାଂଲାଦେଶ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ହେଉଥିବା ଦ୍ୱିପାକ୍ଷିକ ଆଲୋଚନା ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ବାରମ୍ବାର ବାଂଲାଦେଶ ଗସ୍ତରୁ ଏହା ସ୍ପଷ୍ଟ ଅନୁମେୟ।

ଶେଷରେ ଆମ ଓଡ଼ିଶାର ପ୍ରଥିତଯଶା ଲେଖକ ସ୍ୱର୍ଗତ ମନୋଜ ଦାସଙ୍କ ବାଂଲାଦେଶ ଉପରେ ଲିଖିତ ଏକ ଆଲେଖ୍ୟରୁ କିଛିଅଂଶ ଉଦ୍ଧୃତ କରି ମୁଁ ପ୍ରବନ୍ଧଟିକୁ ଶେଷ କରୁଛି। ଏହି ଆଲେଖ୍ୟଟି ମନୋଜ ଦାସ ଲେଖିଥିଲେ ୧୯୭୫ ମସିହାରେ ବଙ୍ଗବନ୍ଧୁଙ୍କ ହତ୍ୟା ପରେ। ଆଲେଖ୍ୟଟିର ନାମ 'ମୌଳିକ ପାପ'। ଆଲେଖ୍ୟଟିରେ ଶ୍ରୀଦାସ କହିଛନ୍ତି, 'ଯେଉଁ ହିଂସାର ନଗ୍ନ ନୃତ୍ୟ ଭିତରୁ ପାକିସ୍ତାନର ଜନ୍ମ ସେହି ହିଂସାର ପ୍ଲାବନରେ ବାଂଲାଦେଶର ଜନ୍ମ। ସେଠାକାର ବାତାବରଣରେ ହିଂସା ଏଡ଼େ ବେଶି ଦେହସୁହା ହୋଇଯାଇଛି ଯେ ହିଂସା ଭିତରେ ତୁଙ୍ଗତମ ନେତାର ମୃତ୍ୟୁ ମଧ୍ୟ ହୁଏତ ସେତେ ବେଶି ଚମକ ସୃଷ୍ଟି କରୁ ନଥିବ। ଆଜି ବାଂଲାଦେଶରେ ଯାହା ଘଟୁଛି ତାହାର ସ୍ଥୂଳକାରଣ ଓ କୈଫିୟତ୍ ଦିନେ ଇତିହାସ ଦେଇପାରିବ ନିଶ୍ଚୟ, କିନ୍ତୁ ସବୁକିଛିର ଅସଲ ହେତୁ ଭାରତବିଭାଜନ ରୂପୀ ମୌଳିକ ପାପ।' ●

ଭୁବନେଶ୍ୱର, ମୋ:୮୧୪୪୦୪୨୯୯୭

# ଭାରତରେ ମାନବସମ୍ବଳ ଓ ଉର୍ଜା

ଡ. ସନ୍ତୋଷ କୁମାର ସାହୁ



ଭାରତବର୍ଷରେ ଆଜିବି ପ୍ରାୟ ୭୦ ଲକ୍ଷ ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ। ଏଆଇ ଓ ୫ଜି ଇଣ୍ଟରନେଟ ଯୁଗରେ କୋଟି କୋଟି ଲୋକ ବିଦ୍ୟୁତ ଭଳି ମୌଳିକ ସେବା ଓ ସୁବିଧାରୁ ବଞ୍ଚିତ ରହିବା ବୁଦ୍ଧିଜୀବୀଙ୍କ ପାଇଁ ଯେତିକି ଚିନ୍ତାଜନକ, ତା'ଠୁ ବଳି ଅଧିକ ଉଦ୍‌ବେଗଜନକ କହିଲେ ଭୁଲ ହେବ ନାହିଁ। ୧୯୪୭ ମସିହାରେ ସ୍ୱାଧୀନତା ପରଠାରୁ ସରକାର ରାଷ୍ଟ୍ରନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଶେଷକରି ଗ୍ରାମାଞ୍ଚଳରେ ସାକ୍ଷରତାର ପ୍ରସାରରେ ବହୁଳ ଭାବେ ଧ୍ୟାନକେନ୍ଦ୍ରିତ କଲେ। ଏହା ସତ୍ତ୍ୱେ ଦେଶରେ ସାମାଜିକ ଓ ଅର୍ଥନୈତିକ ଅସମାନତା, ଜାତି ଓ ଲିଙ୍ଗଗତ ବିଭେଦ ଶିକ୍ଷାର ସାମୂହିକ ବିକାଶରେ ପ୍ରତିବନ୍ଧକ ସାଜିଥିଲା। ବିଶ୍ଳେଷଣରୁ ପ୍ରମାଣିତ ହୁଏ ଯେ ଭାରତରେ ମାନବସମ୍ବଳର ବଂଶାନୁକ୍ରମିକ ପରିବର୍ତ୍ତନ ପ୍ରକ୍ରିୟାରେ ଅନେକ କ୍ରମିକ ଓ ଗୁରୁତ୍ୱପୂର୍ଣ୍ଣ ବିକାଶ ଲକ୍ଷ୍ୟ କରାଯାଇଛି, ଯାହାକି ଆମର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଣାଳିର ପରିବର୍ତ୍ତନ ଦ୍ୱାରା ଅନେକାଂଶରେ ଆକୃତି ପାଇଛି।

୧୯୯୦ ଦଶକର ପ୍ରାରମ୍ଭରେ ଦେଶର ଆର୍ଥିକ ଉଦାରୀକରଣ ଏକ ପ୍ରମୁଖ ପରିବର୍ତ୍ତନ ବିନ୍ଦୁ ଭାବରେ ଉଭା ହୋଇଥିଲା। ବଜାରମୁଖୀ ସଂସ୍କାରଗୁଡ଼ିକ ଦକ୍ଷ ଶ୍ରମଚାହିଦାକୁ ଉତ୍ସାହିତ କରିଥିଲା। ଫଳରେ ଶିକ୍ଷା ଓ ବୃତ୍ତିଗତ ତାଲିମରେ ଅଧିକ ନିବେଶ ହୋଇଥିଲା। ଏହା ଯଦିଓ କିଛି ସମୟ ପାଇଁ ସମାଜର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ଉତ୍ସାହିତ କରିଥିଲା, ତଥାପି ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଶିକ୍ଷାରେ ନିରନ୍ତର ଅସମାନତା ଦେଶର ଦାରିଦ୍ର୍ୟଚକ୍ର ନିରାକାରଣରେ ସେତେଟା ସହାୟକ ହୋଇପାରି ନ ଥିଲା। ଉଚ୍ଚପ୍ରଗତିରେ ଏହା ଏବେ ବି ପ୍ରତିବନ୍ଧକ ହୋଇ ଠିଆହୋଇଛି। ଇତିହାସକୁ ଅବଲୋକନ କଲେ ଜଣାଯାଏ, ସ୍ୱାଧୀନତା ପୂର୍ବରୁ ଆମ ଦେଶର ପରିବାରଗୁଡ଼ିକର ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ୱାଧୀନତା ମୁଖ୍ୟତଃ ସାଂରଚନିକ ସ୍ଥିତି ଯଥା ସ୍କୁଲିଂ ଓ ଆର୍ଥିକ ସମ୍ବଳର ବଜାର ପ୍ରବେଶ ଉପରେ ହିଁ ନିର୍ଭର କରୁଥିଲା। ୧୯୪୭ ପରଠାରୁ ଏଥିରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲେ ହେଁ ଅଦ୍ୟାବିଧି ସ୍ଥିତି ଆଶାନୁରୂପ ହୋଇପାରୁନି।

ସେହିପରି ଶକ୍ତିର ଉପଲବ୍ଧତା ମାନବ ସମ୍ବଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାନକ ଭାବେ କ୍ରମେ ସ୍ୱୀକୃତି ପାଇଛି। ଅପର୍ଯ୍ୟାପ୍ତ ବିଦ୍ୟୁତ୍ ଯୋଗାଣ ଅଧ୍ୟୟନ ବା ଶିକ୍ଷାର ସମୟକୁ ସୀମିତ କରୁଛି, ଡିଜିଟାଲ୍ ଶିକ୍ଷା ଉପକରଣର ଉପଲବ୍ଧତାରେ ପ୍ରତିବନ୍ଧକ ସାଜୁଛି ଏବଂ ବିଦ୍ୟାଳୟ ଭିତ୍ତିଭୂମିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ଗବେଷଣାରୁ ସୂଚିତ ଯେ, ବିଦ୍ୟୁତ୍ ସଂଯୋଗର ନିରନ୍ତର ସେବା ପାଉଥିବା ପରିବାରଗୁଡ଼ିକ ସେମାନଙ୍କ ପିଲାଙ୍କୁ ଉତ୍ତମ ଓ ବୈଷୟିକଯୁକ୍ତ ଶିକ୍ଷା ପ୍ରଦାନ କରିବାରେ ସୁଦୃଢ଼, ସମର୍ଥ ଓ ସୁସଜ୍ଜିତ। 'ସୌଭାଗ୍ୟ' ଭଳି ସାମ୍ପ୍ରତିକ ସରକାରୀ ଯୋଜନା ଏହି ବ୍ୟବଧାନକୁ ପୂରଣ କରିବାର ଲକ୍ଷ୍ୟ ରଖିଛି, ଯାହା ଶକ୍ତି ଓ ଶିକ୍ଷା ସଂଯୋଗର ଅଧିକୃତ ସ୍ୱୀକୃତିକୁ ଉଜ୍ଜ୍ୱଳ କରିଥାଏ। ସମାନ୍ତରାଳ ଭାବରେ, ପାଠ୍ୟକ୍ରମରେ ସ୍ଥିର ବିକାଶ ଓ ସବୁଜ ଶିକ୍ଷାର ସମନ୍ୱୟକୁ ଦୃଷ୍ଟିରେ ରଖି ଜ୍ଞାନୀ ଗୁଣୀ ପରିବେଷ୍ଟିତ ପରିବେଶକୁ ସୁହାଇବା ଭଳି ଅର୍ଥନୀତି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ।

ପରିବର୍ଦ୍ଧିତ ଶକ୍ତି ଚାହିଦାକୁ ସୁବ୍ୟବସ୍ଥିତ ଓ ସୁଦୃଢ଼ କରିବାର ଜରୁରୀ ଆବଶ୍ୟକତା ଏହାକୁ ଆହୁରି ଗୁରୁତ୍ୱ ଦିଏ। ଭାରତର ପ୍ରାଥମିକ ଶକ୍ତି ଆବଶ୍ୟକତା ୨୦୦୦ ମସିହାରେ ୪୫୦ ନିୟୁତ ଟନ୍ ତେଲ ସମତୁଲ୍ୟରୁ ୨୦୩୯ ସୁଦ୍ଧା ୧୨୫୦ ରୁ ୧୫୦୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ଗତିପଥକୁ ଦୃଷ୍ଟିରେ ରଖି, ଶକ୍ତି ଭିତ୍ତିଭୂମିର ବିସ୍ତାର ଓ ଆନୁଷ୍ଠାନିକ କ୍ଷମତା ବୃଦ୍ଧି, ବିଶେଷକରି ବିତରଣ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ନିର୍ଭରଯୋଗ୍ୟ ଯୋଗାଣଶୃଙ୍ଖଳ ସୁନିଶ୍ଚିତ କରିବା ଏବଂ ଶିକ୍ଷାଗତ ଓ ଆର୍ଥିକ ବିକାଶର ସୁଯୋଗ ଓ ସମର୍ଥନକୁ ପରିବ୍ୟାପ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ମାନବପୁଞ୍ଜିର ବିକାଶ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଧୁନିକ ଶକ୍ତି ଉତ୍ସଗୁଡ଼ିକର ପ୍ରବେଶ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ। ପିଲାମାନଙ୍କ ଶିକ୍ଷାପ୍ରାପ୍ତି ପଛରେ ପିତାମାତାଙ୍କ ଶିକ୍ଷାଗତ ଯୋଗ୍ୟତାର ଏକ ଦୃଢ଼ ପୂର୍ବାନୁମାନିକ ମୂଲ୍ୟ ଅଛି, ଯାହା ନିରନ୍ତର ସାମାଜିକ ପ୍ରଗତିକୁ ପ୍ରଭାବିତ କରୁଛି। ଶକ୍ତିର ଅଭାବ ବିକାଶରେ ବାଧକ ହେବାରେ ଲାଗିଛି।

ଏହି ଆହ୍ୱାନଗୁଡ଼ିକର ଉଚିତ ମୁକାବିଲା ପାଇଁ ଶିକ୍ଷା, ନିଯୁକ୍ତି, ଲିଙ୍ଗଗତ ସମାନତା ଓ ଦାରିଦ୍ର୍ୟ ହ୍ରାସ ସମେତ ବ୍ୟାପକ ବିକାଶ ଲକ୍ଷ୍ୟ ସହିତ ଶକ୍ତିର ସୁଯୋଗକୁ ସଂଯୋଗ କରୁଥିବା ନୀତିଗତ ରଣନୀତିର ଆବଶ୍ୟକତା ଅବଶ୍ୟମ୍ଭାବୀ ହୋଇଛି। ସମାନ୍ତରାଳ ଭାବେ ପଛୁଆ ସମ୍ପ୍ରଦାୟକୁ ପ୍ରାଥମିକତା, ଦକ୍ଷତା ବିକାଶ ଓ ଶିକ୍ଷାଗତ ସଂସ୍କାର ସହ ଶକ୍ତି ଯୋଗାଣକୁ ସମନ୍ୱିତ କରୁଥିବା ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ବିନା ଅସମାନତାର ଚକ୍ରବ୍ୟୂହ ଏହିଭଳି ଘେରି ରହିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଭାରତରେ ଶିକ୍ଷାଗତ ଫଳାଫଳ ବୃଦ୍ଧି କରିବା, ଆର୍ଥିକ ସୁଯୋଗ ବିସ୍ତାର କରିବା ଓ ଦୀର୍ଘକାଳୀନ ଆନ୍ତଃପିଢ଼ିଗତ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଭରଯୋଗ୍ୟ, ସୁଲଭ ଓ ସ୍ଥାୟୀ ଶକ୍ତି ପ୍ରବେଶକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ●

(ସହାୟକ ପ୍ରଧ୍ୟାପକ, ଅର୍ଥନୀତି ବିଭାଗ, ଆଇଆଇଟି-ମାଡ୍ରାସ)
ଚେନ୍ନାଇ ୯୭୯୧୧୭୦୪୩୧

# ବିଛାଦେବୀ କୋଣ୍ଡମାଇ ଓ ଚେଲମ୍ମା

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କର୍ଣ୍ଣାଟକର ଯାଦଗିରି ଜିଲ୍ଲା ଗୁରୁମତକଲ୍ ଅଞ୍ଚଳସ୍ଥିତ କଂଦକୁର କୋଣ୍ଡମାଇ ପାହାଡ଼ ଉପରେ ଏପରି ଏକ ମନ୍ଦିର ଅଛି, ଯେଉଁଠି 'ବିଛାଦେବୀ'ଙ୍କୁ ପୂଜା କରାଯାଏ। ଅଞ୍ଚଳର ନାମାନୁସାରେ ଦେବୀଙ୍କ ନାମ 'କୋଣ୍ଡମାଇ' ହୋଇଛି। 'କୋଣ୍ଡମାଇ'ର ଅର୍ଥ ହେଉଛି 'ବିଛାଙ୍କ ଦେବୀ'। ଏଠାରେ ପଥର ନିର୍ମିତ ବିଛାର ମୂର୍ତ୍ତି ମଧ୍ୟ ପୂଜା ପାଉଛି। ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରିବା ପରେ ତାଙ୍କର ପ୍ରତୀକ ଭାବେ ବିଷାକ୍ତ ବିଛାକୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ରଖିଥା'ନ୍ତି। ବିଛା ସମ୍ପୂର୍ଣ୍ଣ ଶରୀର ଉପରେ ବିଚରଣ କରିବା ପରେ ଆପେ ଆପେ ତଳକୁ ଖସି ଆସିଥାଏ। କେତେକ ଭକ୍ତ ବିଛାକୁ ଜିଭରେ ରଖିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଦେବୀଙ୍କ କରୁଣାରୁ ଏଠାରେ ବିଛା କେବେ ମଧ୍ୟ କାହାକୁ ଦଂଶନ କରେନାହିଁ।

ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ ଦେବୀଙ୍କୁ ସ୍ମରଣ କରି ପାହାଡ଼ରୁ ଯେକୌଣସି ପଥର ଉଠାଇଲେ ତା' ତଳୁ ବିଛା ବାହାରିଥାଏ। ବିଶେଷଭାବେ ଜୁଲାଇ ଓ ଅଗଷ୍ଟ ମାସରେ ଏହି ପାହାଡ଼ ଲାଲ୍ ରଙ୍ଗର ବିଷାକ୍ତ ବିଛା ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ। କ୍ୱଚିତ୍ ଯଦି କୌଣସି ଭକ୍ତକୁ ବିଛା ଦଂଶନ କରେ, ମାଆ କୋଣ୍ଡମାଇଙ୍କ ବିଭୂତି ଲେପନ କଲେ ନିମିଷେକ ମଧ୍ୟରେ ବିଷ ପ୍ରକ୍ରିୟା ନଷ୍ଟ ହୋଇ କଷ୍ଟ ଲାଘବ ହୁଏ। ବର୍ଷସାରା ଭକ୍ତମାନଙ୍କର ଆଗମନ ହେଉଥିଲେ ମଧ୍ୟ ନାଗପଞ୍ଚମୀ ଦିନ ଏହି ମନ୍ଦିରରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଜନସମାଗମ ଦେଖାଯାଏ। ନାଗପଞ୍ଚମୀରେ 'ଚୋଳିନା ଯାତ୍ରେ' ଭାବେ ଏଠାରେ ଏକ ବିଶେଷପର୍ବ ପାଳନ କରାଯାଏ। ଏହି ଅବସରରେ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ବଡ଼ ମେଳାର ଆୟୋଜନ ହୁଏ। ଭକ୍ତମାନେ ଏହିଦିନ ନାଗ ସହିତ ବିଛାକୁ ମଧ୍ୟ ପୂଜା କରିଥା'ନ୍ତି। ଏହାପରେ ଦେବୀଙ୍କୁ ଦର୍ଶନ କରି ମନସ୍କାମନା ପୂରଣ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି। ଅନ୍ୟ ଏକ ବିଶ୍ୱାସ ମଧ୍ୟ ରହିଛି ଯେ, ନାଗପଞ୍ଚମୀ ପରେ ବିଛା ଆଦୌ ଦେଖାଯା'ନ୍ତି ନାହିଁ। ବିଛା ଦେବୀଙ୍କୁ ଭକ୍ତମାନେ କ୍ଷୀର, ସର୍ପ ମୂର୍ତ୍ତି, ଶାଢ଼ି, ନଡ଼ିଆ ଓ ତେଲ ମଧ୍ୟ ଅର୍ପଣ କରିବାର ବିଧି ପ୍ରଚଳିତ।



ଏହାଛଡ଼ା କର୍ଣ୍ଣାଟକର ଐତିହାସିକ ସହର କୋଲାର୍‌ଠାରେ ରହିଛି କୋଲାରାମ୍ମାଙ୍କ ଏକ ହଜାର ବର୍ଷ ପୁରୁଣା ମନ୍ଦିର। ଏହି ମନ୍ଦିରରେ ଦେବୀ ପାର୍ବତୀ 'କୋଲାରାମ୍ମା' ଭାବେ ପୂଜିତା। ଦେବୀ ପାର୍ବତୀଙ୍କୁ ଏଠାରେ ଉଗ୍ରରୂପୀ ଦୁର୍ଗା ଭାବେ ପୂଜା କରାଯାଉଥିବାରୁ ଭକ୍ତମାନେ ଦେବୀଙ୍କୁ ଦର୍ପଣରେ ପ୍ରତିବିମ୍ବରେ ଦର୍ଶନ କରି ପୂଜାର୍ଚ୍ଚନା କରିଥା'ନ୍ତି। ମନ୍ଦିର ପରିସର ଭିତରେ ରହିଛି 'ବିଛାଦେବୀ' ବା 'ଚେଲାମ୍ମା ଦେବୀ'ଙ୍କ ମନ୍ଦିର। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ବିଷାକ୍ତ ବିଛା ଦଂଶନରୁ ଦେବୀ ଚେଲାମ୍ମା ଲୋକଙ୍କୁ ରକ୍ଷା କରିବା ସହିତ ପ୍ରାଣଦାନ ଦେଇଥା'ନ୍ତି। ଏପରିକି ବିଛା ଦଂଶିତ ବ୍ୟକ୍ତି ଯେଉଁ ସ୍ଥାନରେ ଯେତେ ଦୂରରେ ଥାଉନା କାହିଁକି, ଦେବୀଙ୍କୁ ସ୍ମରଣ କରିବା ମାତ୍ରେ ବିଷର ପ୍ରଭାବ ଦୂର ହୋଇଯାଏ। ଅନ୍ୟଏକ ବିଶ୍ୱାସ ଅନୁସାରେ ସବୁଦିନ ମନ୍ଦିରକୁ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିବା ବ୍ୟକ୍ତିଙ୍କୁ କେବେ ମଧ୍ୟ ବିଛା ଦଂଶନ କରେନାହିଁ। ଗର୍ଭଗୃହରେ ଦେବୀଙ୍କ ବିଗ୍ରହସ୍ଥିତ ଚଟାଣରେ ଗୋଟିଏ ଫାଟ ରହିଛି, ଯେଉଁଠି ବିଛାମାନେ ରହିଛନ୍ତି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦେବୀଙ୍କ ବିଗ୍ରହ ଉପରେ ଗୋଟିଏ ବିଛା ରହିଥିବାର ଦେଖିବାକୁ ମିଳେ। ଭକ୍ତମାନେ ମନସ୍କାମନା ପୂରଣ କରିବା ସହିତ ବିଷାକ୍ତ ବିଛା ଦଂଶନରୁ ମୁକ୍ତି ପାଇବା ପାଇଁ ଦେବୀଙ୍କୁ ରୁପାର ବିଛା ଅର୍ପଣ କରିଥା'ନ୍ତି। ଏହି ମନ୍ଦିରର ସୁରକ୍ଷା ବିଛାମାନେ କରନ୍ତି ବୋଲି ଲୋକକଥାରୁ ଶୁଣାଯାଏ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚନ୍ଦକାରେ ଏସ୍‌ଓଜିର ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨(ସମିସ): ରାଜଧାନୀ ଉପକଣ୍ଠ ଚନ୍ଦକାଠାରେ ଥିବା ସ୍ପେଶାଲ୍ ଅପରେସନ୍ ଗ୍ରୁପ୍(ଏସ୍‌ଓଜି)ର ଏକ ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକ ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ।

**ଚଳିତ ଡିସେମ୍ବରରୁ ଯବାନଙ୍କୁ ମିଳିବ ୨୫ ଟଙ୍କାର ରିସ୍କ ଆଲାଉନ୍ସ: ମୁଖ୍ୟମନ୍ତ୍ରୀ**



ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ଟି ଥାନା ଗୃହ, ୭୦ କ୍ୱାଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ପ୍ରକଳ୍ପ ଉଦ୍‌ଘାଟନ କରି କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧପରିକର। ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଏସ୍‌ଓଜି ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ରିସ୍କ ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦ ହଜାର ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬ ହଜାର ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି, ଏଇଟି ଓ ଆର୍‌ସି ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ, ଏଡିଜିପି(ଏଏନ୍‌ଓ) ସଞ୍ଜୀବ ପଣ୍ଡା, ଆଇଜି ଅପେରସନସ୍, ଡ. ଦୀପକ କୁମାର, ଡିଆଇଜିପି ଏସ୍‌ଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ଓମସା ସହ କଥା ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ଆନ୍ଦୋଳନରୁ ନିବୃତ୍ତ ରହିବାକୁ ଅନୁରୋଧ

ଭୁବନେଶ୍ୱର,୨୫।୧୨(ସମିସ): ୧୮ ଦଫା ନେଇ ଆସନ୍ତାକାଲି ଅର୍ଥାତ୍ ୨୬ ତାରିଖଠାରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ଓମସା ଘୋଷଣା କରିଥିଲା। ଏହାପୂର୍ବରୁ ଗୁରବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକର ଆଲୋଚନା ସକରାତ୍ମକ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ଓମସା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସଂଘ ରଖି ଥିବା ଦାବି ଗୁଡିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବି ଗୁଡିକର ଅନୁଧ୍ୟାନ କରାଯାଇ ସକାରାଇକ ପଦକ୍ଷେପ ନିଆଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂଘ ପକ୍ଷରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ଡାକ୍ତର ସଂଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରୀ ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି।

## ମହୁମାଛିଙ୍କଠାରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ

କୁଚିଣ୍ଡା, ୨୫ ।୧୨ (ସମିସ): ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନ ବ୍ରାହ୍ମଣୀଦେଇ ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଲୁଧା ମୁଣ୍ଡାଙ୍କ ପୁଅ ନୀଳାଦ୍ରି ମୁଣ୍ଡା(୨୮)। ଗୁରୁବାର ପୂର୍ବାହ୍ନରେ ନୀଳାଦ୍ରିଙ୍କ ସମେତ କିଛି ଗ୍ରାମବାସୀ ଗାଁ ପୋଖରୀରୁ ମାଛ ଧରୁଥିଲେ। ଏହି ସମୟରେ ହଠାତ୍ ଦଳେ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ସମସ୍ତେ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। କିଛି ସମୟ ପରେ ସମସ୍ତେ ପାଣି ଭିତରୁ ବାହାରି ଆସିଥିବା ବେଳେ ନୀଳାଦ୍ରି କିନ୍ତୁ ବାହାରିନଥିଲେ। ସନ୍ଦେହ ହେବାରୁ ସମସ୍ତେ ପୋଖରୀରେ ଖୋଜାଖୋଜି କରି ନୀଳାଦ୍ରିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥାରେ ସୁଧାର ନହେବାରୁ ଅପରାହ୍ଣରେ କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଡାକ୍ତର ସେଠାରେ ନୀଳାଦ୍ରିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପକ୍ଷରୁ ମହୁଲପାଲି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଜାତୀୟ ଟ୍ରାନ୍ସଜେଣ୍ଡର କ୍ରିକେଟରେ ଓଡ଼ିଶା ରନର୍ସଅପ୍**

## ସହାୟତା ଦେଉନାହାନ୍ତି ସରକାର, ଭଣ୍ଡାଉଛନ୍ତି ନେତା

ପୁରୀ,୨୫।୧୨(ସମିସ): ଟ୍ରାନ୍ସଜେଣ୍ଡରମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ଭିତରେ ଅନେକ ପ୍ରତିଭା ରହିଛି। ରାଜ୍ୟ ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ମଧ୍ୟ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିବେ। ପଞ୍ଜାବର ଲଭ୍‌ଲୀ ପ୍ରଫେସନାଲ ୟୁନିଭରସିଟିଠାରେ ଆୟୋଜିତ ନ୍ୟାଶନାଲ ଟ୍ରାନ୍ସଜେଣ୍ଡର ପର୍ସନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରରେ ଭାଗ ନେଇ ଓଡ଼ିଶାର ଟ୍ରାନ୍ସ ମେନ୍ କ୍ରିକେଟ ଦଳ ରନର୍ସଅପ୍ ପାଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଏଥିପାଇଁ ଏକ ୧୪ ଜଣିଆ ଟ୍ରାନ୍ସ ଦଳ ୧୨ ତାରିଖ ପଞ୍ଜାବ ଗସ୍ତ କରି ଥିଲେ। ଏହି ଦଳ ୨୫ ତାରିଖ ପୁରୀ ଫେରିବା ପରେ ସେମାନଙ୍କୁ ଦ ବେଲ୍ ଅନୁଷ୍ଠାନ ତରଫରୁ ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେମିଫାଇନାଲରେ କର୍ଣ୍ଣାଟକକୁ ୪୭ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ଓଡ଼ିଶା। ଫାଇନାଲରେ କେରଳ ସହିତ ସଂଘର୍ଷପୂର୍ଣ୍ଣ ଲଢେଇ କରି ମାତ୍ର ୨ ରନ୍‌ରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା ଓଡ଼ିଶାକୁ। ଦୁଃଖର ବିଷୟ ଦୀର୍ଘ ଦୁଇବର୍ଷ ଧରି ଓଡ଼ିଶା ଟ୍ରାନସ୍ ମେନ୍ ଏହି ପ୍ରତିଯୋଗିତାରେ ଭାଗ ନେଉଥିଲେ ମଧ୍ୟ ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକତା ରହୁଛି ତାହା ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ବା ନେତାମନ୍ତ୍ରୀ ପାଖକୁ ଗଲେ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି ଟିମ୍ କ୍ୟପଟେନ୍ ସନ୍ତୋଷ କୁମାର ଜେନା। ସେହିପରି ଏହି ଦଳର ଉପ ଅଧିନାୟକ ପୁରୀର ସୁମନ ମହାକୁଡ କହିଛନ୍ତି ଟଙ୍କା ପଇସା ତ ଦୂରର କଥା ସାମାନ୍ୟ ଖେଳ କିଟ୍ ପାଇ ପ୍ରତିଶ୍ରୁତି ଦେଇ ମଧ୍ୟ ଆମ ଜିଲ୍ଲା ନେତା ଶେଷ ମୂହୁର୍ତ୍ତରେ ଆମକୁ ଭଣ୍ଡେଇଛନ୍ତି। ଏହାସତ୍ତ୍ୱେ ଜଗନ୍ନାଥଙ୍କ କୃପାରୁ ଆମେ ସଫଳ ହୋଇଛୁ। ଏଥିସହିତ ଦଳଗତ ଶୃଙ୍ଖଳା ପାଇଁ ବେଷ୍ଟ ଟିମ୍ ଆୱାର୍ଡ଼ ମଧ୍ୟ ହାସିଲ କରିଛୁ ବୋଲି କହିଛନ୍ତି।

ସମାଜ ସବୁବେଳେ ଟ୍ରାନ୍ସ କମ୍ୟୁନିଟକୁ ଅଲଗା ନଜରରେ ଦେଖୁଥିବା ବେଳେ ସେମାନଙ୍କ ଖେଳ ପ୍ରତି ଆଗ୍ରହକୁ ପ୍ରୋତ୍ସାହନ ଦେଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଇପାରିବ ବୋଲି କହିଛନ୍ତି ଏହି କମ୍ୟୁନିଟି ପାଇଁ କାର୍ଯ୍ୟ କରୁଥିବା ଦ ବେଲ୍ ସାମାଜିକ ଅନୁଷ୍ଠାନ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ।

**ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ**

## ପଡ଼ିଆ ମଝିରେ ଅସନ୍ତୁଷ୍ଟ ଖେଳାଳିଙ୍କ ଧାରଣା

ବ୍ରହ୍ମପୁର, ୨୫।୧୨(ସମିସ): ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ। ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ପୁରସ୍କାର ବଦଳରେ ଟ୍ରଫି, ମାନପତ୍ର ଧରାଇଦେବାକୁ ନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

**ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ମିଳିଲାନି ଆର୍ଥିକ ପୁରସ୍କାର**

ପ୍ରକାଶ ପାଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଆର୍ଥିକ ପୁରସ୍କାର ଦିଆଯାଉଥିବା ବେଳେ ଏଠାରେ କାହିଁକି ପାତରଅନ୍ତର କରାଯାଉଛି ବୋଲି ଅଭିଯୋଗ କରି ଖେଳାଳିମାନେ ପଡ଼ିଆରେ ଧାରଣା ଦେଇଛନ୍ତି। ଗୁରୁବାର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ,ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ୭ଟି ବ୍ଲକ୍ ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ସମେତ ବ୍ରହ୍ମପୁର ମହାନଗର ନିଗମ ଭଳି ଅଞ୍ଚଳକୁ ନେଇ ବ୍ରହ୍ମପୁରଠାରେ ବିଭିନ୍ନ ପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୌଡ଼କୁଦ, ବିଭିନ୍ନ ପ୍ରକାରର ଥ୍ରୋ ଓ ଡିଆଁ ସମେତ ବ୍ୟାଡମିଣ୍ଟନ, ଟଗ ଅଫ୍




ୱାର, ହ୍ୟାଣ୍ଡବଲ, ଖୋ ଖୋ, କବାଡି, କ୍ରିକେଟ, ଫୁଟବଲ ଓ ଭଲି ବଲ ଆଦି ଖେଳ ଅନ୍ତର୍ଭୁକ୍ତ ଥିଲା। ଏଥିରେ ବହୁ ଖେଳାଳି ବ୍ୟକ୍ତିଗତ ଓ ଦଳଗତ ଖେଳରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଆଜି ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଦିବସ ଆୟୋଜିତ ହୋଇଥିଲା। ଏଠାରେ ଉଭୟ ଚାମ୍ପିଅନ ଓ ରନର୍ସ-ଅପ୍ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାତ୍ର ପୁରସ୍କାରସ୍ୱରୂପ କେବଳ ପଦକ ଓ ସାର୍ଟିଫିକେଟ୍ ଦିଆଯିବାରୁ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଡ଼ୋଶୀ ଜିଲ୍ଲା କନ୍ଧମାଳରେ ଚାମ୍ପିଅନ୍ ଓ ରନର୍ସ-ଅପ୍ ଦଳର ଖେଳାଳିଙ୍କୁ ଯଥାକ୍ରମେ ୭ହଜାର ଓ ୫ହଜାର ଟଙ୍କାର ଅର୍ଥରାଶି ସହ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ବେଳେ ଏଠାରେ କାହିଁକି ବ୍ୟତିକ୍ରମ କରାଯାଉଛି ବୋଲି ଖେଳାଳିମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସେମାନେ ପଡ଼ିଆରେ ଧାରଣା ଦେଇଥିଲେ। ତେବେ ଖେଳାଳିଙ୍କ ଏହି ଅସନ୍ତୋଷ ବୁଝିବାକୁ କେହି ଆୟୋଜକ ନଥିବା ଦେଖିବାକୁ ମିଳିଥିଲା। ଫଳରେ ନିରାଶ ହୋଇ ଖେଳାଳିମାନେ ପଡ଼ିଆ ଛାଡ଼ିଥିଲେ।

ଅସନ୍ତୁଷ୍ଟ ଖେଳାଳିଙ୍କ କହିବା କଥା, ଖେଳ ମହୋତ୍ସବ ପାଇଁ ସେମାନେ ଦୀର୍ଘ ୧୦ଦିନ ସମୟ ଅତିବାହିତ କରିଛନ୍ତି। ନିଜ ହାତରୁ ଗସ୍ତ ଖର୍ଚ୍ଚ ବହନ କରିଛନ୍ତି। ଜିଲ୍ଲାସ୍ତରୀୟ ଖେଳ ପରେ ରାଜ୍ୟସ୍ତରୀୟ ଖେଳର ବ୍ୟବସ୍ଥା ନଥିବା ବେଳେ ଅନ୍ୟ ରାଜ୍ୟ ଭଳି ସେମାନଙ୍କୁ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିବା ଉଚିତ। ସେପଟେ, ପୂର୍ବ ସରକାର ଅମଳରେ ‘ନବୀନ ଓଡ଼ିଶା ଯୁବ ଓଡ଼ିଶା’ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଭିନ୍ନ ବିଭାଗର କୃତୀ ଖେଳାଳିଙ୍କୁ ୧୦ହଜାରରୁ ୫୦ହଜାର ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାରର ବ୍ୟବସ୍ଥା ଥିଲା। ଏଭଳି ଅବ୍ୟବସ୍ଥା ଯୋଗୁଁ ଆଗାମୀ ଦିନରେ ସାଂସଦ ଖେଳ ମହୋତ୍ସବରେ କେହି ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।

## ସମୁଦ୍ରରେ ଭାସିଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ,୨୫।୧୨(ସମିସ): ସେ ଭାବର ଠାକୁର। ଭକ୍ତର ଭକ୍ତିରେ ସେ ବନ୍ଧା। ସେ କେତେବେଳେ କେଉଁଠି ପ୍ରକଟିତ ହୁଅନ୍ତି ତାହା ମଣିଷ ଜାଣିବା ଅସମ୍ଭବ। ଏମିତି ବି ବିଶ୍ୱନିୟନ୍ତାଙ୍କୁ ନେଇ ଅନେକ ଚମତ୍କାରିତା ରହିଥିବା ବେଳେ ଗୁରୁବାର ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି। ସମୁଦ୍ରରେ ଦେଖିବାକୁ ମିଳିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ। ତେବେ ସମୁଦ୍ରରେ ଦାରୁବିଗ୍ରହ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। କେହି ଏହାକୁ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ନଜରରେ ଦେଖିଛନ୍ତି ତ ପୁଣି କିଏ ଏହାକୁ ମହାପ୍ରଭୁଙ୍କ ଚମତ୍କାରିତା ବୋଲି କହୁଛନ୍ତି। ତେବେ ଏହା କେଉଁ ସ୍ଥାନର ଘଟଣା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଭିଡିଓକୁ ଦେଖିଲେ ଏହା ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମୁଦ୍ରରେ ଭସେଇଛି ସେ ନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ସମୁଦରରେ ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲ୍‌ଫି ନବା ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 28, dated 16.12.2025 , **PUSPANJALI SATAPATHY**, W/o Kishor Chandra Satapathy, resident of MIG-291, Kananvihar, Ps.- Infocity, Patia, Bhubaneswar, Dist- Khurda, declare that I have changed any name, from **PUSPANJALI SATAPATHY** to **PUSPANJALI TRIPATHY.** Henceforth I shall be known as **PUSPANJALI TRIPATHY** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Simulia, Balasore, Odisha vide affidavit No. 5866 on dated 19/12/2025 I, Radhakanta Jena, S/o. Dushasan Jena , At. Chandighar, Po. Kanheibinda, Ps. Simulia, Dist. Balasore, Odisha, declare that I have changed my name from Kamalakanta Jena to Radhakanta Jena. Henceforth, I will be known as **Radhakanta Jena** for all purposes.

**AFFIDAVIT**

By virtue of an affidavit no. 3569, dtd.24.12.2025 the Executive Magistrate, Pallahara, Dist.- Angul, I, Kuna Kisan, Vill.- Dimiria, P.O.- Saleikana, P.S.- Telkoi, Dist.- Keonjhar, Odisha -758019 have changed my minor daughter's name from Kajal Kisan to Lucy Kisan. Henceforth she shall be known as **Lucy Kisan** for all purposes.

**Sd/- Kuna Kisan**

**AFFIDAVIT**

By Virtue Of an Affidavit no. 2954 dtd. 12.12.2025 the Executive Magistrate Dasapalla, I Nilabati Malik, W/o- Jugal Mallik, D/O-Rameswar Pradhan At-Minagadu, Po- Nuagaon, Ps - Banigochha, Dist- Nayagarh have changed my name Nila Pradhan to Nilabati Malik. Henceforth I will be known as **Nilabati Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 1755, dated. 23.12.2025, I TILAI MINYAKA, W/o - Lala Minyaka, D/o -Lambudhar Mandiga , currently residing at Near HP Gas Godown, Hatipathar Road, Rayagada, Dist - Rayagada, Odisha, Pin - 765001, declare that SANJI MANDIGA, and TILAI MINYAKA is one and same person. Henceforth I shall be known as **TILAI MINYAKA** for all purposes.

**AFFIDAVIT**

By Virtue Of an Affidavit no. 2955 dtd. 12.12.2025 the Executive Magistrate Dasapalla, I Tulasa Jani, W/o-Sukadeba Jani, D/O-Rameswar Pradhan At-Ckakapaju, Po- Nuagaon, Ps - Banigochha, Dist- Nayagarh have changed my name Tulasi Pradhan to Tulasa Jani. Henceforth I will be known as **Tulasa Jani** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ କମିଲା...

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ପ୍ରାୟ ୧୦୦ କୋଟି ଟଙ୍କା କାଟି ଦିଆଯାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦୨୩-୨୪ରେ ୬୮୫ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ରେ ଏଥିରେ ମାତ୍ର ୫୪୯ କୋଟି ଟଙ୍କା ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ଗତ ଆର୍ଥିକ ବର୍ଷରେ ରାଜ୍ୟକୁ ମାତ୍ର ୪୯.୭୩ କୋଟି ଟଙ୍କା ଦେଇଛନ୍ତି କେନ୍ଦ୍ର ସରକାର। ୨୦୨୩-୨୪ରେ ଏହି ଯୋଜନା ବାବଦରେ ଓଡ଼ିଶାକୁ ୧୪୬ କୋଟି ଟଙ୍କା ମିଳିଥିଲା।

ଉପରୋକ୍ତ ୭ ଯୋଜନା ଗ୍ରାମୀଣ ବିକାଶ ଯଥା କର୍ମନିଯୁକ୍ତି ପ୍ରଦାନ, ପକ୍କାଘର ନିର୍ମାଣ, ଗ୍ରାମ୍ୟ ସଡ଼କ ନିର୍ମାଣକୁ ବଳ ଦେଇଥାଏ। ସେହିପରି ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ, ଯୁବକ ଯୁବତୀଙ୍କୁ ତାଲିମ, କ୍ଷୁଦ୍ର ଜଳସେଚନରେ ମଧ୍ୟ ଉପରୋକ୍ତ ଯୋଜନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହଠାତ୍ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି ସବୁ ଯୋଜନାରେ ଅର୍ଥ ହ୍ରାସ କରିଦେବା, ଓଡ଼ିଶା ପରି ରାଜ୍ୟପାଇଁ ଆଦୌ ମଙ୍ଗଳ ନୁହେଁ ବୋଲି କୁହାଯାଉଛି। ରାଜ୍ୟରୁ ଗତ ସାଧାରଣ ନିର୍ବାଚନରେ ଓଡ଼ିଶା ୨୦ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଛି। ରାଜ୍ୟରେ ମଧ୍ୟ ବିଜେପି ପ୍ରଥମଥର ସରକାର ଗଠନ କରିଛି। ଓଡ଼ିଶାକୁ କେନ୍ଦ୍ରୀୟ ସହାୟତା ଅଜାଡ଼ି ହୋଇପଡ଼ିବା ପରିବର୍ତ୍ତେ ଏଥିରେ ହ୍ରାସ ଘଟିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଏନ୍‌କାଉଣ୍ଟର୍‌ରେ ୬...

ଗସମା ଜଙ୍ଗଲରେ କମ୍ବିଂ ଅପରେସନ୍ କରାଯାଇଥିଲା। ପୁଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ୪ଜଣ ନକ୍ସଲ ନିହତ ହୋଇଥିଲେ। ସେଥିମଧ୍ୟରେ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି। ସେହିପରି ମୃତକଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ରହିଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ମୃତ ନକ୍ସଲ କେକେବିଏନ୍ ମାଓ ସଂଗଠନର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ବହୁ ନକ୍ସଲ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି।

ସେହିପରି, ବେଲଘର ଥାନା ଅଞ୍ଚଳରେ ବି ପୁଲିସ୍-ମାଓବାଦୀ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ବୁଧବାର ବେଲଘର ଥାନା ଗୁମ୍ମା ଜଙ୍ଗଲରେ ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍ କରାଯାଇଥିଲା। ମାଓବାଦୀମାନେ ପୁଲିସକୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ଛତିଶଗଡ଼ ସୁକମା ଅଞ୍ଚଳର ଦୁଇ ମାଓବାଦୀ ବାରି ଓରଫ୍ ରାକେଶ ଏବଂ ବିଜାପୁର ଅଞ୍ଚଳର ଅମୃତ ନିହତ ହୋଇଥିଲେ। ରାକେଶ ଏରିଆ କମିଟିର ସଦସ୍ୟ ଥିବା ବେଳେ ଅମୃତ ମାଓ ସଂଗଠନର ଜଣେ ସକ୍ରିୟ ସଦସ୍ୟ। ସେମାନଙ୍କ ମୁଣ୍ଡ ଉପରେ ୨୩.୬୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ପୁଲିସର ପାଲଟା ଆକ୍ରମଣରେ ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ପୁଲିସର ଏହି ଅପରେସନ୍ ପରେ ମାଓ ଶିବିରରେ ଛନକା ପଶିଛି।

### ବ୍ରିଜ୍‌ରୁ ଖସିପଡ଼ିଲେ...

ଭାରସାମ୍ୟ ହରାଇ ବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲା। ଅନ୍ଧାର ରାତି ଓ ପ୍ରବଳ ପାଣି ଯୋଗୁଁ ହରିଚନ୍ଦ୍ର ଓ ଶୁଭରାମ ପାଣିରୁ ବାହାରି ନପାରି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକଙ୍କ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ, ୧୯ ବର୍ଷୀୟ ଦୁଇ ଯୁବକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଓଡ଼ିଶା ଉପରେ...

କନ୍ଧମାଳ, ଖୋର୍ଦ୍ଧା, ଢେଙ୍କାନାଳ ଓ କୋରାପୁଟରେ ଘନ କୁହୁଡ଼ି ହେବାକୁ ଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କଟକ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ସୋନପୁର, ସମ୍ବଲପୁର, ବଲାଙ୍ଗିର ଓ ଗଞ୍ଜାମରେ ମଧ୍ୟମଧରଣର କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକମାନେ କୁହୁଡ଼ି ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ସେହିପରି ତାପମାତ୍ରା ହ୍ରାସ ଯୋଗୁଁ ଶୀତର ପ୍ରଭାବ ମଧ୍ୟ ଲାଗି ରହିଛି। ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୬.୮, ଦାରିଙ୍ଗବାଡ଼ି ୭, ଜି ଉଦୟଗିରି ୮.୪, ରାଉରକେଲା ୮.୫, ଝାରସୁଗୁଡ଼ା ଓ ନବରଙ୍ଗପୁର ୮.୬ ଓ ଭବାନୀପାଟଣାରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ବାଂଲାଦେଶରେ ପୁଣି...

କରାଯାଇଛି। ପୁଲିସ ଏସଏସପି କହିଛନ୍ତି ଯେ ସମ୍ରାଟ ବିରୋଧରେ ପାଙ୍ଗସା ଥାନାରେ ୨ଟି ମାମଲା ରହିଥିଲା। ଏଥିରେ ହତ୍ୟା ମାମଲା ସାମିଲ ରହିଛି। ରିପୋର୍ଟ ଅନୁଯାୟୀ, ସମ୍ରାଟ ଏକ ଗ୍ୟାଙ୍ଗ ଚଳାଇ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ଦୀର୍ଘ ଦିନ ହେଲା ବଟି ଆଦାୟ ଏବଂ ଅନ୍ୟ ଆପରାଧିକ ମାମଲାରେ ସାମିଲ ଥିଲା। ସେ ଦୀର୍ଘ ଦିନ ହେଲା ଭାରତରେ ଲୁଚି ରହିଥିଲା। ନିକଟରେ ଅମୃତ ବାଂଲାଦେଶ ଫେରିଥିଲା। ସେ ବୁଧବାର ରାତିରେ ଗାଁର ସାହିଦୁଲ ଇସଲାମଙ୍କୁ ଟଙ୍କା ମାଗିବାକୁ ନିଜ ଗ୍ୟାଙ୍ଗ ସହ ଯାଇଥିଲେ। ମାତ୍ର ସାହିବୁଲ ଚିଲାଇ ଚୋର ଚୋର କହିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସମସ୍ତେ ଇସଲାମଙ୍କ କଥା ଶୁଣି ସମ୍ରାଟକୁ ଧରିଥିଲେ। ପରେ ପିଟି ପିଟି ମାରି ଦେଇଥିଲେ। ସମ୍ରାଟଙ୍କ ଅନ୍ୟ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିବାବେଳେ ସଲିମ ଧରା ପଡ଼ିଥିଲା। ଦେଶରେ ହାଦିଙ୍କ ହତ୍ୟାକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ପୁଣି ଏଭଳି ଏକ ଜଘନ୍ୟ କାଣ୍ଡ ହୋଇଛି।

### ବୁଡ଼ାଜାହାଜରୁ କେ-୪...

ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏସଂପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କିଛି କୁହାଯାଇନଥିଲେ ମଧ୍ୟ ଏହି ଉତ୍‌କ୍ଷେପଣ ଭାରତର ସମୁଦ୍ର ଭିତ୍ତିକ ପରମାଣୁ ପ୍ରତିରୋଧ କ୍ଷମତାକୁ ବୃଦ୍ଧି କରିଥିବା ସ୍ପଷ୍ଟ ହୋଇଛି। ଏହି କ୍ଷେପଣାସ୍ତ୍ର ୨ ଟନ ଓଜନର ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ବୋଲି କୁହାଯାଇଛି। ବୁଡା ଜାହାଜରୁ ଏହି କେ-୪ କ୍ଷେପଣାସ୍ତ୍ରକୁ ଦୂରଗାମୀ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ଡିଜାଇନ କରାଯାଇଛି। ଗତବର୍ଷ ଯେଉଁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିଲା , ତାହାର ଲକ୍ଷ୍ୟଭେଦ ଦୂରତା ଥିଲା ୭୫୦ କିଲୋମିଟର।

ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ବୈଜ୍ଞାନିକ ଡାକ୍ତର ଏପିଜେ ଅବଦୁଲ କଲାମଙ୍କ ନାମରେ ଏହି କ୍ଷେପଣାସ୍ତ୍ର ନାମିତ କରାଯାଇଛି। ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେ-୪ ମିସାଇଲ ଭୂମିରୁ ଲଞ୍ଚ୍ ହେଉଥିବା ଅଗ୍ନି-ସିରିଜ ଉପରେ ଆଧାରିତ ଏକ ଉନ୍ନତ ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ। ଏହାକୁ ବୁଡା ଜାହାଜରୁ ଲଞ୍ଚ୍ କରିବା ପାଇଁ ତିଆରି କରାଯାଇଛି। ଉତ୍‌କ୍ଷେପଣ ହେବା ପୂର୍ବରୁ ଏହା ପ୍ରଥମେ ସମୁଦ୍ର ପୃଷ୍ଠରୁ ଉଠିଥାଏ। ଏହାପରେ ଲକ୍ଷ୍ୟସ୍ଥଳ ଆଡକୁ ଗତି କରିଥାଏ। ଏହାକୁ ଅରିହନ୍ତ-ଶ୍ରେଣୀ ବୁଡ଼ା ଜାହଜରୁ ନିକ୍ଷେପ କରାଯାଇପାରିବ। କେ-୪କୁ ଭାରତର ପରମାଣୁ ତ୍ରିକୋଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଇଥାଏ। ଏହା ଭାରତର ପ୍ରତିରୋଧ କ୍ଷମତାକୁ ସୁଦୃଢ କରିବ ଓ ଯେକୌଣସି ଆକ୍ରମଣର ପ୍ରତିଶୋଧ ନେଇପାରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ଡିସେମ୍ବର ୨୩ରେ ଭାରତୀୟ ସେନା ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ଏକ ଉନ୍ନତ ସଂସ୍କରଣ, ଆକାଶ ନେକ୍ସଡ ଜେନେରେସନ ଅର୍ଥାତ ପରବର୍ତ୍ତୀ ପିଢ଼ିର (ଆକାଶ-ଏନ୍‌ଜି)ର ସଫଳ ପରୀକ୍ଷଣ କରିଥିଲା।

### କାର୍ ଉପରେ...

ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା କାରଣରୁ ଚେନ୍ନଇ- ତିରୁଚି ଜାତୀୟ ରାଜପଥରେ ଅନେକ କିମି ଲମ୍ବା ଟ୍ରାଫିକ ଜାମ ହୋଇଥିଲା। ପ୍ରାୟ ଦୁଇଘଣ୍ଟା ପରେ କ୍ରେନ୍ ଦ୍ୱାରା ଗାଡ଼ିକୁ ହଟାଇବାପରେ ଯାତାୟତ ପୁନର୍ବାର ଆରମ୍ଭ ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ପ୍ରତି ସମ।।ବେଦନା ଜଣାଇଛନ୍ତି। ସେ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

### ଜଳିଗଲା ବସ୍...

ଡ୍ରାଇଭର ଓ କ୍ଲିନର ଦୁର୍ଘଟଣା ସମୟରେ ଡେଇଁ ପଡ଼ି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଟ୍ରକ୍‌ର ଡ୍ରାଇଭର ଓ କ୍ଲିନର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଆହତ ହୋଇଥିବା ଯାତ୍ରୀଙ୍କୁ ହିରିୟୁର ଓ ଚିତ୍ରଦୂର୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ ଜଣ ଯାତ୍ରୀ ଅକ୍ଷତ ଅବସ୍ଥାରେ ବଞ୍ଚିଯାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ଟ୍ରକ୍‌ଟି ବସ୍‌ର ଡିଜେଲ ଟାଙ୍କିକୁ ଧକ୍କା ମାରିବା ଫଳରେ ବିସ୍ଫୋରଣ ହୋଇଥିଲା ବୋଲି କୁହାଯାଇଛି।

### ଧରାବତରିଲେ ଦେବକୀନନ୍ଦନ...

ମୀନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ପୋରାଧକ୍ଷା କଳ୍ପନା ମାଝୀ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ରଙ୍ଗମହଲ କମିଟି ଆବାହକ ଅକ୍ରୁର ମଲ୍ଲିକ, ସାଂସ୍କୃତିକ କମିଟି ଆବାହକ ଗୋପାଳ ଦାଶ, ଅଶୋକ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରଗଡ଼ ନିଶାମଣି ପଡ଼ିଆଠାରେ ରଙ୍ଗମହଲ (ଲୋକମଣ୍ଡପ ପଡ଼ିଆ) ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ପୂର୍ବରୁ ମା’ ଶ୍ୟାମାକାଳୀ ମନ୍ଦିର କମିଟି ପକ୍ଷରୁ ପ୍ରଥମେ ମା’ଙ୍କ ପାଖେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶଙ୍ଖ, ଘଣ୍ଟ, ହୁଳହୁଳିରେ ଏକ ବିରାଟ ଶୋଭାଯାତ୍ରାରେ ସମସ୍ତେ ରଙ୍ଗମହଲରେ ପହଞ୍ଚିଥିଲେ। ରାଜେଶ ଶତପଥୀ, ଆଦିତ୍ୟ ମିଶ୍ର, ଦେବେଶ ଦେଶାଇ, ପରେଶ ବିଶି, ଅକ୍ରୁର ମଲ୍ଲିକ, ଅମିତ ସାହୁ, ରାଜେଶ୍ ଭୋଇ, ଚିତ୍ତରଞ୍ଜନ ମିଶ୍ର, ଶୈଳେଶ ନାୟକ, ହରିହର ପ୍ରଧାନ, ଦେବେନ୍ଦ୍ର ସାହୁ, ମନୋରଞ୍ଜନ ପାଢ଼ୀ, ଯୋଗେନ୍ଦ୍ର ମହାନ୍ତି, ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ମଧ୍ୟ ଆସି ରଙ୍ଗମହଲରେ ପହଞ୍ଚିଥିଲେ।

ଅପରପକ୍ଷେ, ଧନୁଯାତ୍ରା ପାଇଁ ମଥୁରାନଗରୀ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି। ଆଗାମୀ ଦିନରେ ଲକ୍ଷାଧିକ ଲୋକଙ୍କ ସମାଗମକୁ ନେଇ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି ବୋଲି ଏସପି ପ୍ରହଲ୍ଲାଦ ସହାୟ ମୀନା ପ୍ରକାଶ କରିଛନ୍ତି।

## ଆଜି ଉଦ୍‌ଘାଟିତ ହେବ ରାୟଗଡ଼ା 'ଚଇତି ମହାକୁମ୍ଭ-୨୦୨୫'

# ବିଶ୍ୱ ଦେଖିବ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତି



ରାୟଗଡ଼ା,୨୫।୧୨(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୨୬ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ପିଏଶ୍ରୀ ଜିସିଡି ହାଇସ୍କୁଲ ପଡିଆ ଠାରେ "ଚଇତି ଓ ପଲ୍ଲିଶ୍ରୀ ମେଳା-୨୦୨୫'ଆରମ୍ଭ ହେବ। ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ପୌରହିତ୍ୟରେ ଶେଷ ପର୍ଯ୍ୟାୟରେ ସମସ୍ତ କାର୍ଯ୍ୟକ୍ରମ ପହଞ୍ଚିଛି। ସଜେଇ ହୋଇଛି ଚଇତି ପଡିଆ। ଶୁକ୍ରବାର ଅପରାହ୍ଣରେ ଏହି ବର୍ଣ୍ଣାଢ୍ୟ ଗଣପର୍ବର ସମାରୋହର ଉଦ୍‌ଘାଟନ ମହୋତ୍ସବ ଜିଲ୍ଲାବାସୀଙ୍କ ଗହଣରେ ମାଁ ମଝିଘରିଆଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା,ଚଇତି ମଶାଲ ନେଇ ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ା ଶ୍ରୀ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଓ ଚତୁର୍ଦ୍ଧାମୂର୍ତିଙ୍କୁ ନେଇ ଚଇତି ମଣ୍ଡପ ଯାଏଁ ପାରମ୍ପରିକ ବାଦ୍ୟ, ଡଙ୍ଗରିଆ ଓ ଲାଂଜିଆ ସୌଉରା, ପରଜା ଭଳି ଆଦିମ ଅଧିବାସୀ ଜନଜାତିଙ୍କ ମନଲୋଭା ଆଦିବାସୀ ନୃତ୍ୟ, ଢେମସା, ସ୍ଥାନୀୟ କଳାକାର ବୃନ୍ଦଙ୍କ ନୃତ୍ୟ, ଡିଜେ ଓ ସଂକୀର୍ତନର ତାଳେ ତାଳେ ବିରାଟ ଶୋଭାଯାତ୍ରା ବାହାରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଇତି ମହୋତ୍ସବର ଉଦ୍‌ଘାଟନ କରିଥଇଲେ। ଏଥିରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା,ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ସାଂସ୍କୃତିକ ସଂଧ୍ୟାରେ ଚଇତି ମଞ୍ଚର ବିଶେଷ ଆକର୍ଷଣ ରହିଛନ୍ତି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୁଶ୍ରୀ ଅନନ୍ୟା ଶ୍ରୀତମ ନନ୍ଦ ଓ ତାଙ୍କ ସାଥୀ। ଦ୍ୱିତୀୟ ସଂଧ୍ୟାରେ ରକ୍‌ଷ୍ଟାର ରୁକୁ ସୁନା ଓ ତାଙ୍କ ସାଥୀଙ୍କ ଧମାକାଦାର ସଂଗୀତ ପରିବେଷଣ ରଖାଯାଇଥିବା ବେଳେ ତୃତୀୟ ସଂଧ୍ୟାରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଓ ନାଭ୍ୟା ଜୈଟିଙ୍କ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଓରମାସ ପକ୍ଷରୁ ଅନୁଷ୍ଠିତ ହେଉଥିବା ପଲ୍ଲିଶ୍ରୀ ମେଳାରେ ଚଳିତ ବର୍ଷ ୩୦୦ରୁ ଅଧିକ ଷ୍ଟଲ ଖୋଲାଯାଇଥିବା ବେଳେ ଏହି ଷ୍ଟଲଗୁଡିକରେ ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମ,ଫୁଡ୍ ଷ୍ଟଲ,ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ରର ବିଭିନ୍ନ ଉପକରଣ,ରାଜ୍ୟ ଓ ରାଜ୍ୟ ବାହାରରୁ ହ୍ୟାଣ୍ଡିକ୍ରାଫ୍ଟ ଉପକରଣ,ଜିଲ୍ଲାର ୧୧ଗୋଟି ବ୍ଲକରୁ ୫୫ରୁ ଉର୍ଦ୍ଧ ଏସଏସଜି ଗ୍ରୁପ୍ ମହିଳାଙ୍କ ସାମଗ୍ରୀ,ଘର ସଜ୍ଜା କାଠ ଉପକରଣ ତଥା ଫର୍ନିଚର ଆଦି ସମେତ ଅନ୍ୟାନ୍ୟ ଜିନିଷ ବିକ୍ରି ଉପଲବ୍ଧ ହେବ ବୋଲି ଜଣାପଡିଛି। ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣି ଅନୁରୋଧ କରିଛନ୍ତି।

● ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ

## ରାୟଗଡ଼ା ମଙ୍ଗଳ ବିଭାଗରେ ଯୋଗଦେବେ ୧୭୨ ଶିକ୍ଷକ

ରାୟଗଡ଼ା,୨୫।୧୨(ସମିସ): ଆଗାମୀ ନୂଆ ବର୍ଷ ପାଇଁ ରାୟଗଡ଼ା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପାଇଁ ଖୁସି ଖବର ମିଳିଛି। ଜାନୁଆରୀ ପ୍ରଥମ ସପ୍ତାହରେ ନିଯୁକ୍ତି ପାଇବେ ୧୭୨ ଜଣ ଅତିଥି ଶିକ୍ଷକ। ଏଥିପାଇଁ ରାୟଗଡା ମଙ୍ଗଳ ବିଭାଗ ପକ୍ଷରୁ ଚୟନ ହୋଇଥିବା ଶିକ୍ଷକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପଠାଯିବା ସହ ଜାନୁଆରୀ ୧ ରୁ ୫ ତାରିଖ ମଧ୍ୟରେ ନିଜ ନିଜ ବିଦ୍ୟାଳୟରେ ଜଏନ୍‌କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ରାୟଗଡା ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟଗୁଡିକରେ ବିଭିନ୍ନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ଏହି କାରଣରୁ ବିଦ୍ୟାଳୟ ପରିଚାଳନା ଓ ଅଧ୍ୟୟନରେ ଗୁରୁତର ବିଭ୍ରାଟ ଦେଖାଦେଉଥିଲା। ବିଭିନ୍ନ ସମୟରେ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ଶୂନ୍ୟ ଥିବା ଶିକ୍ଷକ ପଦବୀ ପୂରଣ ନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଏହି କ୍ରମରେ ୧୫୪ଟି ମାଟ୍ରିକ ସିଟି, ଦୁଇଟି ଟିଜିଟି, ତିନୋଟି ପିସିଏମ୍ ବିଜ୍ଞାନ ଶିକ୍ଷକ, ୪ଟି ସିବିଜେଡ ବିଜ୍ଞାନ ଶିକ୍ଷକ, ଆଠଟି ହିନ୍ଦୀ, ନଅଟି ସଂସ୍କୃତ, ଗୋଟିଏ ଲେଖାଏଁ ଇଂରାଜୀ, ଉଦ୍ଭିଦ ବିଜ୍ଞାନ, ଗଣିତ ଅଧ୍ୟାପକ ଓ ଦୁଇଟି ଲେଖାଏଁ ଓଡ଼ିଆ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଖାଲି ଥିବା ମୋଟ ୧୮୭ ପଦବୀ ଗୁଡିକୁ ପୂରଣ ଲାଗି ଆବେଦନ ଆହ୍ୱାନ କରାଯାଇଥିଲା। ଏଥିଲାଗି ପ୍ରାପ୍ତ ଆବେଦନକୁ ଯାଞ୍ଚ ପରେ ଉପଯୁକ୍ତ ୩୨୧ ଜଣ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ଆମନ୍ତ୍ରଣ କରା ଯାଇଥିଲା। ସାକ୍ଷାତକାର ପରେ ମୋଟ ୧୭୨ ଜଣ ଅତିଥି ଶିକ୍ଷକ ଭାବେ କୃତିତ୍ୱ ଲାଭ କରିଥିଲେ। ଇଂରାଜୀ ଅଧ୍ୟାପକ ବ୍ୟତୀତ ଅବଶିଷ୍ଟ ସମସ୍ତ ପଦବୀ ପାଇଁ ପ୍ରାର୍ଥୀ ଚୟନ ହୋଇଥିବା ବେଳେ ଦୁଇ ଜଣ ଲେଖାଏଁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଯୋଗ୍ୟ ବିବେଚିତ ହୋଇଥିଲେ। ଫଳରେ ବିଭାଗକୁ ନୂତନ ଭାବେ ୧୭୨ଟି ଅତିଥି ଶିକ୍ଷକ ମିଳିବା ସମ୍ଭବପର ହୋଇପାରିଲା ବୋଲି ରାୟଗଡା ମଙ୍ଗଳ ଅଧିକାରୀ ଅସୀମା ରାଓ ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁମୋଦନ ପରେ ନିଯୁକ୍ତି ପତ୍ର ପଠା ସରିଛି ଏବଂ ଅତିଥି ଶିକ୍ଷକ ମାନେ ନିଜ ନିଜ ନିଯୁକ୍ତି ସ୍ଥଳରେ ଯୋଗାଦାନ କରିବାକୁ ଶ୍ରୀମତି ରାଓ ନିବେଦନ କରିଛନ୍ତି।

## ଯୋଗାଣ ସହାୟକଙ୍କ ପରଲୋକ



କାଳିମେଳା,୨୫ ।୧୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ତାଣ୍ଡବାଇ ପଞ୍ଚାୟତର ଯୋଗଣ ସହାୟକ କେ.ଈଶ୍ୱର ରାଓଙ୍କର ଗତକାଲି ପରଲୋକ ହୋଇଯାଇଛି। ସେ କୀଡ୍‌ନୀ ଏବଂ ଲିଭାଇ ଜନିତ ରୋଗରେ ପୀଡିତ ଥିଲେ। ଦୁଇ ଦିନ ତଳେ ହଠାତ ଦେହ ଖରାପ ହେବାରୁ ତାଙ୍କୁ ପ୍ରଥମେ ଆନ୍ଧ୍ରପ୍ରଦେଶର ଭଦ୍ରାଚଲମ ଏବଂ ପରେ ଖମାମ ନେଇ ଚିକିତ୍ସା ଚାଲିଥିଲା। ଗତକାଲି ତାଙ୍କର ମେଡିକାଲରେ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବାଲିମେଳା ନବୋଦୟର 'ଆଲୁମିନା ମିଟ୍-୨୦୨୫'




କୋରୁକୋଣ୍ଡା, ୨୫ ।୧୨(ସମିସ): ମାଲକାନଗିରି ଜିଲ୍ଲାର ବାଲିମେଳା ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୨ ପରିସରରେ ଏହାର ଦ୍ୱିତୀୟ ଆଲୁମିନା ମିଟ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ଆଲୁମିନା ଆସୋସିଏସନ୍‌ର ପୂର୍ବତନ ସଭାପତି ରାଜକୁମାର କୁରାମୀ ସଭାପତିତ୍ୱ କରିଥିବାବେଳେ ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରିନ୍ସପାଲ ସିଦ୍ଧାର୍ଥ ଜିଙ୍ଗୋନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୧୯୮୫ ମସିହାର ପ୍ରଥମ ବ୍ୟାଚ ଛାତ୍ର ଏଲ୍‌ଏନ୍ ଆଚାର୍ଯ୍ୟ, ସମାଜସେବୀ ଭଗବାନ ସାହୁ, ଶିକ୍ଷୟିତ୍ରୀ ରୀନା ସେଠୀ ଓ ଟି.ଭି.ୱାଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କୃତି ପ୍ରତିଭା ମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଆଜିର ଏହି ଆଲୁମିନା ମିଟ୍‌କୁ ବାଲିମେଳା ଜେଏନ୍‌ଭି-୨ ର ଦ୍ୱିତୀୟ ବ୍ୟାଚର ଛାତ୍ର ତଥା ଆଲୁମିନା ସଭାପତି ରାହୁଲ ରାଏ, ଉପ ସଭାପତି ବିପ୍ଲବ ବୈରାଗୀ, ସମ୍ପାଦକ ସଞ୍ଜୟ କୁମାର ବେହେରା, ସହ ସମ୍ପାଦକ ଉଷଶ୍ରୀ ନାୟକ, କୋଷାଧ୍ୟକ୍ଷ ଅନ୍ତିମଜୟ ମଣ୍ଡଳ,ସହ କୋଷାଧ୍ୟକ୍ଷ ଅଙ୍କିତା ପାତ୍ରୀ, ଆଲୁମିନା ସଂଯୋଜକ ଅଜୟ କୁମାର ସୋଡି ଓ ସ୍ମୃତିଶିଖା ଦେବୀ ପ୍ରମୁଖ ସଫଳତାର ସହ ଆୟୋଜନ କରିଥିଲେ।

## କଲ୍ୟାଣସିଂହପୁରରେ ନୂତନ ଚାଷୀ ସଂଗଠନ ଗଠିତ



କଲ୍ୟାଣସିଂହପୁର,୨୫।୧୨(ସମିସ): ରାଜ୍ୟରେ ଚାଷୀଙ୍କୁ ଅବହେଳା ଓ ବିଭିନ୍ନ ମଣ୍ଡିର ଅବ୍ୟବସ୍ଥା ନେଇ ଚାଷୀ ସଂଗଠିତ ହୋଇ ସରକାରଙ୍କ ଠାରେ ଲଢ଼ିବା ପାଇଁ ଏକତ୍ରିତ ହୋଇଛି। ରାୟଗଡ଼ା ଜିଲ୍ଲାର କୃଷି ପ୍ରଧାନ ବ୍ଲକ କଲ୍ୟାଣସିଂହପୁରରେ ଚାଷୀ ସବୁବେଳେ ଅବହେଳିତ ହୋଇ ନିର୍ଯାତନାର ଶିକାର ହେଉଥିବାରୁ ଆଜି ବ୍ଲକ ଚାଷୀ ସଂଗଠନ ନାମରେ ଏକ ସଂଗଠନ ପ୍ରତିଷ୍ଠା ହୋଇଛି। ଏଥିରେ ବରିଷ୍ଠ ଚାଷୀ ଦଶରଥୀ ନାୟକଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସହମତି କ୍ରମେ ସଭାପତି ରୂପେ ଶ୍ରୀନବାସ ଚୌଧୁରୀ, ସମ୍ପାଦକ ଭାବେ ପ୍ରଶାନ୍ତ କୌଶଲ୍ୟା, ଉପସଭାପତି ତିନି, ପ୍ରତି ପଞ୍ଚାୟତରେ ଦୁଇଜଣ ଚାଷୀଙ୍କୁ ସଭ୍ୟ ଓ ଉପଦେଷ୍ଟା ମଣ୍ଡଳୀ ରୂପେ ତିରିଶି ଜଣ ଚାଷୀ ସର୍ବ ସହମତି ରୂପେ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚାଷୀ, ଜି. ସଂଜୀବ ରାଓ, ଜି. ପ୍ରସାଦ ରାଓ, ବିଭି ପ୍ରସାଦ ରାଓ, ଜୟଶଙ୍କର କୌଶଲ୍ୟା, ନରସିଂହ ସାହୁ, ଅଶ୍ୱିନୀ ମହାପାତ୍ର, ଗେଦେଲା ଶ୍ରୀନୁ, ପେଦେଣ୍ଟି ରମେଶ, କୁମାରସ୍ୱାମୀ କୌଶଲ୍ୟା, ଏଙ୍କେଟେଶ୍ୱର ପାଢ଼ୀ, କେ. ଚଲାପତିଙ୍କ ସହ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ବର୍ତ୍ତମାନ ଧାନମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀଙ୍କ ନିକଟରେ ଟୋକନ୍ ଥାଇ ମଧ୍ୟ ସରକାର ଧାନ କିଣୁ ନଥିବାରୁ ଜଟିଳ ସମସ୍ୟା ଉପୁଜିଛି। ଏହି ସମସ୍ୟା ପାଇଁ ତୁରନ୍ତ ସମାଧାନ ନକଲେ ବିରାଟ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହୋଇଥିଲା। ବ୍ଲକ ନୂତନ ସଂଗଠନର ରଣନୀତି ପ୍ରସ୍ତୁତି

### ଆନ୍ଦୋଳନ ପାଇଁ ସଜବାଜ

କରି ସରକାରଙ୍କୁ ଚାଷୀର ସମସ୍ୟା ନେଇ ଘେରିବା ପାଇଁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଆସନ୍ତା ଦିନରେ ଯୋଗାଣ ବିଭାଗ, ତହସିଲଦାର,ବ୍ଲକ ଓ ଲ୍ୟାମ୍ପ୍‌ସକୁ ଦାବିପତ୍ର ପ୍ରଦାନ କରିବା ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଥିଲା।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ରାୟଗଡ଼ା,୨୫।୧୨(ସମିସ): ଯୋଗଜନ୍ମା, କାଳଜୟୀ ,ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ , ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ ପ୍ରଫେସର ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଭାରତୀ ଚୌଧୁରୀ ଓ ପ୍ରଧାପିକା ଶାନ୍ତିଲତା ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତା, ପ୍ରେମ ପାହାଡ଼, ଜିସିଡ଼ି ୱାକର୍ସ କ୍ଲବର ସଦସ୍ୟ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଚାଳିଶିରୁ ଅଧିକ କବି ଓ କବୟିତ୍ରୀ



ନିଜସ୍ୱ ଲିଖିତ ଅଟଳବିହାରୀଙ୍କ ଜୀବନୀ, ଜୀବନାଦର୍ଶ ଓ ଜାତୀୟତାବୋଧ କବିତା ପାଠ କରିଥିଲେ। ସମସ୍ତ କବି ଓ କବୟିତ୍ରୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲ୍ଲା ଲୋକସମ୍ପର୍କ ବିଭାଗର ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧକାରୀ ଦେବରାଜ ଟାକ୍ରୀ, ମାନସ ରଞ୍ଜନ ସାହୁ, କୁମୁଦିନୀ ମିଶାଳ, ଡମ୍ବୁରୁଧର ପଣ୍ଡା, ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ରଞ୍ଜିତ ପୀରବାକ, ଭି. ଚନ୍ଦ୍ର ଶେଖର ଓ ମହିଳା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ନାଗାବଳୀ ଲାୟନ୍ସ କ୍ଲବ୍‌ର ଶୀତବସ୍ତ୍ର ବଣ୍ଟନ



ରାୟଗଡ଼ା,୨୫।୧୨(ସମିସ): ନାଗାବଳୀ ଲାୟନ୍ସ କ୍ଲବ ରାୟଗଡ଼ା ତରଫରୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ସହର ସ୍ଥିତ ଝୋଡିଆ ସାହି ବସ୍ତିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ସାହିର ୪୦ଜଣ ବୃଦ୍ଧାବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯିବା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା । ଦୁଇ ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ଆର୍ଥିକ ସହଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍‌ର ପ୍ରତିଷ୍ଠାତା ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜୋନାଲ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ଗନ୍ତାୟତ, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀଙ୍କ ସମେତ ବିଶ୍ୱନାଥ ବିଶ୍ୱାଳ, ଲାବଣ୍ୟ ମୋହନ ପଟନାୟକ, ଅଞ୍ଜଳି ପଣ୍ଡା, ଦୀପ୍ତିଲତା ପଣ୍ଡା, ଅରୁଣ ପାଣିଗ୍ରାହୀ, ପୌର ପରିଷଦର ସ୍ଥାନୀୟ କାଉନସିଲର ସୁକାନ୍ତ ପରିଡା ଯୋଗ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମଟି ସମ୍ପାଦକ ଡଃ ବିପିନ ବିଶ୍ୱାଳଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିବାରୁ ସମସ୍ତ ସଦସ୍ୟ ସଦସ୍ୟା ମାନେ ପ୍ରଶଂସା କରିବା ସହ ବସ୍ତି ବାସିନ୍ଦା ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ଼ା/କଲ୍ୟାଣସିଂହପୁର,୨୫।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମହକୁମାର ଜଗନ୍ନାଥ ମନ୍ଦିର ପରିସରର ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକ୍‌ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର କଳାକାର ମାନେ ଉପସ୍ଥିତ ରହି କଳାକାରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅନେକ ଯୋଗ୍ୟ କଳାକାର ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏ ନେଇ ଜିଲ୍ଲା ସ୍ତରୀୟ ସମସ୍ତ କଳାକାର



ଏକତ୍ର ହୋଇ ସରକାରଙ୍କ ଠାରେ ଦାବି ରଖାଯିବ ବୋଲି ଆଲୋଚନା ହୋଇଥିଲା। ଏ ନେଇ ଜିଲ୍ଲାର କଳାକାରଙ୍କୁ ସଂଗଠିତ କରି ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ ଜିଲ୍ଲାରେ ବହୁଳ ସଂଖ୍ୟାରେ ବସବାସ କରୁଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଗୁର୍କା ନୃତ୍ୟର ପ୍ରଚାର ପ୍ରସାର ପାଇଁ ଗୁର୍କା ମହୋତ୍ସବ ନାମରେ ଲୋକ ମହୋତ୍ସବ ବିଭିନ୍ନ ବ୍ଲକ୍ ସ୍ତରରୁ ହେବା ପରେ ଜିଲ୍ଲା ସ୍ତରୀୟ ମହୋତ୍ସବ ପାଇଁ ପ୍ରସ୍ତୁତି ହେବା ପରିପ୍ରେକ୍ଷୀରେ କଲ୍ୟାଣସିଂହପୁର ବ୍ଲକ୍ ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ୨୦୨୬ ବର୍ଷର ଜାନୁଆରୀ ୮ ତାରିଖରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ମହା ଆଡ଼ମ୍ବରରେ ଅୟୋଜନ ହେବ ବୋଲି ନିଷ୍ପତି ନିଆଯାଇଥିଲା। ଏହା ପରେ ବ୍ଲକ୍ କମିଟି ଗଠନ ପାଇଁ କଳାକାରଙ୍କ ମତାମତ ଗ୍ରହଣ କରାଯାଇଥିଲା। ପଞ୍ଚାୟତ ସ୍ତରୀୟ ବୈଠକ ପରେ ଚୟନ ହୋଇ ଘୋଷଣା ହେବ ବୋଲି ସ୍ଥିର କରାଗଲା। ଏହି ବୈଠକରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛାଙ୍କ ସମେତ ବରିଷ୍ଠ ଲୋକକଳା କଳାକାର ବାସୁଦେବ ମାର୍ଥା, ଚାମିଆ ଲୋରା, ସୁରେଶ ବିଡ଼ିକା, ଦୀନବନ୍ଧୁ ସାରାକା, ଡିଉ କାଡ୍ରାକା, ମିଲାସିଂ କାଡ୍ରାକା, କନ୍ତାରୁ ଖଣ୍ଡରିଆ, ପଦ୍ମନ ଚରଣ ଗୌଡ଼, ଆର୍ଜୁ ପ୍ରାସ୍କା, କୁନୁ କାଶୀ, ସୂର୍ଯ୍ୟ କାଶୀ, ନକୁଳ କାଡ୍ରାକା, ବୁଦାଇ ପିଡିସିକା, ସିନ୍ଦେ କୁଲିଶିକା, ଜୟ ହୁଇକା, ସୋମନାଥ କୁଲିସିକା, ଏକାଦଶୀ ମହାଙ୍କୁଡ, ପ୍ରଭାତ କାଶୀ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ରବି ପାଢ଼ିଙ୍କ ଜୟନ୍ତୀରେ ଜଗନ୍ନାଥ ସମ୍ମାନିତ

ଗୁଣପୁର,୨୫।୧୨(ସମିସ): ଅଗ୍ରଣି କୃଷକ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ରବି ପାଢିଙ୍କ ୮୨ ତମ ଜୟନ୍ତୀ ସମାରୋହରେ ଆଜି ଡମ୍ବସରାର ଆଦର୍ଶ କୃଷକ ଜଗନ୍ନାଥ ଶବରଙ୍କୁ ସମ୍ମାନିତ କରାଯାଇଛି। ବିକମ୍ ପାଠ ପଢି ଜଗନ୍ନାଥ ଚାକିରି ଆଡକୁ ଇଚ୍ଛା ପ୍ରକାଶ ନ କରି ନିଜେ ପନି ପରିବା ଓ ଫୁଲ ଚାଷ ସହ ସଜନା ଚାଷ କରି ସ୍ୱାବଲମ୍ବୀ ହୋଇଥିବାରୁ ଉପସ୍ଥିତ ଅତିଥି ମାନେ ସାଧୁବାଦ ଜଣାଇଥିଲେ। ରବି ପାଢି ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମା ଦାସ ସଂଯୋଜନା କରିଥିବା ବେଳେ ଉପସ୍ଥିତ ଅତିଥି ମାନେ ଶ୍ରୀ ପାଢିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଆଜି



ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ, ପଞ୍ଚାୟତ ସମିତି ଉପାଧକ୍ଷ ସୁଦର୍ଶନ ଶବର, ପୁର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ସମାଜସେବୀ ସଞ୍ଜୟ ସାହୁ, ଗୁଣପୁର ନବ ନିର୍ମାଣ ସମିତି ର ସଭାପତି ଅକ୍ଷୟ ଦାସ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବ ଉଲାକା, ଶିବ ପଟ୍ଟନାୟକ, କୋରାପୁଟ ଲୋକସଭାର ବିଜେପି ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ଯୁବନେତା ବାପି ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକ କୈଳାସ ଦାସ, ନିଳମାଧବ ପାଢି, ଓକିଲ ସଂଘର ସଭାପତି ଗୌରୀ ଦାସ, ଆଇନଜୀବୀ ଦେବୀ ଆଚାର୍ଯ୍ୟ, ଗଣେଶ ପଣ୍ଡା, ପ୍ରେସ କ୍ଲବର ସମ୍ପାଦକ କୁନା ପଟ୍ଟନାୟକ, ମିଲି ପାଢି, ସିଲି ପାଢି, ପତିତ ପାବନ ପାଢି, ଲକ୍ଷ୍ମୀ ଚାନ୍ଦ୍ ସାହୁ, ଲାଡି ଗୋପାଲା, ଉମା ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚାରି ପ୍ରହର ନାମଯଜ୍ଞ ଓ ଅନ୍ନଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍ମୃତି କମିଟି ସଦସ୍ୟ ଲୋକନାଥ ପାଢି ଧନ୍ୟବାଦ ଦେଇଥିଲେ।

## ସର୍ବଭାରତୀୟ କରାଟେ ଚାମ୍ପିଅନ୍‌ସିପ



ଗୁଣପୁର,୨୫।୧୨(ସମିସ): ୨୭ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ୧୫ତମ ସର୍ବଭାରତୀୟ ଶୁକକାଇ କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଗୁଣପୁର ଶାଖା ତରଫରୁ ମାଷ୍ଟର ଲବ ବାଉରୀ, ନିର୍ଦ୍ଦେଶକ ଦେବେନ୍ଦ୍ର ଦୋରା ଓ କୋଚ ଭାବେ ନିରାକାର ଶ୍ରୀକାନ୍ତ ଓ ରାଜେଶ ପୃଷ୍ଟିଙ୍କ ସହ ଜିଲ୍ଲାର ମନୋନୀତ ଖେଳାଳି ମାନସ ରଞ୍ଜନ ସାହୁ, ଜି ଶିଳ୍ପୀ , ଭି:ଅକ୍ସରା ହର୍ଶିତା ଚୌଧୁରୀ , ଜି: ହାର୍ଶିତା , ଆରୁସ ମିଶ୍ର , ଆଦିତ୍ୟ ପାଢି ଓ ରୁଦ୍ରଣ ଦଳେଇ ପ୍ରମୁଖ ଭୁବନେଶ୍ୱର ଗସ୍ତ କରିଛନ୍ତି । ସେମାନେ ଏହି ଖେଳରେ ଭାଗ ନେବା ପାଇଁ ଯାଇଥିବାରୁ ସହରବାସୀ ସେମାନଙ୍କ ସଫଳତା କାମନା କରିଛନ୍ତି।

### ଟେଣ୍ଡର ପରେ ଆରମ୍ଭ ହେଉନି ବ୍ରିଜ୍ କାର୍ଯ୍ୟ

# ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ, ବିଭାଗ ନିରବଦ୍ରଷ୍ଟା



କୋରୁକୋଣ୍ଡା,୨୫ ।୧୨(ସମିସ): ସ୍ଥାନୀୟଲୋକଙ୍କ ଦୀର୍ଘ ଦିନର ଦାବି ଓ ବିଗତ ଦିନରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ପରେ ଶେଷରେ ମନ୍ତ୍ରୀପୁଟ ଗ୍ରାମ ଶେଷ ମୁଣ୍ଡରେ ଦେଇ ଯାଇଥିବା ବଡ଼ ନାଳ ଉପରେ ପୋଲ ନିର୍ମାଣ ନିମନ୍ତେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରକାର ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି କାମ ପାଇଁ ୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଆଶାକୁ ଭାଙ୍ଗି ଦେଇଛନ୍ତି ସମ୍ପୃକ୍ତ ଠିକାଦାର। ଏହି ରାସ୍ତାଟି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାଦ୍ରୀନଗର ଗଣେଶ ମନ୍ଦିରରୁ ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଞ୍ଚାୟତକୁ ଯୋଗାଯୋଗ କରୁଥିବା ବେଳେ ଦୈନିକ ଏହି ରାସ୍ତା ଦେଇ ଶହ ଶହ ବାଇକ୍ ଚାଳକ ଯାତାୟତ କରିଥାନ୍ତି। କିନ୍ତୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ଏହି ପୋଲଟି ନିର୍ମାଣ ହୋଇ ନଥିବାରୁ ଚାରି ଚକିଆ ଯାନ କିମ୍ବା ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯାତାୟତ କରି ପାରୁନାହିଁ। ଏହି ପୋଲ ନିର୍ମାଣ ହୋଇ ନଥିବା ହେତୁ ବହୁ ସମୟରେ ଉକ୍ତ ଗ୍ରାମର ରୋଗୀଙ୍କୁ ଭାରରେ ବୁହାହୋଇ ଆଣିବାର ଚିତ୍ର ମଧ୍ୟ ଦେଖିବାକୁ ମିଳିଛି। ବାଇକ୍ ଯୋଗେ ଯାତାୟତ କରିବା ସମୟରେ ବହୁ ସମୟରେ ଏହି ନାଳ ପାର ହେଉଥିବା ବେଳେ କିଛି ବାଇକ୍ ଚାଳକ ଏହି ଛୋଟ ଛୋଟ ପଥରରେ ଛନ୍ଦି ହୋଇ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ମଧ୍ୟ ନଜିର ରହିଛି। କିନ୍ତୁ ବିଭାଗ ପକ୍ଷରୁ ପୋଲ ନିର୍ମାଣ ନିମନ୍ତେ ସରକାରୀ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର କାର୍ଯ୍ୟ ସାରି ଠିକାଦାର କାର୍ଯ୍ୟ ପାଇଥିଲେ ସୁଦ୍ଧା ଏଯାଏଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଘନେଇବାରେ ଲାଗିଛି। ତେଣୁ ତୁରନ୍ତ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ମହାକୁଡ଼ କହିଛନ୍ତି ଯେ ଏହି କାମ ଜାନୁଆରୀ ମାସ ସୁଦ୍ଧା ଆରମ୍ଭ ହେବ।

## ଖରିଫ ମଣ୍ଡିରେ ଆରମ୍ଭ ହେଲା ଧାନ କିଣା

# କଟ୍‌ନୀଛଟ୍‌ନୀ ବନ୍ଦ କରିବାରେ ପ୍ରଶାସନ ବିଫଳ

ଜୟପୁର, ୨୫ ।୧୨(ସମିସ): କୋରାପୁଟ ଜିଲ୍ଲାରେ ଗତ ୧୧ ତାରିଖ ଠାରୁ ଖରିଫ ଧାନ କ୍ରୟ ନେଇ ମଣ୍ଡି ଶୁଭ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଧାନ କ୍ରୟ ହୋଇପାରିନଥିଲା । ବିଜୁ ଜନତା ଦଳ ପକ୍ଷରୁ ଚାଷୀଙ୍କ ଅମଳ ଖରିଫ ଧାନ ଆସନ୍ତା ୨୬ ତାରିଖ ସୁଦ୍ଧା ମଣ୍ଡିରେ ପ୍ରଶାସନ ପକ୍ଷରୁ କ୍ରୟ ଆରମ୍ଭ ନହେଲେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଓ ଆନ୍ଦୋଳନ ନେଇ ଚେତାବନୀ ଦିଆଯାଇଥିଲା । ଶେଷରେ ମଣ୍ଡି ଉଦ୍‌ଘାଟନର ୧୪ ଦିନ ପରେ ପ୍ରଶାସନ ପକ୍ଷରୁ ଗତ ବୁଧବାର ଜିଲ୍ଲାର ବୋରିଗୁମ୍ମା ଲ୍ୟାମ୍ପସ ପକ୍ଷରୁ କାମରା ମଣ୍ଡିରେ ଟୋକନଧାରୀ ୩ ଜଣ ଚାଷୀଙ୍କ ଠାରୁ ୧୯୭ କ୍ୱିଣ୍ଟାଲ ଏବଂ ବୋରିଗୁମ୍ମା ବ୍ଲକ ରତାଳି ଗ୍ରାମ ପାଣିପଞ୍ଚାୟତ ପକ୍ଷରୁ ରତାଳି ଗ୍ରାମ ମଣ୍ଡିରେ ୩ ଜଣ ଚାଷୀଙ୍କ ଅମଳ ୧୦୯ କ୍ୱିଣ୍ଟାଲ ୫୦ କିଲୋ ଖରିଫ ଧାନ କ୍ରୟ ହୋଇଯାଇଛି । ଆଜି




ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମ ମଣ୍ଡି ଠାରେ ଚାଷୀଙ୍କ ଧାନ କ୍ରୟ ଉମୁରୀ ଲ୍ୟାମ୍ପସ ପକ୍ଷରୁ ଆରମ୍ଭ ହୋଇଛି । ସଂଧ୍ୟା ସାଢେ ୬ଟା ସମୟ ସୁଦ୍ଧା ୫୩ ଜଣ ଚାଷୀଙ୍କ ଠାରୁ ୨୭୫୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇଯାଇଛି ଏବଂ ଟାଙ୍କୁଆ ମଣ୍ଡିରେ ୮ ଜଣ ଚାଷୀଙ୍କ ଠାରୁ ୫୧୯ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ପ୍ରଶାସନ ପକ୍ଷରୁ ଧାନ କ୍ରୟ କରାଯାଇଥିଲେ ସୁଦ୍ଧା କଟ୍‌ନୀ ଛଟ୍‌ନୀ ବନ୍ଦ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଗତ କାଲି ଏବଂ ଆଜି ଏଫଏକ୍ୟୁ ମାନର ଧାନ ନଥିବା ଅଭିଯୋଗ ନେଇ କଷ୍ଟମ ମିଲର୍ସ ମାନେ ଧାନ ଗ୍ରହଣ କରିବାକୁ ମନା କରିଥିଲେ । ଶେଷରେ କ୍ୱିଣ୍ଟାଲ ପିଛା ୨ରୁ ସାଢେ ୨ କିଲୋ ଅଧିକ ଧାନ ଚାଷୀ ପ୍ରଦାନ କରିବା ନେଇ ସହମତି ପରେ ଧାନ କ୍ରୟ ଆରମ୍ଭ ହୋଇଛି । ଧାନ କ୍ରୟ ଆରମ୍ଭ ହୋଇଥିବା ସମସ୍ତ ଟୋକନଧାରୀ ଚାଷୀଙ୍କ ସରକାରୀ ଧାର୍ଯ୍ୟ ଅନୁଯାୟୀ ଧାନ କ୍ରୟ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି । ସେହିପରି ବୋରିଗୁମ୍ମା ବ୍ଲକରେ ମଧ୍ୟ ବିଭିନ୍ନ ମଣ୍ଡିର ଧାନ କ୍ରୟ ଆରମ୍ଭ ହୋଇଯାଇଛି ।

### ● ଅଗ୍ନିଶମ ଅଧିକାରୀ ଓ ଗୃହ ନିର୍ମାଣ ଠିକା କର୍ମଚାରୀ ହାତାହାତି

# ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ

ମାଲକାନଗିରି, ୨୫ ।୧୨(ସମିସ):

ମାଲକାନଗିରି ଜିଲ୍ଲା ସଦରରେ ଥିବା ଅଗ୍ନିଶମ ବିଭାଗର ଏଏଫଓ ଅଧିକାରୀ କମଳ ଲୋଚନ ଗୌଡ଼ ଓ ଜିଲ୍ଲା ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ପରିସରରେ ଏକ ନୂତନ ନିର୍ମାଣ ଧୀନ ଗୃହ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଲକି ରଞ୍ଜନ କରଣଙ୍କ ମଧ୍ୟରେ ଆଜି କୌଣସି ଏକ କାରଣକୁ ନେଇ ହାତାହାତି ପରିସ୍ଥିତି ଉପୁଜିଥିଲା । ଏହାର ଭିଡିଓ ସାମାଜିକ ଗଣ ମାଧ୍ୟମରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି । ତେବେ ଅଗ୍ନିଶମ ବାହିନୀର ଅଧିକାରୀ ଶ୍ରୀ ଗଉଡ ଓ ଠିକା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ଶ୍ରୀ କରଣଙ୍କ ମଧ୍ୟରେ ହାତାହାତି ଓ ଅସଭ୍ୟ ଭାଷାରେ ଗାଳି



ଗୁଲଜ ହେଉଥିବା ଭିଡିଓରୁ ଜଣାପଡିଛି । ସୂଚନା ଅନୁଯାୟୀ, ଠିକାଦାର ପ୍ରକାଶ କୁମାର ନାହାକ ଜିଲ୍ଲା ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ପରିସରରେ ଏକ ନୂତନ ଗୃହ ନିର୍ମାଣ କାର୍ଯ୍ୟର ଠିକା ନେଇଛନ୍ତି । ତାଙ୍କର ସୁପରଭାଇଜର ରୂପେ ଶ୍ରୀ କରଣ ଉକ୍ତ କାର୍ଯ୍ୟର ବୁଝାସୁଝା କରୁଥିଲେ । ଆଜି ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଜାରି ଥିବା ବେଳେ ଶ୍ରୀ ଗଉଡ ଶ୍ରୀ କରଣଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ ମାରିଥିବା ନେଇ ଶ୍ରୀ କରଣ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟଙ୍କା ନଦେଲେ କାର୍ଯ୍ୟ କରିବାକୁ ଦେବି ନାହିଁ ବୋଲି ଶ୍ରୀ ଗଉଡ ଧମକ ଦେଇଥିବା ନେଇ ଶ୍ରୀ କରଣ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ଅଭିଯୋଗ ପରେ ଅଗ୍ନିଶମ ଅଧିକାରୀ ଶ୍ରୀ ଗଉଡ ମଧ୍ୟ ପାଲଟା ଅଭିଯୋଗ ଦେଇଥିବା ପ୍ରକାଶ କରିଛନ୍ତି । ସେ ଶ୍ରୀ କରଣ ଲଗାଇଥିବା ଅଭିଯୋଗକୁ ଭିତ୍ତିହୀନ କହିବା ସହ ଶ୍ରୀ କରଣ ମନଇଚ୍ଛା ବାହାରୁ ଲୋକ ଆଣି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି । ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ଜୟପୁର ଭଣ୍ଡାରୀ ସଂଘର ନିର୍ବାଚନ



ଜୟପୁର,୨୫ ।୧୨(ସମିସ): ଜୟପୁର ଭଣ୍ଡାରି ସଂଘର ନିର୍ବାଚନ ଆଜି ସ୍ଥାନୀୟ ଦ୍ୱିତୀୟ ବଜାର ଠାରେ ଥିବା ସଂଘର କାର୍ଯ୍ୟାଳୟ ଗୃହ ଠାରେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି । ଏହି ନିର୍ବାଚନରେ ଉପଦେଷ୍ଟା ଭାବେ ଆଇନଜୀବୀ ବିଜୟ କୁମାର ରାୟ ଜେନାଦେଓ, ସାହାକାର ଅଲ୍ଲୀ, ନିର୍ଭିକ ସାମନ୍ତରାୟ, ସୁମିତ ପଟ୍ଟନାୟକଙ୍କ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ । ପୂର୍ବାହ୍ନରେ ସମୁଦାୟ ୧୭୪ ଜଣ ସଂଘର ସଦସ୍ୟ ଭୋଟଦାନ କରିଥିଲେ । ଅପରାହ୍ନରେ ଭୋଟ ଗଣତିରେ ସଭାପତି ଭାବେ ଏ .ପୋଲି ରାଜୁ, ଉପ ସଭାପତି କେ.ସନ୍ତୋଷ, ସମ୍ପାଦକ ଟି .ମହେଶ, ଯୁଗ୍ମ ସମ୍ପାଦକ ଏ. ସତ୍ୟନାରାୟଣ, କୋଷାଧ୍ୟକ୍ଷ ୱାଇ.ପ୍ରବୀଣ, ଯୁଗ୍ମ କୋଷାଧ୍ୟକ୍ଷ ଲାଲୁ ବେହେରା ନିର୍ବାଚିତ ହୋଇଛନ୍ତି ।

## ପଟ୍ଟାଙ୍ଗିରେ ସଂସଦୀୟ ଖେଳ ମହୋତ୍ସବ

ପଟ୍ଟାଙ୍ଗି,୨୫।୧୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ସ୍ଥିତ ମିନି ଷ୍ଟାଡିୟମ ଠାରେ ସଂସଦୀୟ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍‌ର କ୍ରୀଡ଼ା ସଂଯୋଜକ ଭାବେ ଦାୟିତ୍ୱରେ ରହିଥିବା ପୂର୍ଣ୍ଣଚନ୍ଦ୍ର ବାଙ୍କାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବିଜେପି ସମ୍ପାଦକ ବଳରାମ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇଥିଲେ । ସେ ସ୍ଥାନୀୟ ଅଞ୍ଚଳର ଖେଳାଳି ମାନଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ମହୋତ୍ସବ ମୁଖ୍ୟ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ସଂଯୋଜକ ଚୈତନ୍ୟ ନନ୍ଦିବାଲି ଏବଂ ପୂର୍ବତନ ବିଧାୟକ ପ୍ରତିନିଧି କୃଷ୍ଣଚନ୍ଦ୍ର ଜାନି ପ୍ରମୁଖ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରତାପ ଚୌଧୁରୀ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜିତ କୁମାର ପାଣିଗ୍ରାହୀ, ସୁଙ୍କି ମଣ୍ଡଳ ସମ୍ପାଦକ ଖଗପତି ମାଛ, ଉପସଭାପତି ବାସୁଦେବ ଖିନବୁଡି, ଜିଲ୍ଲା ସଂଯୋଜକ ଚୈତନ୍ୟ ହନ୍ତାଳ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ସୁନାବେଡ଼ା ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଜୁମ୍ବୋରେଟେରେ ଅଂଶ ଗ୍ରହଣ

ସୁନାବେଡ଼ା ,୨୫।୧୨ (ସମିସ):

ସୁନାବେଡ଼ା ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ, (ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ) ର ୨୦ ଜଣ ଛାତ୍ରଛାତ୍ରୀ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୨୦ତମ ଜୁମ୍ବୋରେଟେ ଓ ସ୍ୱତନ୍ତ୍ର ଆଦିବାସୀ ଜୁମ୍ବୋରେଟେରେ ଅଂଶ ଗ୍ରହଣ କରିବା ନିମନ୍ତେ ଭୁବନେଶ୍ୱର ଯାତ୍ରା କରିଛନ୍ତି । ଏହି କାର୍ଯ୍ୟକ୍ରମ ଦୀର୍ଘ ୫ ଦିନ ଧରି ଆୟୋଜିତ ହେବ । ସ୍କାଉଟ ଶିକ୍ଷକ ତ୍ରିନାଥ ବେହେରା ଓ ଗାଇଡ ଶିକ୍ଷୟତ୍ରୀ ରୁପାମ୍ବିକା ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଛାତ୍ରଛାତ୍ରୀ ମାନେ କୋରାପୁଟ ଜିଲ୍ଲାର ଆଦିବାସୀ ସଂସ୍କୃତିର କଳା ,ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ ସହ କୋରାପୁଟର ଆଦିବାସୀ ଖାଦ୍ୟ ସମ୍ପର୍କରେ ସେଠାରେ ଆୟୋଜିତ ପ୍ରଦର୍ଶନରେ ଭାଗନେବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର ସୂଚନା ପ୍ରଦାନ କରିଛନ୍ତି ।

## ବ୍ରାହ୍ମଣ ସମାଜର ନୂତନ ବର୍ଷର କ୍ୟାଲେଣ୍ଡର ଲୋକାର୍ପଣ



ଜୟପୁର,୨୫ ।୧୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ନୂତନ ବର୍ଷର କ୍ୟାଲେଣ୍ଡର ଲୋକାର୍ପଣ ଉତ୍ସବ ଆଜି ଜୟପୁର ଜଗନ୍ନାଥ ମନ୍ଦିରରେ ହୋଇଯାଇଛି । ବ୍ରାହ୍ମଣ ସମାଜ ପକ୍ଷରୁ ଗତ ୭ବର୍ଷ ହେଲାଣି ବାର୍ଷିକ କ୍ୟାଲେଣ୍ଡର ପ୍ରକାଶିତ ହେଉଛି । ଆଜିଠାରୁ ବିଭିନ୍ନ ଦୋକାନ ମାନଙ୍କରେ ବ୍ରାହ୍ମଣ ସମାଜର କ୍ୟାଲେଣ୍ଡର ବିକ୍ରି କରାଯିବ ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ବ୍ରାହ୍ମଣ ସମାଜର ରମେଶ ଚନ୍ଦ୍ର ତ୍ରିପାଠୀ, ଶରତ ଚନ୍ଦ୍ର ଖଡଗରାୟ, ନବକୃଷ୍ଣ ରଥ, ସ୍ୱାଧୀନ ସାହୁ, ଶ୍ରୀନାଥ ମିଶ୍ର, ବାଲାଜୀ ସାହୁ, ବିଜୟ କୁମାର ଭଟ୍ଟ, ରାଜ କିଶୋର ଦାସ, ଭବାନୀ ଆଚାର୍ଯ୍ୟ, ଅମରେନ୍ଦ୍ର କର, ନୃସିଂହ ଚୌଧୁରୀ, ତେଜସ୍ୱୀ ଚୌଧୁରୀ ଓ ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ସ୍ଥାନରେ ବଡ଼ଦିନ ପାଳିତ

# ଖ୍ରୀଷ୍ଟମାସ୍ ପାଇଁ ଖ୍ରୀଷ୍ଟିଆନ୍ ପୁରପଲ୍ଲୀ ଉତ୍ସବ ମୁଖର











ଜୟପୁର, ୨୫ ।୧୨(ସମିସ): (୩୨୩) କୋରାପୁଟ ଜିଲ୍ଲା ଜୟପୁର ସହର ସମେତ ଆଖାପାଖ ଗ୍ରାମାଞ୍ଚଳର ଖ୍ରୀଷ୍ଟିଆନ୍ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି । ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନେ ପୂର୍ବାହ୍ନରେ ନୂତନ ବସ୍ତ୍ର ପରିଧାନ କରିବା ସହିତ ଚର୍ଚ୍ଚରେ ପହଞ୍ଚି ବିଭିନ୍ନ ପର୍ଯ୍ୟାୟରେ ମିଳିତ ଭାବେ ପ୍ରାର୍ଥନା କରିଥିଲେ । ଚର୍ଚ୍ଚ ଗୁଡିକକୁ ଗତ ଦୁଇଦିନ ହେଲାଣି ବିଭିନ୍ନ ରଙ୍ଗର ଲାଇଟ୍‌ରେ ସାଜସଜ୍ଜା କରାଯାଇଥିଲା । ଆଜି ଚର୍ଚ୍ଚରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପୁରୁଷ, ମହିଳା ସମସ୍ତେ ମିଳିତ ଭାବେ ବାଇବଲ ପାଠ କରିବା ସହ ଚର୍ଚ୍ଚ କର୍ତ୍ତୃପକ୍ଷ ଯୀଶୁଙ୍କ ବାଣୀ ନେଇ ଲୋକଙ୍କୁ ଶାନ୍ତି, ମୈତ୍ରୀ, ଧର୍ମ ଓ ସତ୍ୟପଥରେ ପରିଚାଳିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଜୟପୁର ଜେଇଏଲସିର ମୁଖ୍ୟ ଚର୍ଚ୍ଚରେ ଡିନ୍ ସୁଧାଂଶୁ ଶେଖର ଚାନ୍ଦ, ଟାଉନ ପାଷ୍ଟର ହେଲିନା ଚାନ୍ଦ, ନିର୍ମଳଚନ୍ଦ୍ର ଖୋସ୍ଲା ବଡଦିନ ପାଳନ ଅବସରରେ ଧର୍ମାଲମ୍ବୀ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ବିଭିନ୍ନ ପର୍ଯ୍ୟାୟରେ ମିଳିତ ପ୍ରାର୍ଥନା କରାଇଥିଲେ । ଏହି ପବିତ୍ର ଦିବସରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଚର୍ଚ୍ଚ ଠାରେ ନିଜ ବକ୍ତବ୍ୟରେ ସମସ୍ତ ଜୟପୁର ବାସିନ୍ଦାଙ୍କ ଶୁଭକାମନା କରିବା ସହିତ ସହରରେ ଭାଇଚାର ସହିତ ଶାନ୍ତିରେ ସମସ୍ତ ଧର୍ମାବଲମ୍ବୀ ମାନେ ମିଳିତ ଭାବେ ବଡଦିନରେ ଯୋଗ ଦେଇଥିବା ଯୋଗୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜେଇଏଲସି ଖ୍ରୀଷ୍ଟ ପଞ୍ଚାୟତର ସଭାପତି ପ୍ରଭାତ କୁମାର ବେନିଆ, ଉପସଭାପତି ବୁନ ସାଗର, ସ୍ଥାନୀୟ ପୌର କାଉନ୍‌ସିଲର ପ୍ରଣବ କିଶୋର ନାୟକ, ମଧୁସ୍ମିତା ଓରାନ ପ୍ରମୁଖ ଚର୍ଚ୍ଚରେ ମିଳିତ ପ୍ରାର୍ଥନା ବେଳେ ଉପସ୍ଥିତ ରହିଥିଲେ । ସେହିପରି ଜୟପୁର ସହରର ଆଖପାଖ ହାତ୍ମାଗୁଡା, ହାଟପଦା, ବାମୁଣିଗାଁ, ଧନପୁର, ବାରିଣିପୁଟ, ସନ୍ତୋଷପୁର, ଆମ୍ବାଗୁଡା ପ୍ରମୁଖ ଚର୍ଚ୍ଚରେ ସ୍ଥାନୀୟ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀଙ୍କ ପକ୍ଷରୁ ମିଳତ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅନ୍ୟାନ୍ୟ ଧର୍ମର ଲୋକ ଚର୍ଚ୍ଚରେ ପହଞ୍ଚି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ବଡ଼ଦିନର ଶୁଭକାମନା ପ୍ରଦାନ କରିଥିଲେ । ସଂଧ୍ୟାରେ ଚର୍ଚ୍ଚ ଠାରେ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

**କୋରାପୁଟ/ପୋଡ଼ାଗଡ଼ :** ବଡ଼ଦିନ ତଥା ଖ୍ରୀଷ୍ଟମାସ୍ ପାଇଁ କୋରାପୁଟ ଜିଲ୍ଲା ଉତ୍ସବ ମୁଖର ହୋଇଉଠିଛି । ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ମହା ଆଡ଼ମ୍ବର ସହିତ ପାଳନ କରୁଛନ୍ତି । ଏହି ଅବସରରେ କୋରାପୁଟ, ସିମିଳିଗୁଡା, ସୁନାବେଡ଼ା, ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକର ବିଭିନ୍ନ ଗୀର୍ଜା ଗୃହ ମାନଙ୍କରେ ପ୍ରବଳ ଭିଡ ହୋଇଥିବା ସହ ଲୋକେ ଯୀଶୁଙ୍କ ଜନ୍ମ ଦିନରେ ପ୍ରାର୍ଥନା କରିଥିଲେ । ପୂର୍ବ ଦିନ ବିଭିନ୍ନ ଗୀର୍ଜା ଗୃହରୁ ଆଲୋକ ମାଳାରେ ସୁସଜ୍ଜିତ କରା ଯାଇଥିଲା । ଲୋକେ ଆଜି ସକାଳୁ ନୂତନ ବସ୍ତ୍ର ପରିଧାନ କରି ଗୀର୍ଜା ଗୃହକୁ ଉପାସନା କରିବାକୁ ପହଞ୍ଚିଥିଲେ । ଏହି ଅବସରରେ ଗରିବ ଅସହାୟ ଲୋକଙ୍କୁ ଖ୍ରୀଷ୍ଟ ଧର୍ମାଲମ୍ବୀଙ୍କ ପକ୍ଷରୁ ଖାଦ୍ୟ, କମ୍ବଳ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏଥିରେ ସ୍ଥାନୀୟ ଯୁବକ ଯୁବତୀ ଭାଗନେଇ ଗରିବଙ୍କୁ ସାହାଯ୍ୟ କରିଥିଲେ ।

**ସୁନାବେଡ଼ା :** କୋରାପୁଟ ଜିଲ୍ଲା ସୁନାବେଡ଼ାର ବିଭିନ୍ନ ସ୍ଥାନରେ ପବିତ୍ର ବଡ଼ଦିନ ପାଳିତ ହୋଇଛି । ଆଜି ବଡି ଭୋର ୪ଟା ସମୟରୁ ସୁନାବେଡ଼ା ସ୍ଥିତ କମ୍ୟୁନିଟ୍ ଚର୍ଚ୍ଚ, ବାପୁଜୀ କଲୋନୀରେ ଥିବା ଚର୍ଚ୍ଚ, ବିଜୁ କଲୋନୀ ସ୍ଥିତ ଚର୍ଚ୍ଚ, ଜଡ଼ାଗୁଡା ର ଥିବା ଚର୍ଚ୍ଚ, ଗଞ୍ଜାମ କଲୋନୀରେ ଥିବା ଚର୍ଚ୍ଚ ସମେତ ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ବିଶ୍ୱାସୀ ଭାଇଭଉଣୀ ମାନେ ଆନନ୍ଦ ଉଲ୍ଲାସର ସହିତ ପ୍ରଭାତ ଫେରିରେ ବାହାରି ନାଚ ଗୀତର ତାଳେ ତାଳେ ପ୍ରଭୁ ଯୀଶୁଙ୍କ ଗୌରବ ଗାଥା ଗାନ କରିଥିଲେ । ସମସ୍ତେ ସ୍ଥାନୀୟ ଚର୍ଚ୍ଚରେ ଉପସ୍ଥିତ ରହି ପ୍ରାର୍ଥନା କରି ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ କରିଥିଲେ । ଆଗାମୀ ୧ ତାରିଖ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜଣାଯାଇଛି । ଏହି ଅବସରରେ ଅନ୍ୟାନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଖ୍ରୀଷ୍ଟିଆନ ଭାଇଭଉଣୀ ମାନଙ୍କୁ ବଡ଼ଦିନର ଶୁଭେଚ୍ଛା ଜଣାଇଛନ୍ତି ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲା ସେମିଳିଗୁଡା ସହରାଞ୍ଚଳର ବିଭିନ୍ନ ଚର୍ଚ୍ଚ ଗୁଡିକରେ ଶାନ୍ତି ଶୃଙ୍ଖଳାର ସହ ବଡ଼ ଦିନ ପାଳିତ ହୋଇଯାଇଛି । ସେମିଳିଗୁଡାର ନିୟୁ ଲାଇଫ୍ ଚର୍ଚ୍ଚ, ମାନା ଚର୍ଚ୍ଚ, ଲାଇଟ ହାଉସ୍ , ବେର୍ଶେବା ଚର୍ଚ୍ଚ , ଗ୍ରେସ୍ ଚର୍ଚ୍ଚ, ଶାଲୋମ ଚର୍ଚ୍ଚ ସମେତ ବିଭିନ୍ନ ଚର୍ଚ୍ଚରେ ସକାଳୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଖ୍ରୀଷ୍ଟୟାନ ଭାଇ ଭଉଣୀ ମାନେ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ରେଭ୍ ସୁନିଲ କ୍ଷତ୍ରିୟ ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଭାଉଣୀ ମାନଙ୍କୁ ପବିତ୍ର ବାଇବଲ ଧର୍ମ ଶାସ୍ତ୍ରରୁ ବକ୍ତବ୍ୟ ରଖିଥିଲେ । ଯୁବକ ଯୁବତୀ ଓ ସଣ୍ଡେ ସ୍କୁଲର ପୁଅ ଝିଅ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଆମୋଦ ଖୋସ୍ଲା, ରଜତ ଖୋସଲା, ସାମ୍ବା ପାଙ୍ଗି, ସଲମୋନ ପାଙ୍ଗି, ଦିନେସ୍ କୁଲ୍ ଦିପ୍, ସିକେନ୍ଦର ଶ୍ରୀହରିଆ, ଲବ ଶ୍ରୀହରିଆ, ରବି, ଅଜିତ ଟାକ୍ରି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶାଖିନା କ୍ଷତ୍ରୀୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ପାଳକ ଦାନିୟଲ ଖରା, ପବିତ୍ର ଭତ୍ରା, ଏ ଗିଦିୟୋନ, ବି କରୁଣାକର, , ଜି ଶାମୁଏଲ, ମୋଜେସ ରଜ କୁମାର ଏଚ୍ କେ ପାଟାଲା ବିଭିନ୍ନ ମଣ୍ଡଳୀ ଗୁଡ଼ିକରେ ବାକ୍ୟ ପରିବେଷଣ କରିଥିଲେ ।

**କୋଷାଗୁମୁଡ଼ା:** କୋଷାଗୁମୁଡା ସ୍ଥିତ ୧୯ ଗୀର୍ଜା ଗୃହ ଠାରେ ଖ୍ରୀଷ୍ଟମାସ୍ ଧୁମ୍‌ଧାମରେ ପାଳନ କରାଯାଇଛି । କୋଷାଗୁମୁଡା ସଦର ମହକୁମାର ଜେଇଏଲସି ଚର୍ଚ୍ଚ ଠାରେ ସ୍ଥାନୀୟ ଖ୍ରୀଷ୍ଟ ଧର୍ମାଲମ୍ବୀ ମାନେ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଖ୍ରୀଷ୍ଟମାସ୍ ପାଳନ କରିଥିଲେ । ରଙ୍ଗୀନ ଆଲୋକମାଳାରେ ଚର୍ଚ୍ଚ ଓ ଗୃହ ଗୁଡ଼ିକୁ ସାଜସଜ୍ଜା କରାଯାଇଥିଲା । ବକ୍ସ ଲଗାଇ ଯୀଶୁଙ୍କ ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା । କୋଷାଗୁମୁଡା ସ୍ଥିତ ଜେଇଏଲ୍‌ସି , ଗିର୍ଜା ଠାରେ ଦେଖିବାକୁ ମିଳିଥିଲା ବହୁ ସଂଖ୍ୟା ସମାଗମ । ସେଠାରେ ପ୍ରାର୍ଥନା ସଭା ହୋଇଥିଲା । ଲୋକେ ପରସ୍ପରକୁ ଖ୍ରୀଷ୍ଟମାସ ଶୁଭେଚ୍ଛା ଜଣାଇ ଭୋଜିଭାତରେ ମସଗୁଲ ରହିଥିବା ଦେଖିବାକୁ ମିଳିଛଇ । ଜେଇଏଲସି ଚର୍ଚ୍ଚଠାରେ ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ,ଉତ୍ତମ ସ୍ୱାସ୍ଥ୍ୟ କାମନା କରି ନବବର୍ଷ ୨୦୨୬ର ଶୁଭେଚ୍ଛା ଜ୍ଞାପନ କରିଥିଲେ ।

**ବନ୍ଧୁଗାଁ :** ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ ଚର୍ଚ୍ଚରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ ହୋଇ ଯାଇଛି । ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସର ପୂର୍ବ ରାତ୍ରରେ ସମସ୍ତ ଚର୍ଚ୍ଚ ଗୁଡ଼ିକରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଭିଡ଼ ଲାଗିଥିଲା । ଆଜି ଶିଶୁ ଯୀଶୁଙ୍କ ଜନ୍ମ କୁ ନେଇ ସମସ୍ତ ଚର୍ଚ୍ଚ ଗୁଡିକରେ ପାଷ୍ଟର ମାନଙ୍କ ଦ୍ୱାରା ପ୍ରଚାର କରାଯାଇଥିଲା । ପ ବୃଦ୍ଧବୃଦ୍ଧା ଚର୍ଚ୍ଚର ମୁଖ୍ୟ ମାନଙ୍କ ଦ୍ୱାରା କେକ କାଟି ଜନ୍ମ ଦିବସ ଅବସରରେ ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ଏଥି ସହିତ ଚର୍ଚ୍ଚ ଗୁଡ଼ିକ ନାଚଗୀତ ଆୟୋଜିତ ହୋଇଥିଲା । ବନ୍ଧୁଗାଁ ଚର୍ଚ୍ଚର ସତ୍ୟଦନ ବାଘ, ଜେଇଏଲସି ରଶ୍ମି ରଞ୍ଜନ ନାୟକ, ରାମଜୀପୁଟ ବେର୍ଶବା, ମୃତ୍ୟୁଞ୍ଜୟ ଦିଗାଲ, ଉଳିକି ଚର୍ଚ୍ଚ ଯୋହନ ତାଡ଼ିଙ୍ଗିଙ୍କ ସମେତ ଅନେକ ସ୍ଥାନରେ ପାଷ୍ଟର ମାନେ ଉପସ୍ଥିତ ରହି ପ୍ରଚାର କରିଥିଲେ । ଚର୍ଚ୍ଚ ଗୁଡ଼ିକରେ ଯେଭଳି ଶାନ୍ତି ଶୃଙ୍ଖଳା ସହିତ ଖ୍ରୀଷ୍ଟମାସ୍ ପାଳିତ ହେବ ସେଥିପାଇଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ସମସ୍ତ ପାଷ୍ଟର ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ କରିଥିଲେ ।

**କୁନ୍ଦୁରା :** କୁନ୍ଦୁରା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବଡ଼ଦିନ ପର୍ବ ପାଳିତ ହୋଇଯାଇଛି । ଫୁଲଭଟା, ବାଗଦିରୀ, କେରିମିଟି, ସିନ୍ଧିଭଟ୍ଟା, ଡଙ୍ଗରାପାଲୀ, କାନାଗୁଡ଼ା, ସର୍ଗୀଗୁଡ଼ା, ଭୂଷାଙ୍ଗଗୁଡ଼ା, ପାଣ୍ଡକିମାରି, ଫୁପୁଗାଁ, ଗୋରାହାଣ୍ଡି, ଦିଶାରୀଗୁଡ଼ା, ରାଣୀଗୁଡ଼ା, ଆମ୍ବଗୁଡ଼ା ଆଦି ସ୍ଥାନରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ପାଳିତ ହୋଇଛି । ସେହିପରି ଲିମା ପଞ୍ଚାୟତ କୁସୁମଗୁଡ଼ା ପେଣ୍ଟିକଷ୍ଟ ଚର୍ଚ୍ଚ ଠାରେ ପାଳନ ହୋଇଛି ପବିତ୍ର ବଡ଼ଦିନ ପର୍ବ । ପାଳକ ରମେଶ ବାରିକଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳନ ହୋଇଥିଲା । କେକକାଟି ଉତ୍ସବ ମନାଇଥିଲେ । ଚର୍ଚ୍ଚର ପ୍ରାଚୀନ ଶିବରାମ ବାରିକ, ପାଳକ ଅଶୋକ ନୟକ ଉପସ୍ଥିତ ରହି ପ୍ରାର୍ଥନା ସଭା ପରିଚାଳନା କରିଥିଲେ । ସମସ୍ତେ ନୂତନ ପୋଷାକ ପରିଧାନ କରି ସଙ୍ଗୀତ ଓ ନୃତ୍ୟ ମାନ ପରିବେଷଣ କରିଥିଲେ । ସୁନ୍ଦର ଆଲୋକ ମାଳାରେ ସଜେଇ ହୋଇଥିଲା ଚର୍ଚ୍ଚ । ଆଜିର ଦିନକୁ ବହୁ ଉତ୍ସାହର ସହ ପାଳନ କରାଯାଇଥିଲା ।

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକମାନେ ପ୍ରଭୁ ଯୀଶୁଙ୍କ ଜନ୍ମ ଦିନ ମହାଆଡମ୍ବରରେ ପାଳନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ଚର୍ଚ୍ଚରେ ବୁଧବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ପରେ ପ୍ରାର୍ଥନା ସଭା ଆୟୋଜନ କରାଯାଇ ଆଜି ପର୍ଯ୍ୟନ୍ତ ଚାଲିଥିଲା । ଚର୍ଚ୍ଚର ପାଳିକା ବିନ୍ଦୁ ପ୍ରଭା କ୍ଷୁଦ୍ର ଯୀଶୁଖ୍ରୀଷ୍ଟଙ୍କ ବାଣୀ ଏବଂ ବାଇବେଲର ନୀତିବାଣୀ ପଠନ କରି ଆଲୋଚନା କରିଥିଲେ । ଏଥିରେ ଚର୍ଚ୍ଚର ପ୍ରାଚୀନ ପ୍ରଦୀପ ଗରଡ଼ା, ସଭାପତି ପ୍ରତାପ କୁମାର ନାୟକ, ଉପସଭାପତି ସୁମିତ କୁମାର ନାଗ, ସମ୍ପାଦକ କେଶରୀ ନାୟକ, ଦୀପକ ନାୟକ, କୋଷାଧ୍ୟକ୍ଷ ଗୋପାଳ ବାହାଦୁର, ସଞ୍ଜୀବ କୁମାର ଜାନୀ, ଜ୍ୟୋତିମହିନୀ ଭତ୍ରା, କଇନ କିଶୋର ଖୋସଲା ପ୍ରମୁଖ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନଣ୍ଡେ ସ୍କୁଲ ଛାତ୍ରଛାତ୍ରୀ ନୃତ୍ୟ ଗୀତ ପରିବେଷଣ କରିଥିଲେ । ଏଥିରେ ବହୁ ଖ୍ରୀଷ୍ଟୀୟ ବିଶ୍ୱାସୀ ମହିଳା, ପୁରୁଷ ଓ ପିଲାମାନେ ଉପସ୍ଥିତ ରହି ବଡଦିନ ପାଳନ କରିଥିଲେ ।

**ବୈପାରିଗୁଡା :** ବୈପାରିଗୁଡା ବ୍ଲକର ବିଭିନ୍ନ ଚର୍ଚ୍ଚରେ ବଡ଼ଦିନ ଧୁମଧାମରେ ପାଳିତ ହୋଇଯାଇଛି । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନକୁ ନେଇ ବୈପାରିଗୁଡା ବ୍ଲକରେ ଥିବା ସମସ୍ତ ଚର୍ଚ୍ଚ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି । ବୈପାରିଗୁଡା ନିୟୁ ଆପୋଷ୍ଟଲିକ ଚର୍ଚ୍ଚ, ନିୟୁ ଜେଇଏଲସି ଚର୍ଚ୍ଚ ଏବଂ ଜେଇଏଲସି ଚର୍ଚ୍ଚ ତଥା ବ୍ଲକରେ ଥିବା ସମସ୍ତ ଚର୍ଚ୍ଚରେ ଯୀଶୁଙ୍କ ଆଗମନ ପାଇଁ ପ୍ରାର୍ଥନା କରାଯାଇଥିଲା । ପ୍ରାର୍ଥନା, ଭକ୍ତି ସଙ୍ଗୀତ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରି ଆନନ୍ଦରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ କରାଯାଇଛି । ବଡ଼ ଦିନରେ ନିୟୁ ଆପୋଷ୍ଟଲିକ ଚର୍ଚ୍ଚର ପାଷ୍ଟର ସୁନାମ ନାୟକ, ନିୟୁ ଜେଇଏଲସି ଚର୍ଚ୍ଚରେ ପୂର୍ବତନ ବିଶପ୍ ବିଧାନ କୁମାର ନାୟକ, ସଭାପତି ପ୍ରବୀଣ ପାତ୍ର, ସଂପାଦକ ଅନିଲ୍ ବାଘ, ପ୍ରାଚୀନ ଦିଲୀପ ବାଘ, ଉପଦେଷ୍ଟା ଦିଓ୍ୱାନ ବାଘ, ଯୋଗେନ ପାତ୍ର, ନବୀନ ନାଗ, ଓ୍ୱିଲସେନ ଖରା ଏବଂ ଜେଇଏଲସି ଚର୍ଚ୍ଚର ସଭାପତି ଈଶ୍ୱର ଚନ୍ଦ୍ର ଟାକ୍ରି, ସଂପାଦକ ଇସମାଇଲ ତୁର୍କୁ ପ୍ରମୁଖ ଉପସ୍ଥିତ ଥିଲେ ।










**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ • ପାଉଣ୍ଡ ୧୨୧.୩୨
- ୟୁରୋ ୧୦୫.୧୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୪୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୪୦୮.୦୦
- ନିଫ୍ଟି ୨୬,୧୩୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ବାଣିଜ୍ୟ ଆଲୋଚନାରେ ଆମେରିକାକୁ ଭାରତର ଶେଷ ପ୍ରସ୍ତାବ

# ଟାରିଫ୍ ୫୦%ରୁ ୧୫%କୁ ହ୍ରାସ କର



## ରୁଷୀୟ ତୈଳ ଉପରେ ଜରିମାନା ବାବଦ ଶୁଳ୍କ ହଟୁ

ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି): ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ। ଏହି ଆଲୋଚନା ସମୟରେ ଭାରତ ଆମେରିକାକୁ ତା'ର ଶେଷ ପ୍ରସ୍ତାବ ଦେଇଛି। ଭାରତ ଚାହୁଁଛି ଯେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ମୋଟ ୫୦% ଶୁଳ୍କକୁ ୧୫% କୁ ହ୍ରାସ କରାଯାଉ। ଏହାଛଡା ରୁଷୀୟ ଅଶୋଧିତ ତୈଳ କ୍ରୟ ଉପରେ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫% ଜରିମାନା ବାବଦ ଶୁଳ୍କକୁ ମଧ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ଦୁଇ ଦେଶ ମଧ୍ୟରେ ଚାଲିଥିବା ଏହି ଆଲୋଚନା ନୂତନ ବର୍ଷରେ ଏକ ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ଭାରତ- ଆମେରିକା ଏକ ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଆଲୋଚନା ଜାରି ରଖିଛନ୍ତି। କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଖୁବ୍ ଶୀଘ୍ର ଏକ ଚୁକ୍ତି ହୋଇପାରେ। ଯଦିଓ ଏହାକୁ ନେଇ ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଦେଇନାହାଁନ୍ତି, ତଥାପି ଚଳିତ ସପ୍ତାହରେ ଭାରତ ଏବଂ ଆମେରିକା ବାଣିଜ୍ୟ ଦଳ ଦିଲ୍ଲୀରେ ବୈଠକ କରିଥିଲେ। ଆଲୋଚନାରେ ଦୁଇଟି ପ୍ରସଙ୍ଗ ଉପରେ କେନ୍ଦ୍ରିତ ଥିଲା। ଏକ ବ୍ୟାପକ ଏବଂ ସ୍ଥାୟୀ ବାଣିଜ୍ୟ ଚୁକ୍ତି ଏବଂ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କକୁ ହଟାଇବା କିମ୍ବା ହ୍ରାସ କରିବା ପାଇଁ ଏକ ଢାଞ୍ଚା ଚୁକ୍ତି। ଆମେରିକା ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛି। ଏଥିମଧ୍ୟରୁ ୨୫% ହେଉଛି 'ପାରସ୍ପରିକ ଶୁଳ୍କ', ବାକି ୨୫% ହେଉଛି ରୁଷୀୟ ତୈଳ କ୍ରୟ ଯୋଗୁଁ। ଆମେରିକା ଦାବି କରୁଛି ଯେ ଏହା ରୁଷକୁ ୟୁକ୍ରେନ ଯୁଦ୍ଧ ଜାରି ରଖିବାରେ ସାହାଯ୍ୟ କରୁଛି। ଭାରତ କହିଛି ଯେ ଏହି ଦଣ୍ଡ ବାବଦ ଟାରିଫ୍ ଅନ୍ୟାୟ ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ।

ଏ ନେଇ ଭାରତ ଆଶାବାଦୀ ହେବାର ଏକ କାରଣ ହେଉଛି, ଜାନୁଆରୀ ମାସରେ ଆସିବାକୁ ଥିବା ତଥ୍ୟ ଅନୁଯାୟୀ, ଭାରତର ରୁଷୀୟ ତୈଳ ଆମଦାନୀରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଇପାରେ। ନଭେମ୍ବର ୨୧ରୁ ଦୁଇ ପ୍ରମୁଖ ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ ଆମେରିକାର କଟକଣା ଲାଗୁ କରିଛି। ଏହା ପରେ ରୁଷିଆରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇବା ଆରମ୍ଭ ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ରୁଷୀୟ ତୈଳ ଆମଦାନୀ, ଯାହା ନଭେମ୍ବରରେ ପ୍ରତିଦିନ ପ୍ରାୟ ୧.୭୭ ନିୟୁତ ବ୍ୟାରେଲ ଥିଲା, ଡିସେମ୍ବରରେ ପ୍ରାୟ ୧.୨ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ଭବିଷ୍ୟତରେ, ଏହି ପରିମାଣ ଦୈନିକ ୧ ନିୟୁତ ବ୍ୟାରେଲ ତଳକୁ ଖସିଆସିପାରେ। ୟୁକ୍ରେନ ଯୁଦ୍ଧ ପରେ, ଭାରତ ରୁଷର ସବୁଠାରୁ ବଡ଼ ତୈଳ କ୍ରେତା ହୋଇଯାଇଥିଲା। ଆମେରିକୀୟ ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ଭାରତ ରୁଷିଆରୁ ତେଲ କିଣି ୟୁକ୍ରେନ ଉପରେ ଆକ୍ରମଣକୁ ପରୋକ୍ଷ ଭାବରେ ପାଣ୍ଠି ଯୋଗାଣ କରୁଛି।

ଭାରତ ଏବେ ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ବାକି ୨୫% ଶୁଳ୍କକୁ ୧୫% କୁ ହ୍ରାସ କରିବାକୁ ଚାହୁଁଛି, ଯାହା ଭାରତକୁ ୟୁରୋପୀୟ ସଂଘ (ଇୟୁ) ପରି ସମାନ ଆଶ୍ୱସ୍ତି ପ୍ରଦାନ କରିବ। ଯଦି ଶୁଳ୍କ ଅଧିକ ରୁହେ, ତେବେ ଭାରତୀୟ ରପ୍ତାନିକାରୀମାନେ ଅନ୍ୟ ଦେଶ ତୁଳନାରେ କ୍ଷତିଗ୍ରସ୍ତ ହେବେ। ଉଦାହରଣ ସ୍ୱରୂପ, ଇଣ୍ଡୋନେସିଆ ଉପରେ ଆମେରିକାର ଶୁଳ୍କ, ଯାହା ପୂର୍ବରୁ ୩୨% ଥିଲା, ତାହାକୁ ୧୯% କୁ ହ୍ରାସ କରାଯାଇଛି। ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଏହାକୁ ଅନ୍ୟ ଦେଶ ଭଳି ସମାନ ଆଶ୍ୱସ୍ତି ମିଳିବା ଉଚିତ। ରୁଷୀୟ ତୈଳ ଉପରେ ଜୋରିମାନା ବାବଦ ଶୁଳ୍କ ହଟାଇ ସାମଗ୍ରିକ ଶୁଳ୍କ ୧୫% କୁ ହ୍ରାସ କରାଯିବା ଉଚିତ। ଏ କ୍ଷେତ୍ରରେ ବର୍ତ୍ତମାନ ବଲ୍ ଆମେରିକା କୋର୍ଟରେ ଅଛି, ଏବଂ ସମସ୍ତଙ୍କ ନଜର ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଉପରେ।

# ପୁଣି ରୁଷରୁ ତେଲ କିଣିବ ରିଲାଏନ୍ସ

## ମାସକ ପାଇଁ ନିୟମ କୋହଳ କଲା ଆମେରିକା

ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି): ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପୁଣି ଥରେ ରୁଷରୁ ଅଶୋଧିତ ତେଲ ଆମଦାନି ଆରମ୍ଭ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀ ଗୁଜରାଟର ଜାମନଗରରେ ଥିବା ବିଶ୍ୱର ସର୍ବବୃହତ ରିଫାଇନାରୀ ପାଇଁ ରୁଷ ତୈଳ କ୍ରୟ ପୁଣି ଆରମ୍ଭ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରିଲାଏନ୍ସକୁ ଏହି ଉଦ୍ଦେଶ୍ୟରେ ଆମେରିକାରୁ ଏକ ମାସର ଏକ ସ୍ୱତନ୍ତ୍ର ଛାଡ ମିଳିଛି। ଏହି ଖବର ଏପରି ସମୟରେ ଆସିଛି, ଯେତେବେଳେ ପାଶ୍ଚାତ୍ୟ ପ୍ରତିବନ୍ଧକର ଭୟରେ ରିଲାଏନ୍ସ ସମ୍ପ୍ରତି ରୁଷ ତୈଳ ଆମଦାନି ସୀମିତ କରିଥିଲା।



ସୂତ୍ର ଅନୁଯାୟୀ, ଟ୍ରମ୍ପ୍ ପ୍ରଶାସନ ରୁଷର ସରକାରୀ କମ୍ପାନୀ ରୋସନେଫ୍ଟରୁ ତେଲ କ୍ରୟ କରିବା ପାଇଁ ରିଲାଏନ୍ସ ପାଇଁ ଗୋଟିଏ ମାସ ଲାଗି ନିୟମ କୋହଳ କରିଛନ୍ତି। ପୂର୍ବରୁ, ଆମେରିକା ଅକ୍ଟୋବରରେ ରୋସନେଫ୍ଟ ଏବଂ ଲୁକ୍ ଅଏଲ ଭଳି ରୁଷ କମ୍ପାନୀଗୁଡ଼ିକ ଉପରେ କଠୋର କଟକଣା ଜାରି କରିଥିଲା, ଯାହା ବିଦେଶୀ କମ୍ପାନୀଗୁଡ଼ିକୁ ସେମାନଙ୍କର ପୂର୍ବ ଚୁକ୍ତିନାମା ସମାଧାନ କରିବାକୁ ନଭେମ୍ବର ୨୧ ପର୍ଯ୍ୟନ୍ତ ସମୟ ଦେଇଥିଲା। ବର୍ତ୍ତମାନ, ରିଲାଏନ୍ସକୁ ଦିଆଯାଇଥିବା ଏହି ଅତିରିକ୍ତ ରିଆତି ସହିତ, ନଭେମ୍ବର ଶେଷ ସପ୍ତାହରୁ ପ୍ରାୟ ୧୫ ରୁଷୀୟ ଜାହାଜ ଜାମନଗରକୁ ଅଶୋଧିତ ତେଲ ପହଞ୍ଚାଇଛି। ଜାମନଗର କମ୍ପ୍ଲେକ୍ସରେ କମ୍ପାନୀର ଦୁଇଟି ରିଫାଇନାରୀ ଅଛି। ଗୋଟିଏ ହେଉଛି ଏସ୍‌ଇଜେଡ୍ ରିଫାଇନାରୀ, ଯେଉଁଠାରୁ ୟୁରୋପ ଏବଂ ଆମେରିକାକୁ ତେଲ ରପ୍ତାନି କରାଯାଏ, ଏବଂ ଅନ୍ୟଟି ହେଉଛି ଘରୋଇ ରିଫାଇନାରୀ, ଯାହା ଭାରତୀୟ ବଜାର ପାଇଁ ତେଲ ଉତ୍ପାଦନ କରେ। କମ୍ପାନୀ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ଆସୁଥିବା ରୁଷୀୟ ତେଲ କେବଳ ଘରୋଇ ୟୁନିଟ୍‌ରେ ପ୍ରକ୍ରିୟାକରଣ କରାଯିବ। ଏହା କମ୍ପାନୀକୁ ୟୁରୋପୀୟ ନିୟମାବଳୀକୁ ଏଡ଼ାଇ ଯିବାକୁ ଅନୁମତି ଦେବ ଯାହା ରୁଷୀୟ ତେଲରୁ ପ୍ରସ୍ତୁତ ପେଟ୍ରୋଲ ଏବଂ ଡିଜେଲ ଆମଦାନୀକୁ ନିଷିଦ୍ଧ କରିଥାଏ।

# 'ସଞ୍ଜୀବ ହିରୋ'ରେ ଲକି ଡ୍ର'

## ଗ୍ରାହକ ଜିତିଲେ ଆକର୍ଷଣୀୟ ପୁରସ୍କାର



ପୁରୀ,୨୫।୧୨(ସମିସ): ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ' ରୁମ୍ 'ସଞ୍ଜୀବ ହିରୋ' ପ୍ରତିଟି କ୍ଷେତ୍ରରେ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ସବୁ ବର୍ଗଙ୍କ ପାଇଁ ଆକର୍ଷଣୀୟ ଦୁଇଚକିଆ ଗାଡ଼ି ଉପଲବ୍ଧ କରାଇ ପୁରୀ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସଞ୍ଜୀବ ହିରୋ। ବିଭିନ୍ନ ପର୍ବପର୍ବାଣିରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଏବଂ ଲକି ଡ୍ର' ମାଧ୍ୟମରେ ପୁରସ୍କୃତ ମଧ କରୁଛି। ବଡ଼ଦିନ ଅବସରରେ ଟାଉନ ହଲ୍ ଛକସ୍ଥିତ ଶୋ'ରୁମ୍‌ରେ ସଙ୍ଗୀତ ସନ୍ଧ୍ୟାର ଆସର ସାଙ୍ଗକୁ ଚଳିତବର୍ଷ ଦଶହରାରେ ଗାଡି କିଣିଥିବା ଗ୍ରାହକଙ୍କୁ ଲକି ଡ୍ର' ମାଧ୍ୟମରେ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମାହାରୀ ନୃତ୍ୟ ଗୁରୁ ରୂପଶ୍ରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସଞ୍ଜୀବ ହିରୋର ଏମ୍‌ଡି ଅମିତ୍ ମଲ୍ଲିକଙ୍କୁ ପ୍ରଶଂସା କରିଥିଲେ। ଏଥିସହ କୁପନ ଉଠାଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା ହୋଇଥିବା ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦନପୁରର କବିତା ନାୟକ ପ୍ରଥମ, ସାକ୍ଷୀଗୋପାଳର ହେମନ୍ତ କୁମାର ବାରିକ ଦ୍ୱିତୀୟ ଏବଂ ଛଇତନାର ବୈକୁଣ୍ଠ ଭୂୟାଁ ତୃତୀୟ ଲକି ବିଜେତା ହୋଇଥିଲେ। ଏଥିରେ ଦଶହରାରେ ସଞ୍ଜୀବ ଶୋ'ରୁମ୍‌ରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଶୋ'ରୁମ୍‌ର ଏମ୍‌ଡି ଅମିତ୍ ମଲ୍ଲିକ କହିଥିଲେ, ପୁରୀରେ ୭ ବର୍ଷ ହେବ ଗ୍ରାହକ ଆମ ଉପରେ ଯେଉଁ ଭରସା, ବିଶ୍ୱାସ ରଖିଛନ୍ତି ତାହାକୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିଛୁ। ତେଣୁ ଗ୍ରାହକଙ୍କ ସୁବିଧା ପାଇଁ ଅଠରନଳାଠାରେ ଚଳିତବର୍ଷ ନୂଆ ଡିଲର ଏକ୍ସଟେନ୍‌ସନ କାଉଣ୍ଟର ଖୋଲାଯାଇଛି। ଆମେ ସର୍ବଦା ଗ୍ରାହକଙ୍କ ସୁବିଧାକୁ ପ୍ରାଥମିକତା ଦେଇଆସିଛୁ। କାର୍ଯ୍ୟକ୍ରମରେ ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ସର୍ଭିସ ସୁପରଭାଇଜର ପ୍ରଦୀପ ବେହେରା, ଆକାଉଣ୍ଟାଣ୍ଟ ସନ୍ତୋଷ ଭଟ୍ଟାଚାର୍ଯ୍ୟ, ସନ୍ତୋଷ କୁମାର ଦାଶଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଏସ୍‌ଟି ଉପରେ ପୂର୍ବତନ ସିଇଏଙ୍କ ଆଶ୍ଚର୍ଯ୍ୟଜନକ ବୟାନ

# ଜିଏସ୍‌ଟିର ରୂପରେଖ ବେଶ୍ ଜଟିଳ



**୩ ସ୍ଲାବ୍ ସୁପାରିସ କରିଥିଲି, ୨୮% ସ୍ଲାବ୍ ବିରୋଧରେ ଥିଲା**

**ସରକାରଙ୍କ ସହ ମତଭେଦକୁ ସ୍ୱୀକାର**

**'ଜେଟ୍‌ଲୀଙ୍କୁ ଦୈନିକ ୧୦ଟି ମେସେଜ୍ ପଠାଉଥିଲି'**

**ଅର୍ଥମନ୍ତ୍ରୀଙ୍କ ସମର୍ଥନ ନ ଥିଲେ ପ୍ରଭାବ ହ୍ରାସ ପାଇଥା'ନ୍ତା**

ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି): ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥା ଆରମ୍ଭ ସମୟରେ ୩ଟି ସ୍ଲାବ୍ ରଖିବାକୁ ସୁପାରସ କରାଯାଇଥିଲା। ଏଥିରେ ୬-୮% ର ଏକ ଛୋଟ ସ୍ଲାବ୍, ୧୫-୧୬%ର ଅନ୍ୟ ଏକ ସ୍ଲାବ୍ ଏବଂ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ପରି 'ସିନ୍ ଉତ୍ପାଦଗୁଡିକ ପାଇଁ ୪୦%ର ଗୋଟିଏ ସ୍ଲାବ୍ ରଖିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ଏଥିରେ ୨୮% ସ୍ଲାବ୍ ଯୋଡାଯାଇଥିଲା, ଯାହାକୁ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ବିରୋଧ କରୁଥିଲେ। ଶ୍ରୀ ସୁବ୍ରମଣ୍ୟମ୍‌ଙ୍କ କହିବାନୁଯାୟୀ, ଜିଏସ୍‌ଟିର ରୂପରେଖ ବେଶ ଜଟିଳ। ସେତେବେଳେ, ଜିଏସ୍‌ଟି ଗଠନକୁ ନେଇ ସେ ବହୁତ ନିରାଶ ଥିଲେ। କାରଣ ଜିଏସ୍‌ଟି ଗଠନ ସରଳ ନ ଥିଲା। ତେବେ ଏହା ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନ ଥିଲା ବୋଲି ସେ କହିଛନ୍ତି। ସେ ସମୟରେ ସରକାରଙ୍କ ସହ ତାଙ୍କର ମତଭେଦକୁ ସ୍ୱୀକାର କରିଛନ୍ତି ଏହି ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା।

ଜିଏସ୍‌ଟି ଉପରେ ଏପରି ଆଶ୍ଚର୍ଯ୍ୟଜନକ ଖୁଲାସା କରି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି ଯେ, ଜିଏସ୍‌ଟି ବିଷୟରେ କହିବାକୁ ଗଲେ ସେ ପ୍ରଥମେ ୩ଟି ସ୍ଲାବ୍ ସୁପାରିଶ କରିଥିଲେ, କିନ୍ତୁ ପରେ ଏହା ୧୦-୧୨% ହୋଇଗଲା। ସେ କହିଥିଲେ ଯେ ଏହି ଜଟିଳତା ଯୋଗୁଁ ସେ ହତାଶ ହୋଇଥିଲେ। ତଥାପି, ସେ ସ୍ୱୀକାର କଲେ ଯେ ଏହା ଜଣେ ପରାମର୍ଶଦାତାଙ୍କ ଭୂମିକାର ଏକ ଅଂଶ। ସେ ଏହା ମଧ କହିଲେ ଯେ ଜଣେ ପରାମର୍ଶଦାତାଙ୍କ କାମ ହେଉଛି ଲୋକଙ୍କୁ ପରାମର୍ଶ ଦେବା ଏବଂ ପ୍ରେରଣା ଦେବା, କିନ୍ତୁ ସବୁବେଳେ ଜିତିବା ସମ୍ଭବ ନୁହେଁ। ନିଜର ପୁସ୍ତକ 'ଏ ସିକ୍ସଥ୍ ଅଫ୍ ହ୍ୟୁମାନିଟି' ଉପରେ ଆଲୋଚନା ସମୟରେ ସେ କହିଛନ୍ତି ଯେ, ସେତେବେଳର ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ କାର୍ଯ୍ୟକାଳରେ ୨୦୧୪ ଅକ୍ଟୋବରରୁ ୨୦୧୮ ଜୁନ୍ ପର୍ଯ୍ୟନ୍ତ ସେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ସେ କହିଥିଲେ ଯେ ପରାମର୍ଶଦାତାମାନେ କେବଳ ତାଙ୍କ ପରାମର୍ଶ ପାଳନ ନ ହେବା ଯୋଗୁଁ ପଦ ଛାଡିବା ଉଚିତ୍ ନୁହେଁ। ଓଃ, ମୋର ପରାମର୍ଶ କାର୍ଯ୍ୟକାରୀ ହୋଇ ନ ଥିଲା, ତେଣୁ ମୁଁ ପଦ ଛାଡୁଛି, ତାହା ହେବା ଉଚିତ୍ ନୁହେଁ। ସେହି ଅଭିଜ୍ଞତାରୁ ମୁଁ ଏହା ମଧ ଶିଖିଛି।

ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଇସ୍ତଫା ସରକାରଙ୍କ ସହିତ କୌଣସି ମତଭେଦ ଯୋଗୁଁ ନୁହେଁ। ତଥାପି, ତାଙ୍କର ୪ ବର୍ଷର କାର୍ଯ୍ୟକାଳରେ କିଛି ପ୍ରସଙ୍ଗରେ ସରକାରଙ୍କ ସହିତ ବୈଚାରିକ ମତଭେଦ ଥିଲା। ତଥାପି, ସେ ଜୋର ଦେଇ କହିଛନ୍ତି ଯେ ଏହି ମତଭେଦ ତାଙ୍କ ଇସ୍ତଫାର କାରଣ ନୁହେଁ। ସେ ଅନୁଭବ କରିଥିଲେ ଯେ ୪ ବର୍ଷରୁ ଅଧିକ ସମୟ ପାଇଁ ରହିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ ତାଙ୍କର ପ୍ରଭାବକୁ ହ୍ରାସ କରିବ। ସେ ଅନୁଭବ କରିଥିଲେ ଯେ, ୪ ବର୍ଷ ପରେ ସେହି ପଦରେ ରହିଲେ ତାଙ୍କର ପ୍ରଭାବଶାଳୀତା ପୂର୍ବ ୪ ବର୍ଷ ପରି ଏତେ ଉପରେ ରହି ନ ଥାନ୍ତା। ଏହାର ଅନେକ କାରଣ ଥିଲା। ଏଥିରେ ସରକାରଙ୍କ ସହିତ କିଛି ମତଭେଦ ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହା ମଧ କାରଣ ଯଦି ଅରୁଣ ଜେଟଲୀ ଜୀଙ୍କ ସମର୍ଥନ ସମାନ ପରିମାଣରେ ନ ଥାନ୍ତା, ତେବେ ପ୍ରଭାବଶାଳୀତା ହ୍ରାସ ପାଇଥାନ୍ତା। ଜିଏସ୍‌ଟି କାର୍ଯ୍ୟାନ୍ୱୟନ ସମୟରେ ତାଙ୍କର ଆଲୋଚନାକୁ ମନେ ପକାଇ ସୁବ୍ରମଣ୍ୟମ୍ କହିଛନ୍ତି ଯେ, ସେ ପ୍ରତିଦିନ ଅରୁଣ ଜେଟଲୀଙ୍କ ସହ କଥା ହେଉଥିଲେ। ସେ ଅର୍ଥମନ୍ତ୍ରୀଙ୍କୁ ଦିନକୁ ୧୦ ଥର ମେସେଜ କରି କରୁଥିଲେ।

## ଏନଏସଇରେ ତାଲିକାଭୁକ୍ତ କମ୍ପାନୀର ବଜାର ମୂଲ୍ୟ ୪୬୯ ଲକ୍ଷ କୋଟି

ମୁମ୍ବଇ,୨୫।୧୨ : ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏଏସଇ) ଉତ୍ସାହର ସହ ବର୍ଷ ୨୦୨୫ ଶେଷ କରିବାକୁ ଯାଉଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଚଳିତବର୍ଷ ଭାରତରେ ଷ୍ଟକ୍ ବଜାର ସ୍ଥିର ରହିଥିବାବେଳେ, ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି। ଏନଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ମୂଲ୍ୟ ପ୍ରାୟ ୪୬୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନଏସଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ସେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ ସକ୍ରିୟ ରହିଥିଲା। ଏନଏସଇର ମେନବୋର୍ଡ ଏବଂ ଏସଏମଇ ପ୍ଲାଟଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି।

## ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ୟୁନିଟ୍ ପୁରସ୍କୃତ




ଭୁବନେଶ୍ୱର, ୨୫।୧୨ (ସମିସ): ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି। 'ଲୌହ ଓ ଷ୍ଟିଲ୍' ବର୍ଗରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ଏହି ସମ୍ମାନ ହାସଲ କରିଛି କମ୍ପାନୀ। ଏହି ପୁରସ୍କାର କମ୍ପାନିର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଦୃଢ଼ ନେତୃତ୍ୱକୁ ଆହୁରି ଶକ୍ତି ଯୋଗାଇଛି। ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରଥମଥର ଏହି ସମ୍ମାନରେ ସମ୍ମାନିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯାଜପୁର ଟିମ୍‌କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଶାଳ କୁମାର ଦେ, ପ୍ରମୁଖ ଶାସନ ସଚିବ ଏବଂ ମନୋଜ କୁମାର ତ୍ରିପାଠୀ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଶକ୍ତି ବିଭାଗ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍‌ରର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ଏକ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ କେବଳ ଏକ ବିକଳ୍ପ ହୋଇ ରହି ନାହିଁ। ଆଜିର ସମୟରେ ତଥା ପରିବେଶ ପାଇଁ ଏହା ଅପରିହାର୍ଯ୍ୟ। ଏହି ସଫଳତା ଆମର ସବୁଜ ପରିବେଶ ଗଠନ ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୨୫।୧୨ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ବିଭିନ୍ନ ସ୍ମୃତିମୂଳକ କାର୍ଯ୍ୟକ୍ରମ ସହ ପାଳନ କରିଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧିନ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍) ର ସଚିବ ଆଇଏଏସ୍ ଏମ୍ ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏମ୍ ନାଗରାଜୁ କହିଥିଲେ ଯେ, ଭାରତର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ଗର୍ବର ବିଷୟ। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର ଡିଏଫ୍‌ଏସ୍ ସଚିବ ଭାବରେ ଏମ୍ ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କହିଛନ୍ତି। ପ୍ରତିଷ୍ଠା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ', ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫,୦୦୦ରୁ ଅଧିକ ଚାରାରୋପଣ କରାଯାଇଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ଭି ମୂରଳୀ କ୍ରୀଷ୍ଣା ଧନ୍ୟବାଦଦେଇଥିଲେ।

## ଓଲା-ଓବେରରେ ଫିମେଲ ଡ୍ରାଇଭର ଚୟନ କରିପାରିବେ ମହିଳା

**ଆପରେ ରହିବ ଜେଣ୍ଡର ଚଏସ ଅପସନ୍**

ନୂଆଦିଲ୍ଲୀ,୨୫ ।୧୨(ଏଜେନ୍ସି): ଖୁବଶୀଘ୍ର କ୍ୟାବ୍‌ରୁ ରାଇଡ୍ ବୁକ୍ କରିବା ପାଇଁ ଓଲା, ଓବେର ଓ ରାପିଡୋ ଭଳି ଆପ୍‌ରେ ସେମ୍ ଜେଣ୍ଡର ଅର୍ଥାତ୍ ସମାନ ଲିଙ୍ଗର ଡ୍ରାଇଭର ଚୟନ କରିବାର ସୁଯୋଗ ମିଳିବ। ଏଥିସହ ଯାତ୍ରା ଶେଷ ହେବା ପରେ ଡ୍ରାଇଭରଙ୍କୁ ଟିପ୍ ବା ବକ୍ସିସ ଦେଇପାରିବେ। ଏହି ବକ୍ସିସର ପୂରା ରାଶି ଡ୍ରାଇଭରଙ୍କୁ ହିଁ ମିଳିବ। ଆପ୍‌ରେ ଜେଣ୍ଡର ଚଏସ୍ ନେଇ ନୂଆ ନିୟମ ଜାରି କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହି ନୂଆ ନିୟମ ଅଣାଯାଇଥିବା କୁହାଯାଇଛି। ଖାସ୍ କରି ମହିଳା ଯାତ୍ରୀଙ୍କ ପାଇଁ ଫିମେଲ ଡ୍ରାଇଭର ଚୟନ କରିବାର ବିକଳ୍ପ ରହିଛି। ସରକାର ଏ ସଂକ୍ରାନ୍ତରେ ମୋଟର ଭେଇକଲ ଏଗ୍ରିଗେଟର୍ସ ଗାଇଡଲାଇନ୍- ୨୦୨୫ରେ ପରିବର୍ତ୍ତନ ଆଣିଛନ୍ତି। ଏହାକୁ ସବୁ ରାଜ୍ୟ ଲାଗୁ କରିବା ପାଇଁ କୁହାଯାଇଛି। ତେବେ ଏହି ନୂଆ ନିମୟ କେବେ ଜାରି ହେବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ତାରିଖ ଧାର୍ଯ୍ୟ କରାଯାଇନାହିଁ। ଏହି ନିୟମ କେନ୍ଦ୍ର ସରକାର ଜାରି କରିଛନ୍ତି। ରାଜ୍ୟ ସରକାରଗୁଡିକ ଏହି ସଂଶୋଧନକୁ ନିଜର ଲାଇସେନ୍ସିଂ ପ୍ରକ୍ରିୟାରେ ସାମିଲ କରିପାରିବେ। ବ୍ୟବହାରିକ ଦୃଷ୍ଟିରୁ ଦେଖିବାକୁ ଗଲେ କମ୍ପାନୀଗୁଡିକୁ ନିଜର ଆପ୍‌ରେ ପରିବର୍ତ୍ତନ କରିବାକୁ କିଛି ସମୟ ଲାଗିପାରେ। କିନ୍ତୁ ଏହାକୁ ଲାଗୁ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି।

# ୩ ଘଣ୍ଟାରେ ଚେକ୍ କ୍ଲିଅରାନ୍ସ ନିୟମ ଟାଳିଲା ଆର୍‌ବିଆଇ

**ସକାଳ ୯ ରୁ ସନ୍ଧ୍ୟା ୭ ମଧ୍ୟରେ ହେବ ପ୍ରୋସେସିଂ**

**ଜାନୁଆରୀ ୩ରୁ ଲାଗୁ ହେବାର ଥିଲା**

ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଚେକ୍ କ୍ଲିୟରାନ୍ସ ଯୋଜନାର ପର୍ଯ୍ୟାୟ-୨ କୁ ସ୍ଥଗିତ ରଖିଛି। ଏହି ଯୋଜନା ୨୦୨୬ ଜାନୁଆରୀ ୩ ରେ ଆରମ୍ଭ ହେବାର ଥିଲା। ଏହି ପର୍ଯ୍ୟାୟରେ, ବ୍ୟାଙ୍କଗୁଡ଼ିକୁ ଚେକ୍ ଇମେଜଗୁଡ଼ିକୁ ଗ୍ରହଣ କରିବାର ତିନି ଘଣ୍ଟା ମଧ୍ୟରେ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ବାଧ କରାଯାଇଥିଲା। ଏହାକୁ ବର୍ତ୍ତମାନ ପରବର୍ତ୍ତୀ ତାରିଖକୁ ସ୍ଥଗିତ ରଖାଯାଇଛି। ଆର୍‌ବିଆଇ ଡିସେମ୍ବର ୨୪ରେ ଏକ ସର୍କୁଲାର ଜାରି କରି କହିଛି ଯେ ପର୍ଯ୍ୟାୟ -୨କୁ ସ୍ଥଗିତ ରଖାଯାଇଛି। ପର୍ଯ୍ୟାୟ ୧ ଜାରି ରହିବ। ଚେକ୍ ଉପସ୍ଥାପନା ୱିଣ୍ଡୋ ସକାଳ ୯ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଖୋଲା ରହିବ। ବ୍ୟାଙ୍କଗୁଡ଼ିକ ସକାଳ ୯ ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଚେକ୍ ନିଶ୍ଚିତ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ପ୍ରଥମ ପର୍ଯ୍ୟାୟରେ କରାଯାଇଥିବା ପରିବର୍ତ୍ତନ ମଧ୍ୟରେ, ଆର୍‌ବିଆଇ ଚେକ୍ ଟ୍ରଙ୍କେସନ୍ ସିଷ୍ଟମ୍ ଅଧୀନରେ 'ନିରନ୍ତର କ୍ଲିୟରାନ୍ସ ଏବଂ ସେଟେଲମେଣ୍ଟ' ପ୍ରଚଳନ କରିଥିଲା। ଏହାର ଉଦ୍ଦେଶ୍ୟ ପୁରୁଣା ବ୍ୟାଚ୍ ସିଷ୍ଟମ୍ କୁ ଦୂର କରି ଚେକ୍ କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବା ଥିଲା। ୨୦୨୫ ଅକ୍ଟୋବର ୪ରେ ପର୍ଯ୍ୟାୟ-୧ ଆରମ୍ଭ ହୋଇଥିଲା। ପୂର୍ବରୁ, ଚେକ୍ କ୍ଲିୟରିଂ ବ୍ୟାଚ୍ ସ୍ଥିର ସମୟରେ ସୃଷ୍ଟି କରାଯାଉଥିଲା। ଚେକ୍ ଜାରିକରୁଥିବା ବ୍ୟାଙ୍କକୁ ଇମେଜ୍‌ଗୁଡ଼ିକ ଗ୍ରହଣ କରିବା ମାତ୍ରେ ସମୀକ୍ଷା କରିବାକୁ ପଡିବ। ଯଦି ବ୍ୟାଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନ ଦିଏ, ତେବେ ଚେକ୍ ଅନୁମୋଦିତ ବୋଲି ବିବେଚନା କରାଯାଏ। ପର୍ଯ୍ୟାୟ -୨, ଯାହା ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ, ଚେକ୍ କ୍ଲିୟରନ୍ସକୁ ପ୍ରକୃତ ସମୟର ନିକଟତର କରିବା ପାଇଁ ଉଦ୍ଦିଷ୍ଟ ଥିଲା।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।


**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର୍ୟାଲିର ଉଦ୍‌ଘାଟନ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହେଲେ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୩୦,୦୦୦ ଲୋକଙ୍କ ପ୍ରାଣହାନି।



# ଲିଭର୍ ପାଇଁ କ୍ଷତିକାରକ ସୁଗାର ଫ୍ରି!

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଉଛନ୍ତି। ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି। କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକ୍‌ଲେଟ୍, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି। ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପର୍ଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ। ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ। ଫ୍ରୁକଟୋଜ ଲିଭର୍‌କୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ। କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ-ସୁଗାର ଡାଏଟ୍ ଭଳି କ୍ଷତି କରିଥାଏ। ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ୟାରି ପ୍ୟାଟିଙ୍କ ସାଇନ୍ସ ସିଗ୍‌ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ। ଯେତେବେଳେ ଲିଭର୍‌ରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ। ତା'ସହ ଫ୍ରୁକଟୋଜକୁ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ। ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ। ସର୍ବିଟୋଲ ମଧ୍ୟ ଲିଭର୍‌ରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି। ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭର୍‌ରେ ପହଞ୍ଚି ନକରାତ୍ମକ ପ୍ରଭାବ ପକାଇଥାଏ। ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ। ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ। ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ। ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ। ଅନ୍ୟପଟେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର୍ ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ। କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ। ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବିଟୋଲରେ ପରିଣତ ହୋଇଥାଏ। ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ। ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ।

# କିଆରାଙ୍କ 'ଟକ୍ସିକ୍' ଲୁକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏକ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମକୁ ନେଇ ମଧ୍ୟ ବେଶ୍ କ୍ରେଜ୍ ରହିଛି। କିଛି ଦିନ ପୂର୍ବରୁ ଏଥିରେ ଯଶ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଇତିମଧ୍ୟରେ ଏଥିରୁ କିଆରାଙ୍କ ଲୁକ୍ ସାମ୍ନାକୁ ଆସିଛି। ମା' ହେବା ପରେ କିଆରା 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ କିଆରା ଦମ୍‌ଦାର ଅବତାରରେ ନଜର ଆସିଛନ୍ତି। ଏଥିରେ କିଆରା କଳା ରଙ୍ଗର ଏକ ଅଫ୍-ସୋଲଡର୍ ଗାଉନ୍ ପିନ୍ଧି ଡ୍ୟାନ୍ସଫ୍ଲୋର୍‌ର ସ୍ପଟ୍‌ଲାଇଟ୍ ସମ୍ମୁଖରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ତାଙ୍କ ଆଖିରୁ ଲୁହ ବହୁଥିବାର ଦେଖାଯାଉଛି। ସେ କିଛି ଭାବନାରେ ବୁଡ଼ି ରହିଥିବାର ନଜର ଆସିଛନ୍ତି। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଯଶ୍ ଓ କିଆରାଙ୍କ ବ୍ୟତୀତ ଏଥିରେ ତାରା ସୂତାରିଆ, ହୁମା କ୍ୟୁରୋସି, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବରୟ ପ୍ରମୁଖ ନଜର ଆସିବେ। ଏହାକୁ ଏକସଙ୍ଗେ କନ୍ନଡ଼ ଓ ଇଂରାଜୀ ଭାଷାରେ ସୁଟ୍ କରାଯାଇଛି। ଏହା ଇଦ୍ ଅବସରରେ ଆସନ୍ତା ମାର୍ଚ୍ଚ ୧୯ ରେ ଆସିବ। ଛଅଟି ଭାଷାରେ ଏହା ରିଲିଜ୍ ହେବ। ତେବେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ଏହି ଦିନ ରିଲିଜ୍ ହେଉଥିବାରୁ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି।

# ପର୍ବତାରୋହୀଙ୍କ ଡମ୍ପ୍ୟରେ ଆଣ୍ଡାମାଣ୍ଡା ଏଭରେଷ୍ଟ


ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖାଯାଉଛି। ପ୍ରତ୍ୟେକ ପର୍ବତାରୋହୀ ଜୀବନରେ ଅନ୍ତତଃ ଥରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ସ୍ୱପ୍ନ ଦେଖିଥାନ୍ତି। ହେଲେ ପର୍ବତାରୋହୀମାନେ ଏଠାରେ ପହଞ୍ଚିବା ପରେ ଛାଡ଼ି ଆସୁଛନ୍ତି କୁଢ଼ କୁଢ଼ ଅଳିଆ। ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବେଶବିତ୍। ପର୍ବତାରୋହଣବେଳେ ବ୍ୟବହାର ହେଉଥିବା ସାମଗ୍ରୀ, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ମାନବିକ ଆବର୍ଜନା ଏଭରେଷ୍ଟ ରାସ୍ତାରେ ପ୍ରଚୁର ମାତ୍ରାରେ ପଡ଼ିରହିଛି। ଏଭରେଷ୍ଟ ଟୁଡେ ନାମକ ପ୍ଲାଟଫର୍ମ ଦ୍ୱାରା ସେୟାର୍ କରାଯାଇଥିବା ଏସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ଏହି ଭିଡିଓକୁ ଦେଖି ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି। ଉକ୍ତ ଭିଡିଓରେ ଏଭରେଷ୍ଟର ଧଳା ବରଫ ଆସ୍ତରଣ ମଧ୍ୟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇଥିବାର ଦେଖାଯାଇଛି। ପଲିଥିନ୍, ପୁରୁଣା କପଡ଼ା, ଖାଦ୍ୟ ପ୍ୟାକେଟ୍, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ଫଟା ତମ୍ବୁ ବରଫ ଉପରେ ପଡ଼ିଥିବାର ଭିଡିଓରେ ଦେଖାଯାଇଛି। କୁହାଯାଉଛି ଏହି ଭିଡିଓଟି ୨୦୨୪ ମସିହାର। ହେଲେ ଏବେବି ଏହାର ସ୍ଥିତି ସେମିତି ରହିଛି ବୋଲି ଭିଡିଓରେ କୁହାଯାଇଛି। ଏହାର ଶିଖରରେ ତିଆରି ହୋଇଥିବା କ୍ୟାମ୍ପଗୁଡ଼ିକରେ ଅଧିକ ମାତ୍ରାରେ ଅଳିଆ ଆବର୍ଜନା ଜମା ହୋଇଛି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି, ପ୍ରକୃତି ପ୍ରତି ଅବହେଳା ଏବେ ବିଶ୍ୱର ସର୍ବୋଚ୍ଚ ଶିଖରକୁ ମଧ୍ୟ ଛାଡ଼ିନାହିଁ। ଏହି ଭିଡିଓରେ କୁହାଯାଇଛି, ଏହାକୁ ସଫାସୁତୁରା ରଖିବା ଏକ ବିକଳ୍ପ ନୁହେଁ, ବରଂ ଲୋକଙ୍କର ଦାୟିତ୍ୱ। ଏହା ପ୍ରକୃତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଜରୁରି। ଏହାସହ ଏନେଇ କଡ଼ା ନିୟମ, ସ୍ୱଚ୍ଛତାର ସହ ପର୍ବତାରୋହଣ ଏବଂ ଅଳିଆ ନିୟନ୍ତ୍ରଣ ପାଇଁ ଭିଡିଓରେ ଦାବି କରାଯାଇଛି। ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।






# ମଧୁମେହ ରୋଗୀଙ୍କ ପାଇଁ ଚାଲିବା ଭଲ

**ଜୀବନଶୈଳୀରେ ପରିବର୍ତ୍ତନ ଓ ଖରାପ ଖାଦ୍ୟାଭ୍ୟାସ କାରଣରୁ ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ। ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ଲାଗିବା, ଶୋଷ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ମଧୁମେହ ପୀଡ଼ିତ ରକ୍ତ ଶର୍କରା ନିୟନ୍ତ୍ରଣ ରଖିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତି। ଖୁସିର ବିଷୟ, ଚାଲିବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ରହି ପାରିବ। ତେଣୁ ମଧୁମେହ ପୀଡ଼ିତ ନିଜ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଚାଲିବା ଜରୁରି।**





ମଧୁମେହ ପୀଡ଼ିତ ଔଷଧ ସେବନ ଓ ଡାଏଟକୁ ଅନୁକରଣ କରିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଆବଶ୍ୟକ। ଏହାଦ୍ୱାରା ରକ୍ତ ଶର୍କରା, ରକ୍ତଚାପ, ଏବଂ ହୃଦ୍‌ରୋଗ ଆଶଙ୍କା କମ୍ ହୁଏ। ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ପ୍ରତିଦିନ ୧୦ହଜାର ପାଦ ଚାଲିପାରିବେ। ଯଦି ସେତିକି ବାଟ ଚାଲିବା ଦ୍ୱାରା ଥକ୍କାପଣ ବା ଦୁର୍ବଳ ଅନୁଭବ କରୁଥାନ୍ତି ତେବେ ଯୋଗ ଓ ବ୍ୟାୟାମ କରିପାରିବେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦିନକୁ ଅତିକମରେ ୩୦ ମିନିଟ୍ ହିସାବରେ ସପ୍ତାହରେ ପାଞ୍ଚ ଦିନ ଚାଲିବେ। ୩ରୁ ୪ କିମି ଚାଲିବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର। ଖାଦ୍ୟ ଗ୍ରହଣ ପରେ ଚାଲିବା ଜରୁରି।

ରାତ୍ରିଭୋଜନ ପରେ ୧୫ରୁ ୩୦ ମିନିଟ୍ ଚାଲିଲେ ରକ୍ତ ଶର୍କରା ହ୍ରାସ ପାଏ। ଯଦି ଇନ୍‌ସୁଲିନ୍ ନେଉଥାନ୍ତି କିମ୍ବା ପୂର୍ବାପେକ୍ଷା ରକ୍ତ ଶର୍କରା କମ୍ ଥିଲେ ସକାଳୁ ଚାଲିବା ପୂର୍ବରୁ ହାଲୁକା ଜଳଖିଆ ଗ୍ରହଣ କରନ୍ତୁ। ବ୍ରିସ୍କ ୱାକ୍ ତଥା ଜୋର ଜୋର ଚାଲିବା, ଯୋଗ, ପ୍ରାଣାୟମ ଆଦି କରିବା ହିତକର।

# ଡିମେନ୍‌ସିଆ ପାଇଁ ମ୍ୟାଗ୍ନେସିୟମ୍

**ଡିମେନ୍‌ସିଆ ବୟସ୍କଗତ ରୋଗ। ମୁଖ୍ୟତଃ ମସ୍ତିଷ୍କ କୋଷ ନଷ୍ଟ ହେଲେ ସ୍ମୃତିଶକ୍ତି ହ୍ରାସ ପାଏ। ନିଷ୍ପତ୍ତି ନେବାର କ୍ଷମତା କମିଯାଏ। ଛୋଟ ଛୋଟ କଥା ମନେ ନ ରଖି ପାରିବା ଡିମେନ୍‌ସିଆ (ମନୋଭ୍ରଂଶ)ର ଲକ୍ଷଣ ହୋଇଥାଏ। ଅନୁସନ୍ଧାନ ଦ୍ୱାରା ପ୍ରମାଣିତ ଯେ ନିୟମିତ ବ୍ୟାୟାମ, ଶୋଇବା , କମ୍ ଚିନ୍ତା, ଖାଦ୍ୟପେୟ ଆଦି ଅଭ୍ୟାସ ଦ୍ୱାରା ଏହି ସମସ୍ୟାକୁ ହ୍ରାସ କରାଯାଇପାରେ। ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଦୈନିକ ପୁଷ୍ଟିକର ଖାଦ୍ୟ ସହିତ ମ୍ୟାଗ୍ନେସିୟମ୍ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**



ଜ୍ଞାନଗତ କାର୍ଯ୍ୟର ଉନ୍ନତି ପାଇଁ ଦୈନିକ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି। କାରଣ ସବୁଜ ପରିବା, ଫଳ, ସାମୁଦ୍ରିକ ମାଛ ଆଦି ସେବନ ଶରୀରକୁ ଶକ୍ତି ଦିଏ। ମସ୍ତିଷ୍କ କୋଷର ସନ୍ତୁଳନ ବଜାୟ ରଖେ। ଏହାର ଅଭାବରୁ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଯାହାଦ୍ୱାରା ଡିମେନ୍‌ସିଆ ପରି ସମସ୍ୟା ହୋଇଥାଏ। ଏନେଇ ଅଷ୍ଟ୍ରେଲିଆନ ନ୍ୟାସ୍‌ନାଲ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟବିଶେଷଜ୍ଞମାନେ ୬୦୦୦ ପ୍ରାପ୍ତ ବୟସ୍କଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଯେଉଁମାନେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ବା ଔଷଧ ସେବନ କରୁଥିଲେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟକ୍ଷମତା ମ୍ୟାଗ୍ନେସିୟମ କମ୍ ଗ୍ରହଣ କରୁଥିବା ଲୋକଙ୍କ ତୁଳନାରେ ବହୁତ ଭଲ ଥିଲା। ନିଜ ବୟସ ତୁଳନାରେ ସେମାନେ ଯୁବା ଥିଲେ। ମହିଳାମାନଙ୍କ କ୍ଷେତ୍ରରେ ସକାରାତ୍ମକ ଫଳ ଦେଖା ଯାଇଥିଲା। ଯଦିଓ ମ୍ୟାଗ୍ନେସିୟମ ଡିମେନସିଆର ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ପ୍ରତିଦିନ ସବୁଜ ପରିବା, ପାଳଙ୍ଗ, ବିନ୍ସ ଡାର୍କ ଚକୋଲେଟ, ସାମୁଦ୍ରିକ ମାଛ, ଅଳସୀ, ଡ୍ରାଏଫ୍ରୁଟ ତଥା ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରୁହେ। ଡିମେନସିଆ ବିପଦ ହ୍ରାସ ହୋଇ ପାରେ। ନିଦ ଭଲ ହୋଇଥାଏ। ମ୍ୟାଗ୍ନେସିୟମ ମସ୍ତିଷ୍କର ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀମା କରିପାରେ। ମସ୍ତିଷ୍କ ସଙ୍କୋଚନକୁ ବି ହ୍ରାସ କରିପାରେ। ସ୍ମୃତିଶକ୍ତି ବୃଦ୍ଧି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମସ୍ତିଷ୍କକୁ ଶାନ୍ତ ରଖେ। ମସ୍ତିଷ୍କର କ୍ଷମତାକୁ ବଢ଼ାଇ ପାରେ। ଚିନ୍ତା ହ୍ରାସ ଯୋଗୁଁ ଡିମେନସିଆ ବିପଦ ହ୍ରାସ ପାଇ ପାରେ।

'ସକାଳ'ର ସ୍ୱାସ୍ଥ୍ୟ

# କାଶର ଆୟୁର୍ବେଦ ଉପଚାର

**ଶୀତରତୁରେ କମ୍ ତାପମାତ୍ରା ଯୋଗୁଁ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ। ନାକରୁ ପାଣି ବୋହିବା, କାଶ, ତଣ୍ଟି ଦରଜ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ। ତେଣୁ ଶୀତଦିନେ ଲଗାତାର କାଶ ହେଉଥିଲେ ଆୟୁର୍ବେଦ ଉପଚାର ଆପଣାଇ ପାରିବେ।**



- ହଳଦୀରେ ଆଣ୍ଟିବାୟୋଟିକ୍ ଓ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି। ତେଣୁ ନଖଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ। ଏହା କାଶରୁ ଆରାମ ଦିଏ।
- ଏକ ଚାମଚ ଅଦାରସରେ ଅଧା ଚାମଚ ମହୁ ମିଶାଇ ଦିନକୁ ୪ରୁ ୫ଥର ସେବନ କଲେ କଫ ଜନିତ ସମସ୍ୟାରୁ ଆରାମ ଦିଏ। ମୁଲେଠି ବା ଯଷ୍ଟିମଧୁ କଳରେ ଜାକି ପାରିବେ। ୯୦% ମିଶିରି ଏବଂ ୧୦% ଗୋଲମରିଚକୁ ଗୁଣ୍ଡ କରି ଦିନରେ ଦୁଇରୁ ତିନିଥର ଚିମୁଟିଏ ଲେଖାଏଁ ସେବନ କରିବା ଆବଶ୍ୟକ। ତୁଳସୀପତ୍ର ରସ ମହୁ, ଅଦାମହୁ ଆଦି ବ୍ୟବହାର କରାଯାଇପାରେ।
- ତ୍ରିକଟୁ ଚୂର୍ଣ୍ଣ ଏକ ଗ୍ରାମ ସହ ଚାମଚେ ମହୁ ସହ ମିଶାଇ ବୟସ୍କ ବ୍ୟକ୍ତି ସେବନ କରିପାରିବେ। ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ।

ସୁସ୍ଥ ମନ ସୁସ୍ଥ ଶରୀର

# ଦେହକୁ ହିତ ଆପେଣ୍ଡିକ୍ସ

**ଆପେଣ୍ଡିକ୍ସ ଏକ କ୍ଷୁଦ୍ର ଅଙ୍ଗ। ଏହା ଅନ୍ତଃନଳୀ ସହିତ ଲାଗି କରି ଥାଏ। ଏହା ଅନେକ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତଃମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଅନ୍ତଃନଳୀର ଜୀବାଣୁ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କଲେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହଯାଏ। ସଂକ୍ରମିତ ଆପେଣ୍ଡିକ୍ସକୁ ଡାକ୍ତର ସର୍ଜରୀ କରି ଶରୀରରୁ ବାହାର କରିଦିଅନ୍ତି। ହେଲେ ଆପେଣ୍ଡିକ୍ସ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ।**



ଆପେଣ୍ଡିକ୍ସ ହିତକର ଜୀବାଣୁଙ୍କୁ ସୁରକ୍ଷିତ ରଖିଥାଏ। ଝାଡା, ବାନ୍ତି ତଥା ବିଭିନ୍ନ ପେଟଜନିତ ସଂକ୍ରମଣ ସମସ୍ୟା ପରେ ଏହା ଅନ୍ତଃର ସ୍ୱାସ୍ଥ୍ୟ ଉନ୍ନତି କରେ। ଅନ୍ତଃନଳୀରେ ହିତକର ଜୀବାଣୁ ବଢ଼ାଇବାରେ ସାହାଯ୍ୟ କରେ। ଆପେଣ୍ଡିକ୍ସ ଭଲ ଜୀବାଣୁଙ୍କୁ ସୁରକ୍ଷିତ ରଖେ।

**ପାଚନତନ୍ତ୍ର ସୁସ୍ଥ ରହେ:** ଖାଦ୍ୟ ହଜମ କରିବାରେ ଆପେଣ୍ଡିକ୍ସ ସିଧାସଳଖ ସାହାଯ୍ୟ ନ କଲେ ବି ଏହା ଅନ୍ତଃନଳୀରେ ଭଲ ଜୀବାଣୁକୁ ସୁରକ୍ଷିତ କରୁଥିବାରୁ ପାଚନତନ୍ତ୍ର ସୁସ୍ଥ ରହିଥାଏ। ଖାଦ୍ୟ ହଜମ ହୋଇପାରେ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି:** ଆପେଣ୍ଡିକ୍ସରେ ଲିମ୍ଫୋଏଡ ଟିସୁ ଥାଏ। ଏହା ରୋଗପ୍ରତିରୋଧକ କୋଷ ଏବଂ ଆଣ୍ଟିବଡ଼ି କ୍ଷରଣରେ ସାହାଯ୍ୟ କରିଥାଏ। ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ।

# ସାନ୍ତାବେଶରେ ବଡ଼ଦିନ ପାଳିଲେ ୟୁବି-ହାଜେଲ୍

ଚଣ୍ଡିଗଡ଼, ୨୫।୧୨ (ଏଜେନ୍ସି): ପବିତ୍ର ବଡ଼ଦିନ ଅବସରରେ ପୂର୍ବତନ ତାରକା କ୍ରିକେଟର୍ ୟୁବରାଜ ସିଂହ ପତ୍ନୀ ତଥା ବ୍ରିଟିଶ ମଡେଲ ହାଜେଲ କିଚ୍‌ଙ୍କ ସହ ଧୁମ୍‌ଧାମରେ ଖ୍ରିଷ୍ଟମାସ ପାଳନ କରିଛନ୍ତି। ଏହାର କିଛି ଫଟୋକୁ ୟୁବି ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ଯେଉଁଥିରେ ୟୁବିଙ୍କ ସହ ହାଜେଲ ଏବଂ ତାଙ୍କ ପୁଅ ଓରିଓନ୍ ଓ ଝିଅ ଔରାଙ୍କ ସାନ୍ତା କ୍ୟାପ୍ ପିନ୍ଧିଧାନ କରି ଖ୍ରିଷ୍ଟମାସ ଟ୍ରି ନିକଟରେ ବସିଥିବା ଦେଖିବାକୁ ମିଳିଛି। ସେହିଭଳି ସଞ୍ଜୁ ସାମସନ, ଭାରତୀୟ ମହିଳା କ୍ରିକେଟ୍ ଦଳର ଜେମିମା ରୋଡ୍ରିଗ୍ରେଜ, ସ୍ମୃତି ମନ୍ଧାନା ପ୍ରମୁଖ ମଧ୍ୟ ବଡ଼ଦିନକୁ ଉତ୍ସାହର ସହ ସେଲିବ୍ରେସନ କରିଛନ୍ତି। ମହାନ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ, ୱେନ ରୁନୀ ମଧ୍ୟ ପରିବାର ଗହଣରେ ବଡ଼ଦିନକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା।



# ବ୍ୟାଟିଂ ଅଭ୍ୟାସ କଲେ ଆୟର

ମୁମ୍ବଇ, ୨୫।୧୨ (ଏଜେନ୍ସି): ଆଘାତ ପାଇବା ପରେ ସୁସ୍ଥ ହୋଇଥିବା ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଗତକାଲି ଏଠାରେ ବ୍ୟାଟିଂ ଅଭ୍ୟାସ କରିଛନ୍ତି। ସେ ଏକ ଘଣ୍ଟାଯାଏ ଏଠାରେ ବ୍ୟାଟିଂ ଅଭ୍ୟାସ କଲାବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ କିମ୍ବା ଯନ୍ତ୍ରଣା ଅନୁଭବ କରି ନ ଥିଲେ। ଏହା ପରେ ସେ ଆଜି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରବର୍ତ୍ତୀ ଫିଟ୍‌ନେସ୍ ପାଇବା ଲାଗି ଯାଇଛନ୍ତି। ଏଠାରେ ସେ କେତେ ସୁସ୍ଥ ହୋଇଛନ୍ତି ତାହାର ପ୍ରମାଣପତ୍ର ପାଇବା ପରେ ତାଙ୍କର ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ସମ୍ଭବ କି ନୁହେଁ ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆରେ ଖେଳୁଥିଲାବେଳେ ଏକ ଚମତ୍କାର କ୍ୟାଚ୍ ଧରିବାକୁ ଯାଇ ତଳେ ପଡ଼ିଗଲାପରେ ପେଟରେ ଯନ୍ତ୍ରଣା ପାଇଥିଲେ। ଏହାପରେ ଚିକିତ୍ସା ଲାଗି ସ୍ୱଦେଶ ଫେରିଥିଲେ। ଏବେ ବିଜୟ ହଜାରେ ଟ୍ରଫି ଚାଲିଛି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆରମ୍ଭ ହେବ। ଉଭୟ ଟୁର୍ଣ୍ଣାମେଣ୍ଟରେ ଖେଳିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି। କିନ୍ତୁ ଏ ସମ୍ପର୍କରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଥିବା ଡାକ୍ତରମାନେ ଚୂଡାନ୍ତ ନିଷ୍ପତ୍ତି ନେବେ।

## ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି-୨୦ ମୁକାବିଲା ଆଜି

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତୀୟ ମହିଳା

ତିରୁଅନନ୍ତପୁରମ,୨୫।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ମହିଳା ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଜିତିଥିଲା। ଦଳ ୨-୦ରେ ଆଗୁଆ ରହିଥିଲାବେଳେ ଏଠାରେ ତୃତୀୟ ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟ ନେଇ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ, ବୋଲିଂରେ ପ୍ରଭାବ ବିସ୍ତାର କରିଥିବା ଭାରତ ଏଠାରେ ମଧ୍ୟ ବିଜୟୀ ହେବ ବୋଲି ଆଶା କରିବା ସ୍ୱାଭାବିକ୍। ଏହି ମ୍ୟାଚ୍‌ଦ୍ୱୟରେ ଭାରତର ଶାଣିତ ବୋଲିଂକୁ ଶ୍ରୀଲଙ୍କା ବ୍ୟାଟର ମୁକାବିଲା କରିପାରି ନ ଥିଲେ। ଉଭୟ ମ୍ୟାଚ୍‌ରେ ରନ୍ ଚେଜ୍‌ରେ ଭାରତର ଟପ୍ ଅର୍ଡର ଅତି ସହଜରେ ଟାର୍ଗେଟ୍‌କୁ ହାସଲ କରିନେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଜେମିମା ରୋଡ୍ରିଗ୍ରେଜ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲା। ଫିଲ୍ଡିଂରେ ଭାରତ ପ୍ରଥମ ମ୍ୟାଚ୍‌ରେ ୫ଟି କ୍ୟାଚ୍ ହାତଛଡ଼ା କରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ୩ଜଣ ଖେଳାଳିଙ୍କୁ ରନ୍‌ଆଉଟ କରି ଭରଣା କରିନେଇଛନ୍ତି। ଏଭଳି ସ୍ଥିତିରେ ଭାରତ ଯେ ଆସନ୍ତାକାଲିର ମୁକାବିଲାକୁ ସହଜରେ ଜିତିବ ଏଭଳି ଆଶା ପୋଷଣ କରାଯାଇପାରେ।





ସାନ୍ତାବେଶରେ ଜେମିମା ଓ ମନ୍ଧାନା

ଅନ୍ୟପକ୍ଷରେ ଶ୍ରୀଲଙ୍କା ଦଳ ଅନେକ ନୂଆ ଖେଳାଳିଙ୍କୁ ନେଇ ସିରିଜ୍ ଖେଳିବାକୁ ଆସିଛି। ନୂଆ ଓ ପୁରୁଣା ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ହୋଇନାହିଁ। ଯାହା ଫଳରେ ଏମାନେ ମିଳିତଭାବେ ଲଢୁଆ ଖେଳ ପ୍ରଦର୍ଶନ କରିପାରି ନାହାଁନ୍ତି। କୁହାଯାଏ ଭେନ୍ୟୁ ବଦଳିଲେ ଭାଗ୍ୟ ମଧ୍ୟ ପରିବର୍ତ୍ତନ ହୋଇଥାଏ। ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍ ବିଶାଖାପାଟଣାରେ ଖେଳାଯାଇଥିଲାବେଳେ ଶ୍ରୀଲଙ୍କା ଉଭୟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା। ଏବେ ପରବର୍ତ୍ତୀ ୩ଟି ମ୍ୟାଚ୍ ତିରୁଅନନ୍ତପୁରମରେ ଖେଳାଯିବ। ଏଠାରେ ଶ୍ରୀଲଙ୍କା ଲଢ଼େଇ କରିବ ବୋଲି ଆଶା କରାଯାଉଛି। ଦଳର ପ୍ରଥମ ୪ଜଣ ବ୍ୟାଟରଙ୍କୁ ବାଦ୍ ଦେଲେ ଅନ୍ୟ କେହି ଭଲ ଆରମ୍ଭ କରିପାରି ନାହାନ୍ତି। ଭିଷ୍ମି ଗୁଣରତ୍ନେ, ଚାମରି ଆଟାପାଟୁ, ହାସିନୀ ପରେରା, ହର୍ଷିତା ସମରବିକ୍ରମ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭଲ ଆରମ୍ଭ କରିଥିଲେ। କିନ୍ତୁ ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ଅସମର୍ଥ ହୋଇଥିଲେ। ବୋଲରମାନେ ଆଦୌ ପ୍ରଭାବ ପକାଇ ପାରି ନାହାନ୍ତି। ଏଣୁ ଏହି ମ୍ୟାଚ୍‌କୁ କିପରି ଦଳ ଜିତିବ ତାହାକୁନେଇ ଯୋଜନା ଚାଲିଛି। ଗତ ୧୧ଟି ମ୍ୟାଚ୍‌ରେ ଭାରତ ୯ଟିରେ ବିଜୟୀ ହୋଇଛି। ଶେଷଥର ୨୦୨୪ ଜୁଲାଇରେ ଶ୍ରୀଲଙ୍କା ବିଜୟୀ ହୋଇଥିଲା। ଏଥର ଦଳ ପୁଣିଥରେ ବିଜୟୀ ହେବ ବୋଲି ଆଶା କରିଛି।

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଖେଳାଳି ଦଳ

**ଭାରତ :** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ରେଜ୍, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ରିଚା ଘୋଷ ଓ ଜି କମଳିନୀ (ଉଭୟେ ୱିକେଟରକ୍ଷକ), ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ବୈଷ୍ଣବୀ ଶର୍ମା, ହର୍ଲିନ ଦେଓଲ, ଅମନଜୋତ କୌର।

**ଶ୍ରୀଲଙ୍କା:** ଚାମରି ଆଟାପାଟୁ (ଅଧିନାୟିକା), ଭିଷ୍ମି ଗୁଣରତ୍ନେ, ହାସିନୀ ପରେରା, ହର୍ଷିତା ସମରବିକ୍ରମ, ନୀଳାକ୍ଷିକା ଡି ସିଲ୍‌ଭା, କାଭିଶା ଦିଲହରୀ, ଇମେଶ ଦୁଲାନୀ, କୌଶିନର ନୁଥ୍ୟାଙ୍ଗନା, ମାଲସା ସେହାନୀ, ଇନୋକା ରଣବୀରା, ଶାସିନର ଗିମାନୀ, ନିମେଶା ମଦୁଶାନୀ, କାବ୍ୟା କାଭିଣ୍ଡି, ରଶ୍ମିକା ସେୱାଣ୍ଡି, ମାଲକି ମଦାରା।

## ବିଜୟ ହଜାରେ ଟ୍ରଫି / ଗୋଟିଏ ଦିନରେ ରେକର୍ଡ ୨୨ ଶତକ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସ ସମ୍ପୂର୍ଣ୍ଣ ଭାବେ ବ୍ୟାଟରଙ୍କ ନାମରେ ରହିଥିଲା। ଯେଉଁଥି ପାଇଁ ପ୍ରଥମ ଦିନରେ ଏକାଧିକ ଶତକ ଓ ରେକର୍ଡ ସୃଷ୍ଟି ହୋଇଥିଲା। ସେଥିମଧ୍ୟରୁ ପ୍ରମୁଖ ହେଲା ପ୍ରଥମ ଦିନରେ ଖେଳାଯାଇଥିବା ୧୮ଟି ମ୍ୟାଚ୍‌ରେ ମୋଟ୍ ୨୨ଟି ଶତକ ଓ ଓଡ଼ିଶାର ସ୍ୱସ୍ତିକ ସାମଲ (୨୧୨)ଙ୍କ ବ୍ୟାଟରୁ ଗୋଟିଏ ଦ୍ୱିଶତକ ଦେଖିବାକୁ ମିଳିଥିଲା। ଯାହାକି ଟୁର୍ଣ୍ଣାମେଣ୍ଟ ଇତିହାସରେ ଗୋଟିଏ ଦିବସରେ ରେକର୍ଡ ଶତକ ଭାବେ ଲିପିବଦ୍ଧ ହୋଇଛି। ଏଥିପୂର୍ବରୁ ୧୨ ଡିସେମ୍ବର ୨୦୨୧ ଓ ୩ ଜାନୁଆରୀ ୨୦୨୫ରେ ୧୯ଟି ଲେଖାଏ ଶତକ ବିଜୟ ହଜାରେ ଟ୍ରଫିରେ ହୋଇଥିଲା।

### ବିଘ୍ନେଶଙ୍କ ବିଶ୍ୱରେକର୍ଡ କ୍ୟାଚ୍, ମୋସୁଙ୍କ ବ୍ୟୟବହୁଳ ସ୍ପେଲ

ଅପରପକ୍ଷରେ କେରଳର ବିଘ୍ନେଶ ପୁଥୁର ତ୍ରିପୁରା ବିପକ୍ଷରେ ଦମ୍‌ଦାର ଫିଲ୍ଡିଂ କରି ଏକାକୀ ୬ଟି କ୍ୟାଚ୍ ଧରିଥିଲେ। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ପ୍ରଥମ ଫିଲ୍ଡର (ଅଣୱିକେଟ୍‌କିପର) ଭାବେ ଗୋଟିଏ ମ୍ୟାଚରେ ୬ଟି କ୍ୟାଚ୍ ଧରି ପୁଥୁର ବିଶ୍ୱରେକର୍ଡ କରିଛନ୍ତି। ପୂର୍ବରୁ ମହାନ ଫିଲ୍ଡର ଜଣ୍ଟି ରୋଡ୍ସଙ୍କ ସମେତ ଏକାଧିକ ଖେଳାଳି ୫ଟି କ୍ୟାଚ୍ ଧରି ରେକର୍ଡ କରିଥିଲେ। ସେହିଭଳି ଅରୁଣାଚଳ ପ୍ରଦେଶର ଦ୍ରୁତ ବୋଲର ମିବୋମ ମୋସୁ ଲିଷ୍ଟ-ଏ କ୍ରିକେଟ୍‌ରେ ଗୋଟିଏ ମ୍ୟାଚରେ ସବୁଠୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଗତକାଲି ସେ ବିହାର ବିପକ୍ଷରେ ୯ ଓଭର ବୋଲିଂ କରି ୧୧୬ ରନ ବ୍ୟୟ କରିଥିଲେ। ପୂର୍ବରୁ ଲିଷ୍ଟ-ଏ'ରେ ସବୁଠୁ ମହଙ୍ଗା ବୋଲର ହେବାର ଅଲୋଡ଼ା ରେକର୍ଡ ନେଦରଲାଣ୍ଡସର ବାସ୍ ଡି ଲିଡ୍‌ଙ୍କ ନାମରେ ରହିଥିଲା। ୨୦୨୩ରେ ଲିଡ୍ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୧୧୫ ରନ ବ୍ୟୟ କରିଥିଲେ।





## ଆଜିଠାରୁ ଚତୁର୍ଥ ଆସେସ୍ ଟେଷ୍ଟ / ୪ ବର୍ଷ ପରେ ଫେରିଲେ ରିଚାର୍ଡସନ୍

ମେଲବୋର୍ଣ୍ଣ,୨୫।୧୨(ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆସନ୍ତାକାଲିଠାରୁ ଆସେସ୍ ସିରିଜ୍‌ର ଚତୁର୍ଥ ମୁକାବିଲା ଏଠାରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟି ମୁକାବିଲାରେ ଅଷ୍ଟ୍ରେଲିଆ ସହଜ ବିଜୟ ହାସଲ କରି ଆସେସ୍ କବ୍‌ଜା କରିନେଇଛି। ଏହି ବିଜୟ ଘରୋଇ ଦଳକୁ ସନ୍ତୁଷ୍ଟି ଦେଇନାହିଁ। ଚତୁର୍ଥ ତଥା ବକ୍ସିଂ ଡେ' ଟେଷ୍ଟରେ ଦଳ କିପରି ବିଜୟୀ ହେବ ସେଥିଲାଗି ଆଗୁଆ ଯୋଜନା କରିଛି। ମ୍ୟାଚ୍ ଆରମ୍ଭର ଗୋଟିଏ ଦିନ ପୂର୍ବରୁ ୧୨ଜଣିଆ ଦଳ ଘୋଷଣା କରିଛି। ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଦଳର ନେତୃତ୍ୱ ନେଉଛନ୍ତି। ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରଥମ ଦୁଇଟି ଟେଷ୍ଟରେ ଅଷ୍ଟ୍ରେଲିଆ ଯେପରି ପ୍ରଦର୍ଶନ କରିଛି, ଶେଷ ଦୁଇଟି ଟେଷ୍ଟରେ ତାହାର ପୁନରାବୃତ୍ତି ହେବ ବୋଲି ଦଳ ଆଶା ରଖିଛି। ଘୋଷଣା କରାଯାଇଥିବା ୧୨ଜଣ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଗ୍ରୀନ୍‌ଙ୍କୁ ମିଶାଇ ୬ଜଣ ଫାଷ୍ଟ ବୋଲର ରହିଛନ୍ତି। ଏହା ମଧ୍ୟରୁ ଗ୍ରୀନ୍‌ଙ୍କ ବ୍ୟତୀତ ୪ଜଣ ଫାଷ୍ଟ ବୋଲର ଖେଳିବା ନିଶ୍ଚିତ। ମିଚେଲ ଷ୍ଟାର୍କ, ସ୍କଟ ବୋଲାଣ୍ଡ, ବ୍ରେଣ୍ଡାନ ଡୋଗେଟ, ମାଇକେଲ ନେସର ଓ ଝାଇ ରିଚାର୍ଡସନ ରହିଛନ୍ତି। ରିଚାର୍ଡସନ ଯଦି ସୁଯୋଗ ପାଆନ୍ତି, ତେବେ ୪ ବର୍ଷ ପରେ ସେ ଟେଷ୍ଟ କ୍ରିକେଟ ଖେଳିବେ। ନାଥାନ ଲାୟନଙ୍କ ସ୍ଥାନରେ ଟଡ୍ ମର୍ଫି ଏକମାତ୍ର ସ୍ପିନର ଭାବେ ରହିଛନ୍ତି।



ଅନ୍ୟପକ୍ଷରେ କ୍ରମାଗତ ପରାଜୟ ପରେ ଇଂଲଣ୍ଡ ଦଳ ପ୍ରବଳ ଚାପରେ ରହିଛି। ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ଲାଗି ଶେଷ ଦୁଇଟି ଟେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଉଭୟଙ୍କ କ୍ୟାରିୟରରେ ଏହି ଟେଷ୍ଟର ଫଳାଫଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଝିରେ ବିଶ୍ରାମ ନେବାବେଳେ ଖେଳାଳିଙ୍କ ଅତ୍ୟଧିକ ମଦ୍ୟପାନ ଯୋଗୁ ଦଳ ସମାଲୋଚିତ ହୋଇଛି। ଏଣୁ ଶେଷ ଦୁଇଟି ଟେଷ୍ଟରେ ଦଳ ଭଲ ପ୍ରଦର୍ଶନ ନ କଲେ ମ୍ୟାକ୍‌କୁଲାମ ଇସ୍ତଫା ଦେବାର ଆଶଙ୍କା ରହିଛି।

**ଖେଳ ଆରମ୍ଭ : ଭୋର ୫ଟା**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ

### ବିଡବ୍ଲ୍ୟୁଏଫ୍ ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ମନୋନୀତ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଦୁଇ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ ମିଳିଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍‌ର ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ଭାବେ ସିନ୍ଧୁ ମନୋନୀତ ହୋଇଛନ୍ତି। ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ଏହି ବଡ଼ ଦାୟିତ୍ୱକୁ ନେଇ ସିନ୍ଧୁ କହିଛନ୍ତି, 'ମୁଁ ଏହି ଭୂମିକାକୁ ଆଥ୍‌ଲେଟ ଓ ପ୍ରଶାସନ ମଧ୍ୟରେ ଏକ ସେତୁ ଭାବେ ଦେଖୁଛି। ଆମ କ୍ରୀଡ଼ାରେ ପ୍ରତିନିଧିଭାବେ କାର୍ଯ୍ୟ କରୁଥିବା ଆଥ୍‌ଲେଟ୍‌ମାନଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ଆଥ୍‌ଲେଟ୍‌ଙ୍କ ସ୍ୱର ଓ ଦାବିକୁ ମୁଁ ସ୍ପଷ୍ଟ ଭାବେ ଉଠାଇବି'। ସିନ୍ଧୁଙ୍କୁ ସହାୟତା କରିବା ଲାଗି ନେଦରଲାଣ୍ଡସର ଡେବୋରା ଜିଲି ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସିନ୍ଧୁ ଏଥିପୂର୍ବରୁ ୨୦୧୭ରୁ କମିଶନ ଓ ୨୦୨୦ରୁ ବିଡବ୍ଲ୍ୟୁଏଫ୍ ଇଣ୍ଟିଗ୍ରିଟି ଆମ୍ବାସାଡର ଭାବେ କାର୍ଯ୍ୟ କରିଥିଲେ।





## ରୋହିତ୍‌ଙ୍କୁ ନେଇ ଦ୍ୱନ୍ଦ୍ୱ

ବିଜୟ ହଜାରେ ଟ୍ରଫିରେ ମୁମ୍ବଇ ପକ୍ଷରୁ ଖେଳୁଥିବା ରୋହିତ୍ ଶର୍ମାଙ୍କ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହି ଫଟୋରେ ମୁମ୍ବଇ ଦଳର ୱିକେଟ୍‌କିପର ହାର୍ଦ୍ଦିକ ତୋମାରଙ୍କ ନିକଟରେ ସ୍ଲିପରେ ରୋହିତ ଫିଲ୍ଡିଂ କରୁଥିବାର ଦେଖିବାକୁ ମିଳୁଛି। ତେବେ ଏହି ଦୁଇଜଣଙ୍କ ମଧ୍ୟରୁ ରୋହିତ୍ କିଏ ତାହାକୁ ନେଇ ପ୍ରଶଂସକ ବେଶ୍ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କାହିଁକି ନା ତୋମାର ଅବିକଳ ରୋହିତ୍‌ଙ୍କ ପରି ଦେଖାଯାଉଥିବାରୁ ପ୍ରଶଂସକଙ୍କୁ ରୋହିତ୍ କିଏ ବୋଲି ଚିହ୍ନିବା କାଠିକର ହୋଇଛି।

## ଜାତୀୟ ସିନିଅର ଥ୍ରୋବଲ: ଏଥର ପଦକ ଜିତିବ ଓଡ଼ିଶା

ଭୁବନେଶ୍ୱର, ୨୫।୧୨ (ସମିସ): କେରଳର କୋଟାୟମଠାରେ ଆସନ୍ତା ୨୮ରୁ ୩୧ ତାରିଖଯାଏ ୪ତମ ଜାତୀୟ ସିନିଅର ଥ୍ରୋବଲ ଲାଗି ଓଡ଼ିଶା ଦଳ ଆସନ୍ତାକାଲି କୋଟାୟମ ଯିବ। ଏଥିରେ ମୋଟ ୩୪ଜଣ ଖେଳାଳି ରହିଥିଲାବେଳେ ମହିଳା ଦଳର ନେତୃତ୍ୱ ନେଉଛନ୍ତି ସୁଧାସିନ୍ଧୁ ସାହୁ ଓ ସୁଶାନ୍ତ ଦାସ ପୁରୁଷ ଦଳର ଅଧିନାୟକ ରହିଛନ୍ତି। କୋଚ୍ ଦିପ୍ତୀରଞ୍ଜନ ସାମନ୍ତରାୟ ଓ ମ୍ୟାନେଜର ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କେରଳ ଯାଇଥିବା ଓଡ଼ିଶା ଦଳ ଏଥର ପଦକ ଜିତିବ ବୋଲି ଓଡ଼ିଶା ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଜଣାଇଛନ୍ତି।

## ମୁକ୍ତେଶ୍ୱର କପ୍: ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର, ୨୫।୧୨ (ସମିସ): ପ୍ରଥମ ଦଳ ଭାବେ ପାରାମାଉଣ୍ଟ ସ୍ପୋର୍ଟ୍ସ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟ୍ସ ୧୯ ରନରେ ନିମପୁରର ରାଇଜିଂ ଷ୍ଟାର୍ କ୍ଲବକୁ ହରାଇଦେଇଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୩୦ ଓଭରରେ ୭ ୱିକେଟ୍ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକହିତ୍ ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ରାଇଜିଂ ଷ୍ଟାର୍ ୨୯.୨ ଓଭରରେ ୧୨୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଇଜିଂ ଷ୍ଟାର୍‌ର ଶୈଳେଶ ନାୟକ ୩୬ ରନ କରିଥିଲେ। ପାରାମାଉଣ୍ଟ ବୋଲର ସ୍ୱାଧୀନ ଓ ଶୁଭେନ୍ଦୁଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ପ୍ରତୀକହିତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଓଡ଼ିଶା ଜୁନିଅର ଦଳର ବୋଲିଂ କୋଚ୍ ପ୍ରୀତମଜିତ୍ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟ୍ସ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ।



### ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍

## ମାନେଶ୍ୱରୀଙ୍କୁ କାଂସ୍ୟ

କଟକ,୨୫।୧୨(ସମିସ): ଛତିଶଗଡର ରାୟପୁରରେ ଚାଲିଥିବା ୪୫ତମ ଜାତୀୟ ଜୁନିୟର ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦ୍ୱିତୀୟ ପଦକ ମିଳିଛି। ଏକକ ବାଳିକା ରିକର୍ଭ ରାଉଣ୍ଡରେ ମାନେଶ୍ୱରୀ ହାଁସଦା ନିକଟତମ ପ୍ରତିଦ୍ୱନ୍ଦୀ ଉତ୍ତରପ୍ରଦେଶର ମାଧବୀ ଚୌହ୍ୱାନଙ୍କୁ ଟାଇବ୍ରେକରରେ ପରାସ୍ତ କରି କାଂସ୍ୟ ବିଜୟୀ ହୋଇଛନ୍ତି। ପଦକ ହାସଲ କରିବାରେ ମାନେଶ୍ୱରୀ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ରିକର୍ଭ ଖେଳାଳି। ଯୁକ୍ତ ଦୁଇରେ ପାଠ ପଢୁଥିବା ମାନେଶ୍ୱରୀ ହେଉଛନ୍ତି କିସ୍‌ର ପ୍ରଶିକ୍ଷକ ରାଜେଶ ହାଁସଦାଙ୍କ ଝିଅ। ଏହି ସଫଳତା ପାଇଁ ମାନେଶ୍ୱରୀଙ୍କୁ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



## ବିଦ୍ୟାଳୟ ସମୂହ ଅସି ଚାଳନା ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୫।୧୨(ସମିସ): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଆସନ୍ତା ୨୭ରୁ ୩୧ ଯାଏ ୧୭ ବର୍ଷରୁ କମ୍ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳକୁ ଆଜି ଓଡ଼ିଶା ଛାଡିବା ପୂର୍ବରୁ ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ପ୍ରତିଯୋଗିତା ଲାଗି ମନୋନୀତ ବାଳକ ଖେଳାଳିମାନେ ହେଲେ ନିଶାଙ୍କ ପଟେଲ, ବିଭୁତି ପଟେଲ୍, ଲିଖିତ ବିଶ୍ୱାଳ, ସମୀର ପରାଭୁଏ, ମାନସ ପଧାନ, କାହ୍ନା ଗଡତିଆ, ସ୍ୱାଗତ ପଟେଲ, ହିସେଠ ଖୋରା, ପ୍ରେମ୍‌ଜିତ ବେଶରା, ଦେବାଶିଷ ପଟେଲ, ଜୀବନଜ୍ୟୋତି ପାଇକରାଏ, ଅବିନାଶ ସ୍ୱାଇଁ। ବାଳିକା ବିଭାଗରେ ଶୁଭଶ୍ରୀ ନାଏକ, ଝିଲି ସେଠ୍, ଅର୍ଚ୍ଚିତା ଛତ୍ରିଆ, ସଞ୍ଜନା ଜାଲ, ଝରଣା ସେଠ୍, ମୁକ୍ତି ବିଶ୍ୱାଳ, ଅମ୍ରିତା ଆଡଜୁଆଡି, ମୁସ୍କାନ ନାଗ, ଶ୍ରୀୟାଶ୍ରୁତି ପଟେଲ, ରୁକ୍ମଣୀ ସୁନା, ସାରିକା ପଟେଲ ଓ ପ୍ରିୟଙ୍କା ବାରିକ ମନୋନୀତ ହୋଇଛନ୍ତି। ପୁରନ୍ଦର ସେଠ୍ ଓ ଅନ୍ୱେଷା ରାଉତ ପ୍ରଶିକ୍ଷକ, କ୍ଷିତେଶ୍ୱର ବିଶ୍ୱାଳ ଓ ସ୍ୱପ୍ନା ସେଠ୍ ପ୍ରବନ୍ଧକ ଭାବେ ଦଳ ସହ ଯାଇଛନ୍ତି ବୋଲି ଓଡ଼ିଶା ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS